୬ ଟି-ଟ୍ୱେଣ୍ଟି ବିଶ୍ୱକପ ପୂର୍ବରୁ ଇଂଲଣ୍ଡ ବିପକ୍ଷରେ ଭାରତର ଦମ୍‌ଦାର ବିଜୟ




ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

32 YEARS

ସମ୍ବାଦ କଳିକା

The Sambad Kalika ™

E-mail : sambadkalikanews@gmail.com

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹2.00

● ବର୍ଷ–୩୩ ● ସଂଖ୍ୟା–୧୧୯ ● ୩୦ ମଇ ୨୦୨୬ ଶନିବାର ● ଭୁବନେଶ୍ୱର ● Vol -33 ● Issue-119 ● 30th May 2026, Saturday ● Bhubaneswar

RNI Regd.No. : 52640/94 Postal Regd.No. : BN-60/25-27


# ନିଟ୍ ମାମଲାରେ ପ୍ରଧାନମନ୍ତ୍ରୀ ନଜର ରଖିଛନ୍ତି

**ନୂଆଦିଲ୍ଲୀ, ୨୯ ।୫**

ନିଟ୍ ମାମଲାରେ ସୁପ୍ରିମକୋର୍ଟରେ କେନ୍ଦ୍ର ସରକାର ଜବାବ ରଖିଛନ୍ତି। ସୁପ୍ରିମକୋର୍ଟ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନିଜେ ଏହି ମାମଲା ଉପରେ ନଜର ରଖିଛନ୍ତି।

କେନ୍ଦ୍ର ସରକାର ଏବେ ଦେଶବ୍ୟାପୀ ଆଲୋଚନାର ବିଷୟ ପାଲଟିଥିବା ନିଟ୍ ପେପର୍ ଲିକ୍ ମାମଲା ସମ୍ପର୍କରେ ସମ୍ପୂର୍ଣ୍ଣ ସତର୍କ ଥିବା ପରି ମନେ ହେଉଛି। ଶୁକ୍ରବାର ସୁପ୍ରିମକୋର୍ଟର ଶୁଣାଣି ସମୟରେ କେନ୍ଦ୍ର ସରକାର ଏକ ଗୁରୁତ୍ୱପୂର୍ଣ୍ଣ ବିବୃତ୍ତି ଦେଇ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନିଜେ ସମଗ୍ର ମାମଲା ଉପରେ ନଜର ରଖିଛନ୍ତି। ସରକାର କୋର୍ଟଙ୍କୁ ଆଶ୍ୱାସନା ଦେଇଛନ୍ତି ଯେ ଭବିଷ୍ୟତରେ ଏପରି ଘଟଣା ରୋକିବା ପାଇଁ ଏକ ଦୃଢ଼ ଏବଂ ସ୍ୱଚ୍ଛ ବ୍ୟବସ୍ଥା ବିକଶିତ କରାଯାଉଛି।



ଶୁଣାଣି ସମୟରେ, ସୁପ୍ରିମକୋର୍ଟ ପରୀକ୍ଷା ବ୍ୟବସ୍ଥା ବିଷୟରେ ଚିନ୍ତା ପ୍ରକାଶ କରିଛନ୍ତି। କୋର୍ଟ କହିଛନ୍ତି ଯେ ଲକ୍ଷ ଲକ୍ଷ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସହିତ ଜଡିତ ଏପରି ମାମଲାରେ ଯେକୌଣସି ଅବହେଳା ଗ୍ରହଣୀୟ ନୁହେଁ। କୋର୍ଟ ସ୍ପଷ୍ଟ ଭାବରେ କହିଛନ୍ତି ଯେ ପରୀକ୍ଷା ପ୍ରକ୍ରିୟା ସମ୍ପୂର୍ଣ୍ଣ ନିରପେକ୍ଷ, ସୁରକ୍ଷିତ ଏବଂ ନିର୍ଭରଯୋଗ୍ୟ ହେବା ଉଚିତ। ଏହା ମଧ୍ୟ ଗୁରୁତ୍ୱାରୋପ କରିଛି ଯେ କଠିନ ପରିଶ୍ରମୀ ଛାତ୍ରଛାତ୍ରୀମାନେ ବ୍ୟବସ୍ଥା ଉପରେ ବିଶ୍ୱାସ ନ ହରାଇବେ ତାହା ନିଶ୍ଚିତ କରିବା ଉଚିତ।

ପୂର୍ବରୁ, କୋର୍ଟ ସରକାରଙ୍କୁ ପଚାରିଥିଲେ ଯେ ପେପର୍ ଲିକ୍ ଭଳି ଭବିଷ୍ୟତର ଘଟଣାଗୁଡ଼ିକୁ ରୋକିବା ପାଇଁ କ'ଣ ଠୋସ୍ ପଦକ୍ଷେପ ନିଆଯାଉଛି। କେନ୍ଦ୍ର ସରକାର ପ୍ରତିକ୍ରିୟା ଦେଇ କହିଥିଲେ ଯେ ସରକାର ଏହି ମାମଲାକୁ ବହୁତ ଗମ୍ଭୀରତାର ସହ ନେଉଛନ୍ତି ଏବଂ ପ୍ରଧାନମନ୍ତ୍ରୀ ନିଜେ ଏହାକୁ ନଜର ରଖୁଛନ୍ତି।

ସରକାର ସୁପ୍ରିମକୋର୍ଟଙ୍କୁ ଅବଗତ କରାଇଛନ୍ତି ଯେ ପରୀକ୍ଷା ବ୍ୟବସ୍ଥାକୁ ଆହୁରି ମଜଭୁତ କରିବା ପାଇଁ ବିଭିନ୍ନ ସ୍ତରରେ ପରିବର୍ତ୍ତନ କରାଯାଉଛି। ପ୍ରଶ୍ନପତ୍ର ସୁରକ୍ଷା, ଡିଜିଟାଲ୍ ତଦାରଖ, ପରୀକ୍ଷା କେନ୍ଦ୍ରର ତଦାରଖ ଏବଂ ବୈଷୟିକ ବ୍ୟବସ୍ଥାକୁ ସୁଦୃଢ଼ କରାଯାଉଛି। ଏହା ବ୍ୟତୀତ, (ପୃଷ୍ଠା ୭ରେ)

# ଏଥର ସ୍ୱାଭାବିକ ଠାରୁ କମ୍ ବର୍ଷା : ଆଇଏମ୍‌ଡି ଡିଜି

**ନୂଆଦିଲ୍ଲୀ, ୨୯ ।୫**

ଦେଶରେ ମୌସୁମୀ ବର୍ଷା ଆଗମନ ପୂର୍ବରୁ ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ ଘୋଷଣା କରାଯାଇଛି। ଆଇଏମ୍‌ଡି ଡିଜି ଡ. ମୃତ୍ୟୁଞ୍ଜୟ ମହାପାତ୍ର ସାମ୍ବାଦିକ ସମ୍ମିଳନୀରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ନେଇ ସୂଚନା ଦେଇଛନ୍ତି।

ଏଥର ଜୁନ୍‌ରୁ ସେପ୍ଟେମ୍ବର ମଧ୍ୟରେ ସ୍ୱାଭାବିକଠାରୁ କମ୍ ବର୍ଷା ହେବ ବୋଲି ଆକଳନ କରାଯାଇଛି । ଏଥର ଜୁନ୍‌ରୁ ସେପ୍ଟେମ୍ବର ମଧ୍ୟରେ ସ୍ୱାଭାବିକଠାରୁ କମ୍ ବର୍ଷା ହେବ । ଜୁନ୍‌ରେ ସ୍ୱାଭାବିକଠାରୁ ୯୨ ପ୍ରତିଶତ କମ୍ ବର୍ଷା ହେବ । ଏଥର ଓଡ଼ିଶାରେ ମଧ୍ୟ ସ୍ୱାଭାବିକ ଠାରୁ କମ୍ ବର୍ଷା ହେବା ନେଇ ପୂର୍ବାନୁମାନ କରାଯାଇଛି । ଚଳିତ ମୌସୁମୀ ଋତୁରେ ହାରାହାରି ବର୍ଷା ପରିମାଣ ୯୦% ରହିବ। ଦେଶର ଉତ୍ତର-ପୂର୍ବରେ ସ୍ୱାଭାବିକ ବର୍ଷା, ଅନ୍ୟ ଭାଗରେ କମ୍ ବର୍ଷା ହେବାର ସମ୍ଭାବନା ରହିଛି । ଜୁନ୍‌ରେ ସ୍ୱାଭାବିକଠାରୁ ୯୨ ପ୍ରତିଶତ କମ୍ ବର୍ଷା ହେବ। ଦେଶର ମଧ୍ୟ ଭାଗରେ ୯୪% କମ୍ ବର୍ଷା ହେବା ଆଶଙ୍କା ରହିଛି। ଓଡ଼ିଶାରେ ମଧ୍ୟ ସ୍ୱାଭାବିକଠୁ କମ୍ ବର୍ଷା ହେବ। ଏବେ ଏଲ୍ -ନିନୋ ସ୍ଥିତିରେ ପରିବର୍ତ୍ତନ ଦେଖିବାକୁ ମିଳୁଛି।



ଓଡ଼ିଶା, ଆନ୍ଧ୍ରପ୍ରଦେଶ ଓ ମହାରାଷ୍ଟ୍ରରେ ହିଟ୍ ୱେଭ୍ ସତର୍କତା ଜାରି କରାଯାଇଛି।

ସେପଟେ ୧୬ ତାରିଖରେ ମୌସୁମୀ ଆଣ୍ଡାମାନ ଛୁଇଁ ସାରିଥିବ ବୋଲି ଆଇଏମଡି ଡିଜି ସୂଚନା ଦେଇଛନ୍ତି। ଆଶାକରାଯାଇଥିବା ସ୍ୱାଭାବିକଠାରୁ କମ୍ ବର୍ଷା ପଛରେ ଏକ "ସୁପର ଏଲ୍ ନିନୋ" କୁ କାରଣ ଭାବରେ ଦର୍ଶାଯାଇଛି। ଭୟଙ୍କର ତଥା ଚିନ୍ତାଜନକ ଖବର ଦେଇଛି ଭାରତୀୟ ପାଣିପାଗ ବିଭାଗ। ଦକ୍ଷିଣ ପଶ୍ଚିମ ମୌସୁମୀ ସମୟରେ ହିଁ ଭାରତକୁ ହିଟ କରିବ ଏଲ ନିନୋ। ଏହା ମୌସୁମୀ ବର୍ଷାକୁ ଦେଶରେ ଧିମା କରି ଦେବ। ଗତ ୩ ବର୍ଷ ମଧ୍ୟରେ ଏଲ ନିନୋ ଯୋଗୁ ଦେଶରେ ସବୁଠାରୁ କମ ବର୍ଷ ହେବ ବୋଲି ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ବାରଙ୍ଗ ଥାନାରେ ଥାର୍ଡ ଡିଗ୍ରୀ ଅଭିଯୋଗ

# ରିପୋର୍ଟ ତଲବ କଲେ ଡିଜିପି

**କଟକ, ୨୯ ।୫ : ନ୍ୟୁଜ୍ ବ୍ୟୁରୋ**

ବାରଙ୍ଗ ଥାନାରେ ଥାର୍ଡ ଡିଗ୍ରୀ ଅଭିଯୋଗ ଘଟଣା ଶୁକ୍ରବାର ଉଗ୍ରରୂପ ନେବା ପରେ ପୋଲିସ କମିଶନରଙ୍କଠାରୁ ରିପୋର୍ଟ ତଲବ କରିଛନ୍ତି ପୋଲିସ ଡିଜି। ଆଉ ରିପୋର୍ଟ ଦେଖିବା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ଡିଜି କହିଛନ୍ତି। ଲୋକଙ୍କ ପ୍ରବଳ ଆକ୍ରୋଶକୁ ଦେଖି କୌଣସି ଅଘଟଣ ଆଶଙ୍କାରେ ବାରଙ୍ଗ ଥାନାକୁ ବ୍ୟାପକ ପୋଲିସ ଘେରି ରହିଛନ୍ତି।

ବାରଙ୍ଗ ଥାନାରେ ଯୁବକଙ୍କୁ ଥାର୍ଡ ଡିଗ୍ରୀ ଅଭିଯୋଗ ଘଟଣାରେ ପୁଣି ତାତିଲେ ଲୋକେ। ଆହତ ଯୁବକଙ୍କ ସ୍ୱାସ୍ଥ୍ୟବସ୍ଥା ବିଗୁଡୁଥିବା ଏବଂ ତାଙ୍କୁ ପରିବାର ଲୋକଙ୍କୁ ଭେଟିବାକୁ ସୁଯୋଗ ମିଳୁନଥିବା ଅଭିଯୋଗ ପରେ ଶୁକ୍ରବାର ପୁଣି ସ୍ଥାନୀୟ ଲୋକେ ରାସ୍ତାରୋକ କରିଛନ୍ତି। ଅପରାହ୍ନ ୨ଟା ପରେ ଦୀର୍ଘ ସମୟ ଧରି କଟକ-ଭୁବନେଶ୍ୱର ମୁଖ୍ୟ ରାସ୍ତାରେ ଯାନବାହନ ଚାଳାଚଳ ବନ୍ଦ ରହିଥିଲା।



ଏପଟେ ପ୍ରବଳ ଉତ୍ତେଜନା ପରେ ବାରଙ୍ଗରେ ଥାନା ନିକଟରେ ୫ ପ୍ଲାଟୁନ୍ ଫୋର୍ସ ମୁତୟନ ହୋଇଛନ୍ତି। ଉତ୍ତେଜନା ଏବି ବି ଥମନି। ସେପଟେ କଟକ ଡିସିପି ଋଷିକେଶ ଖିଲାରି ଥାର୍ଡ ଡିଗ୍ରୀ ଅଭିଯୋଗକୁ ଅସ୍ୱୀକାର କରିଥିବା ବେଳେ ଏ ଘଟଣାରେ ସିପିଙ୍କୁ ରିପୋର୍ଟ ମାଗିଛନ୍ତି ପୋଲିସ ଡିଜି।

# ୩ରେ ରାଜ୍ୟ କ୍ୟାବିନେଟ୍

**ଭୁବନେଶ୍ୱର, ୨୯ ।୫**

**ନ୍ୟୁଜ୍ ବ୍ୟୁରୋ**

ଆସନ୍ତା ଜୁନ୍ ୩ ତାରିଖରେ ବସିବ ରାଜ୍ୟ କ୍ୟାବିନେଟ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନରେ ଅନୁଷ୍ଠିତ ହେବ ଏହି ବୈଠକ। ୧୨ଟି ଏଜେଣ୍ଡା ଉପରେ ହୋଇପାରେ ଆଲୋଚନା । ସେଥିପାଇଁ ବିଭାଗମାନେ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ବୈଠକରେ ମନ୍ତ୍ରୀ ପରିଷଦର ସଦସ୍ୟଙ୍କ ସହ ବିଭାଗୀୟ ସଚିବ ଉପସ୍ଥିତ ରହିବେ।

# ୫୦% ଖର୍ଚ୍ଚ ପୌରପରିଷଦ ତୁଲାଇବାକୁ କାର୍ଯ୍ୟଖସଡ଼ା ପ୍ରସ୍ତୁତ ପାଇଁ ଆହ୍ୱାନ

**ଭୁବନେଶ୍ୱର, ୨୯ ।୫**

**ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶାର ସମସ୍ତ ସହରାଞ୍ଚଳ ସ୍ଥାନୀୟ ସଂସ୍ଥାର କମିଶନର ଏବଂ ନିର୍ବାହୀ ଅଧିକାରୀମାନଙ୍କୁ ନେଇ ଶୁକ୍ରବାର ଆଭାସୀ ମାଧ୍ୟମରେ ଏକ ସମୀକ୍ଷା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା।

ଏହି ସମ୍ମିଳନୀରେ ସହରାଞ୍ଚଳ ଶାସନ, ପୌର ସେବା ଯୋଗାଣ, ଆର୍ଥିକ ପରିଚାଳନା, ଭିତ୍ତିଭୂମି ବିକାଶ, ପରିମଳ, ଗୃହନିର୍ମାଣ, ଜଳ ଯୋଗାଣ ଏବଂ ରାଜ୍ୟର ପ୍ରମୁଖ ସହରୀ ଯୋଜନାଗୁଡ଼ିକର ସଫଳ ରୂପାୟନ ସମ୍ପର୍କରେ ସମୀକ୍ଷା କରାଯାଇଥିଲା। ଏହି ଦିନିକିଆ ସମୀକ୍ଷା ବୈଠକରେ ବିଭାଗର ବରିଷ୍ଠ ଅଧିକାରୀଙ୍କ ସମେତ ୱାଟକୋ, ପିଏଚ୍‌ଇଓ, କୁଟ୍, ପିଏମ୍‌ଏୱାଇ-ୟୁ , ଓୟୁଏଚ୍‌ଏମ୍ ଏବଂ ଅନ୍ୟାନ୍ୟ ଅନୁବନ୍ଧିତ ସଂସ୍ଥାର ପ୍ରତିନିଧିମାନେ ଅଂଶଗ୍ରହଣ କରିଥିଲେ।

ଏହି ସମୀକ୍ଷା ବୈଠକରେ ଗୃହନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣ ଚନ୍ଦ୍ର ମହାପାତ୍ର ଭିଡିଓ (ପୃଷ୍ଠା ୭ରେ)








# ବରଗଡ଼ ସହରାଞ୍ଚଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବିଦ୍ୟୁତସେବା ବ୍ୟାହତ : ରୋଗୀ ହନ୍ତସନ୍ତ

**ବରଗଡ଼, ନ୍ୟୁଜ୍ ବ୍ୟୁରୋ**

ବରଗଡ଼ ଜିଲ୍ଲାରେ ସ୍ୱାସ୍ଥ୍ୟସେବା ଭୁଶୁଡ଼ି ପଡ଼ିଛି। ଏହା ନୂଆଁ କଥା ନୁହେଁ। ବର୍ଷବର୍ଷ ଧରି ଏଠାରେ ଏହି ସମସ୍ୟା ଲାଗି ରହିଛି। ଡାକ୍ତର ଏବଂ ଅନ୍ୟ ବିଭାଗୀୟ କର୍ମଚାରୀ ପଦବୀ ଖାଲି ପଡ଼ିବା ସାଧାରଣରେ ପରିଣତ ହୋଇ ପଡ଼ିଛି। ସେହିପରି ବିଭିନ୍ନ ଆନୁସଙ୍ଗିକ ସୁବିଧା ମଧ୍ୟ ଅପହଞ୍ଚ ହୋଇ ପଡୁଛି। କେତେବେଳେ କାର୍ଡ଼ବୋର୍ଡ଼ରେ ହାଡ଼ଭଙ୍ଗା ରୋଗୀଙ୍କ ଚିକିତ୍ସା ତ ଆଉକେବେ ବିଦ୍ୟୁତ ସେବା ବ୍ୟାହତ ଯୋଗୁ ମୋବାଇଲ ଫୋନ୍ ଆଲୁଅ ସହାୟତାରେ ଚିକିତ୍ସା ଚାଲିବା ନଜୀର ରହିଛି। ସେହି ଘଟଣା ଏବେ ମଧ୍ୟ ଲୋକଙ୍କ ଆଖିରୁ ଲିଭି ନଥିବାବେଳେ ତାକୁ ନେଇ ଚର୍ଚ୍ଚା ମଧ୍ୟ ଥମି ନାହିଁ। ଅନ୍ୟପଟେ ସୋମବାର ଜିଲ୍ଲା ସଦର ମହକୁମା ତଥା ବରଗଡ଼ ସହରସ୍ଥିତ ସହରାଞ୍ଚଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆଉ ଏକ ବିକଳ ଚିତ୍ର ଦେଖିବାକୁ ମିଳିଥିଲା। ଦୀର୍ଘ ୩ଘଣ୍ଟା ଧରି ବିଦ୍ୟୁତ ସରବରାହ ବ୍ୟାହତ ହୋଇ ପଡ଼ିବା ଏବଂ ଜେନେରେଟର ମଧ୍ୟ କାମ ନ କରିବାରୁ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସାଧିନ ରୋଗୀଙ୍କୁ ତାତି, ଗୁଳଗୁଳିରୁ କଲବଲ ହେବାକୁ ପଡ଼ିଥିଲା।

ସ୍ୱାସ୍ଥ୍ୟକେନ୍ଦ୍ରରେ ଅନେକ ରୋଗୀ ଚିକିତ୍ସାଧିନ ହେଉଥିଲେ। କାହା ହାତରେ ସାଲାଇନ ଲାଗିଥିଲା ତ ଆଉ କେହି ବେଡ୍‌ରେ ବିଶ୍ରାମ ନେଇଥିଲେ। ଡାକ୍ତରଖାନାର ଉଭୟ ମହିଳା, ପୁରୁଷ ୱାର୍ଡ଼ରେ ରୋଗୀମାନେ ଏଭଳି ରହିଥିଲେ।



ମାତ୍ର ଦିନବେଳା ହଠାତ୍ ବିଦ୍ୟୁତ ସରବରାହ ବ୍ୟାହତ ହୋଇ ପଡ଼ିଥିଲା। ସ୍ୱାସ୍ଥ୍ୟକେନ୍ଦ୍ର ଛାତରେ ଘୂରୁଥିବା ପଙ୍ଖା ବନ୍ଦ ହୋଇ ଯାଇଥିଲା। ଜେନେରେଟରରେ ବିଦ୍ୟୁତ ସଂଯୋଗ କରାଯିବ ଏବଂ ପୁଣି ପଙ୍ଖା ଘୂରିବ ବୋଲି ରୋଗୀ ଏବଂ ସେମାନଙ୍କ ଆଟେଣ୍ଡାଣ୍ଟମାନେ ଭାବିଥିଲେ। ହେଲେ ଜେନେରେଟର ବି କାମ କଲା ନାହିଁ ଏବଂ ଦୀର୍ଘ ଘଣ୍ଟା ଧରି ଗୁଳଗୁଳିରେ ରୋଗୀଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ର ଭିତରେ ରହିବାକୁ ପଡ଼ିଲା। ରୋଗୀଙ୍କ ପାଖରେ ତାଙ୍କ ଆଟେଣ୍ଡେଣ୍ଟ ମାନଙ୍କ ମଧ୍ୟରୁ କେହି ଗାମୁଛା, ଓଢ଼ଣୀ ବୁଲାଇ ପବନ ଦେଉଥିଲେ ତ ଆଉ କେହି ବିଞ୍ଚଣା ବୁଲାଉ ଥିଲେ। ସେହିପରି ଅନେକ ବେଡ୍‌ରୁ ଉଠି ବାହାରକୁ ମଧ୍ୟ ଚାଲି ଆସିଥିଲେ। ଡାକ୍ତରଖାନା ବାହାରକୁ ଆସିଲେ ମଧ୍ୟ କୌଣସି ନିସ୍ତାର ମିଳି ନଥିଲା। ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସାଧିନ ଥିବା ଭେଡ଼େନ ବ୍ଲକ ରେଶମ ଗ୍ରାମର ରୁଦ୍ର ଭୋଇ କହିଥିଲେ, ଦେହ ଅସୁସ୍ଥ ହେବାରୁ ବେଡ୍‌ରେ ପଡ଼ିଛି। ୨/୩ଘଣ୍ଟା ହୋଇ ଗଲାଣି, ବିଦ୍ୟୁତ ସେବା ନାହିଁ। ସେହିପରି ଅନ୍ୟଜଣେ ରୋଗୀ କହିଥିଲେ, ଦେହ ଅସୁସ୍ଥ ଥିବା ଯୋଗୁ ଡାକ୍ତରଖାନାକୁ ଆସିଥିଲି। ଡାକ୍ତର ସାଲାଇନ ଲଗାଇଲେ। ବେଡ୍‌ରେ ଥିଲି, ଲାଇନ ପଳାଇ ଗଲା ଯେ ଆଉ ଆସିଲା ନାହିଁ। ବେଡ୍‌ରୁ ଉଠି ବାହାରକୁ ଆସିଛି। ଏଭଳି ହେଲେ ସାଲାଇନ ନେଲେ ମଧ୍ୟ ଆଉ କ'ଣ କାମ କରିବ ବୋଲି ସେ କହିଥିଲେ।

ରଗଡ଼ ସହର ପେଣ୍ଠସ୍ଥଳୀରେ ସହରାଞ୍ଚଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ରହିଛି। ଏହା ପୂର୍ବରୁ ଜିଲ୍ଲା ମୁଖ୍ୟ ଡାକ୍ତରଖାନାଭାବେ ରହିଥିଲା। ସହର ଉପକଣ୍ଠ ଖେଦାପାଲି (ଟୁକୁର୍ଲା)କୁ ମୁଖ୍ୟ ଡାକ୍ତରଖାନା ସ୍ଥାନାନ୍ତର ହେବା ପରେ ଏହା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପରିଣତ ହୋଇଛି। ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ କେବଳ ବରଗଡ଼ ସହର ନୁହେଁ, ସହର ସମେତ ଆଖପାଖ ବିଭିନ୍ନ ଗ୍ରାମ ସମେତ ଜିଲା ତଥା ଜିଲା ବାହାର ଲୋକେ ମଧ୍ୟ ପୂର୍ବଭଳି ନିର୍ଭର କରି ଆସୁଛନ୍ତି। ଫଳରେ ମୁଖ୍ୟ ଡାକ୍ତରଖାନାରୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଖସିଥିଲେ ମଧ୍ୟ ଏଠାରେ ରୋଗୀଙ୍କ ସଂଖ୍ୟା କମିବାର ନାଁ ନେଉ ନାହିଁ। କିନ୍ତୁ ଆଗଭଳି ଏଠାରେ ଆଉ ସ୍ୱାସ୍ଥ୍ୟସେବା ଉପଲବ୍ଧ ହେଉ ନଥିବା ଲୋକେ ଅଭିଯୋଗ କରୁଥିବାବେଳେ ସୋମବାର ଦୀର୍ଘ ସମୟ ଧରି ବିଦ୍ୟୁତ କାଟ୍ ଜ୍ୱଳନ୍ତ ଦୃଷ୍ଟାନ୍ତ ହୋଇ ପଡ଼ିଛି। ତେବେ କେବଳ ଏହି ସ୍ୱାସ୍ଥ୍ୟକେନ୍ଦ୍ରର ଅବସ୍ଥା ଏଭଳି, ତାହା ନୁହେଁ। ଜିଲାର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରଠାରୁ ଆରମ୍ଭ କରି ମୁଖ୍ୟ ଡାକ୍ତରଖାନା ପର୍ଯ୍ୟନ୍ତ ସବୁଠି ବିଭିନ୍ନ ସମୟରେ ରୋଗୀଙ୍କୁ ଏଭଳି ହଟହଟାର ସମ୍ମୁଖୀନ ହେବାକୁ ପଡୁଛି। ଖୋଦ୍? ସ୍ୱାସ୍ଥ୍ୟମନ୍ତ୍ରୀ ଡା. ମୁକେଶ ମହାଲିଙ୍ଗ ବରଗଡ଼ ଜିଲା ପ୍ରଭାରୀ ଥିବାବେଳେ ଏଠାରେ ଏଭଳି ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା ଆହୁରି ଚର୍ଚ୍ଚାର ବିଷୟ ହୋଇଛି। କେବଳ ସେତିକି ନୁହେଁ, ବିଭିନ୍ନ ସମୟରେ ସଭା, ସମିତି ତଥା ଅନ୍ୟାନ୍ୟ କାର୍ଯ୍ୟକ୍ରମରେ ବରଗଡ଼ ବିକାଶମୁହାଁ ହେଉଥିବା ନେଇ ଶାସକ ଦଳର ନେତାମନ୍ତ୍ରୀମାନେ ବାହାସ୍ଫୋଟ ମାରୁଛନ୍ତି। ହେଲେ ସ୍ୱାସ୍ଥ୍ୟକେନ୍ଦ୍ର ଗୁଡ଼ିକରେ ଦେଖାଯାଉଥିବା ଏଭଳି ବିକଳ ଚିତ୍ରରୁ ବରଗଡ଼ ଆଜି କେତେ ବିକଶିତ ତାହା, ସହଜରେ ଅନୁମେୟ ବୋଲି ସାଧାରଣରେ ଆଲୋଚିତ ହେଉଛି। ଏପରିକି ଲୋକେ ଏଭଳି ସମସ୍ୟାର ସମ୍ମୁଖୀନ ହେଉଥିବାବେଳେ ଏଥିପ୍ରତି ବିରୋଧୀ ଦଳ ନେତାଙ୍କ ନୀରବତା ମଧ୍ୟ ସେମାନଙ୍କ ଅପାରଗତାକୁ ପଦାରେ ପକାଇ ଦେଇଛି ବୋଲି ଚର୍ଚ୍ଚା ଜୋର ଧରୁଛି।

# ଧାମନଗର-ଚୁଡ଼ାକୁଟି ରାସ୍ତା ରାପିତାଠାରୁ ମଦ ଦୋକାନ ହଟାଇବାକୁ ଦାବି

**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**

ଏହି ଜିଲ୍ଲାର ଧାମନଗର-ଚୁଡ଼ାକୁଟି ମୁଖ୍ୟ ରାସ୍ତାର ରାପିତା ଠାରେ ଥିବା ସରକାରୀ ବାର୍ ଓ ବିଦେଶୀ ମଦ ଦୋକାନକୁ ସ୍ଥାନାନ୍ତର କରିବା ପାଇଁ ସ୍ଥାନୀୟ ଅଞ୍ଚଳରେ ଜନଅସନ୍ତୋଷ ତେଜିବାରେ ଲାଗିଛି। ଜନବସତି, ମନ୍ଦିର ଏବଂ ଜନଗହଳିପୂର୍ଣ୍ଣ ମୁଖ୍ୟ ରାସ୍ତା କଡ଼ରେ ଥିବା ଏହି ମଦ ଦୋକାନ ଯୋଗୁଁ ପ୍ରତିଦିନ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବା ସହ ଦୁର୍ଘଟଣା ସଂଖ୍ୟା ବୃଦ୍ଧି ପାଉଥିବାରୁ ଏହାକୁ ତୁରନ୍ତ ଉଠାଇବା ପାଇଁ ବିଭିନ୍ନ ମହଲରୁ ଜୋରଦାର ଦାବି ହେଉଛି। ସୂଚନା ଯୋଗ୍ୟ ଯେ, ପ୍ରାୟ ତିନି ବର୍ଷ ପୂର୍ବେ ଯେତେବେଳେ ଏହି ମଦ ଦୋକାନ ଓ ବାର୍ ଏଠାରେ ଖୋଲାଯାଇଥିଲା, ସେତେବେଳେ ସ୍ଥାନୀୟ ଜନସାଧାରଣ ଓ ମହିଳାମାନଙ୍କ ପକ୍ଷରୁ ଏହାକୁ ପ୍ରବଳ ବିରୋଧ କରାଯାଇଥିଲା। ମାତ୍ର ସେହି ସମୟରେ ଅବକାରୀ ଏବଂ ବିଭାଗୀୟ ଅଧିକାରୀମାନେ ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରି କହିଥିଲେ ଯେ, ପରବର୍ତ୍ତୀ ସମୟରେ ଲାଇସେନ୍ସ ନବୀକରଣ ବେଳେ ଏହି ଦୋକାନକୁ ଅନ୍ୟତ୍ର ସ୍ଥାନାନ୍ତରିତ କରାଯିବ। କିନ୍ତୁ ବର୍ତ୍ତମାନ ପୁଣି ଥରେ ସରକାରୀ ସ୍ତରରେ ନବୀକରଣ ପ୍ରକ୍ରିୟା ଚାଲିଥିଲେ ହେଁ, ଦୋକାନ ହଟାଇବା ଦିଗରେ ପ୍ରଶାସନ କୌଣସି ପଦକ୍ଷେପ ନେଉ ନଥିବାରୁ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଉଛି। ପ୍ରଶାସନର ଏଭଳି ଅଭିମୁଖ୍ୟ ପୁରୁଣା ପ୍ରତିଶ୍ରୁତିକୁ ପାଣିର ଗାର ସଦୃଶ ପ୍ରମାଣିତ କରିଛି। 'ରାପିତା' ରାସ୍ତା କଡ଼ରେ ଏହି ଦୋକାନ ଥିବାରୁ ଅଧିକାଂଶ ସମୟରେ ଚାଳକମାନେ ନିଶାସକ୍ତ ଅବସ୍ଥାରେ ବେପରୁଆ ଭାବେ ଗାଡ଼ି ଚଳାଉଛନ୍ତି। ଫଳରେ ଏହି ସ୍ଥାନରେ ଅନେକ ଛୋଟବଡ଼ ଦୁର୍ଘଟଣା ଘଟି ସାରିଲାଣି। ଏପରିକି ବିଗତ ଦିନରେ ଗାଡ଼ି ଧକ୍କାରେ କେତେକ ନିରୀହ ଯୁବକ ଅକାଳରେ ମୃତ୍ୟୁବରଣ କରିଥିବା ଭଳି ଦୁଃଖଦ ଘଟଣା ମଧ୍ୟ ଘଟିଛି। ଏହା ସତ୍ତ୍ୱେ ପ୍ରଶାସନ କାହିଁକି କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଛି, ତାହାକୁ ନେଇ ସ୍ଥାନୀୟ ବୁଦ୍ଧିଜୀବୀ ପ୍ରଶ୍ନ ଉଠାଇଛନ୍ତି। ପାଖରେ ମନ୍ଦିର ଏବଂ ଜନବସତି ଥିବାରୁ ମହିଳା, ସ୍କୁଲ କଲେଜ ଛାତ୍ରଛାତ୍ରୀ ଏବଂ ଶ୍ରଦ୍ଧାଳୁମାନେ ଏହି ବାଟ ଦେଇ ଯାତାୟାତ କରିବା ସମୟରେ ସଂକୋଚ ଓ ଅସୁରକ୍ଷିତ ମଣୁଛନ୍ତି। ଯଦି ଚଳିତ ନବୀକରଣ ସମୟରେ ଏହି ମଦ ଦୋକାନକୁ ଜନବସତିଠାରୁ ଦୂରକୁ ସ୍ଥାନାନ୍ତର କରାନଯାଏ, ତେବେ ଆଗାମୀ ଦିନରେ ଅଞ୍ଚଳବାସୀ ବାଧ୍ୟ ହୋଇ ବ୍ୟାପକ ଆନ୍ଦୋଳନର ପନ୍ଥା ଗ୍ରହଣ କରିବେ ବୋଲି ଚେତାବନୀ ଦେଇଛନ୍ତି ପ୍ରକାଶ ଥାଉକି ଏହି ମଦ ଦୋକାନକୁ ଲାଗି ଆଉ ଗୋଟେ ମଦ ଦୋକାନ ମଧ୍ୟ ନିର୍ମାଣ ହେଉଛି। ତେବେ ଉକ୍ତ ରାସ୍ତାରେ ବିଭିନ୍ନ ସମୟରେ ଅଘଟଣ ଘଟୁଥିବା ବେଳେ ସେଠାରେ ଏହି ମଦ ଦୋକାନ ହେଲେ ଅନେକ ଲୋକ ବିପଦରେ ପଡ଼ିବେ ବୋଲି ସ୍ଥାନୀୟ ଲୋକମାନେ ଅଭିଯୋଗ କରିଛନ୍ତି।

## ଉତ୍କଳ କେଶରୀଙ୍କ ଜନ୍ମମାଟିର ହେବ କାୟାକଳ୍ପ

# ବରପୁତ୍ର ଐତିହ୍ୟ ଗ୍ରାମ ଯୋଜନାରେ ଖର୍ଚ୍ଚ ହେବ ୧୫ କୋଟି

**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶାର ବରପୁତ୍ର ମାନଙ୍କ ସ୍ମୃତିକୁ ଉଜ୍ଜୀବିତ କରି ରଖିବା ପାଇଁ ରାଜ୍ୟ ସରକାର ବହୁ ପଦକ୍ଷେପ ହାତକୁ ନେଇଥିଲେ। ଗତ ବର୍ଷ ଜୁନ ମାସରେ ବରପୁତ୍ର ଐତିହ୍ୟ ଗ୍ରାମ ଭାବେ ଘୋଷଣା ହେବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭୁବନେଶ୍ୱରରୁ ଅଭାସି ମାଧ୍ୟମରେ ଶିଳାନ୍ୟାସ କରିଥିଲେ। ସେଥିନେଇ ସ୍ଥାନୀୟ ଡାଏଟ ଠାରେ ଉତ୍ସବ ସଭା କରାଯାଇଥିଲା। ଏହି ଘୋଷଣାକୁ ଏକବର୍ଷ ବିତିବାକୁ ବସିଥିବା ବେଳେ ଭଦ୍ରକ ଜିଲ୍ଲା ଡ. ହରେକୃଷ୍ଣ ମହତାବଙ୍କ ଜନ୍ମ ସ୍ଥାନ ଆଗରପଡ଼ା ଘର, ଐତିହ ସ୍ଥଳ ପରିଦର୍ଶନ କରିଛନ୍ତି ରାଜ୍ୟ ସରକାରଙ୍କ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ। ବରପୁତ୍ର ଐତିହ୍ୟ ଗ୍ରାମ ଯୋଜନା' ମାଧ୍ୟମରେ ୧୫ କୋଟି ଖର୍ଚ୍ଚ କରାଯାଇ ଏହି ସ୍ଥାନର ସର୍ବାଙ୍ଗୀନ ବିକାଶ କରାଯିବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି। ଏଠାରେ ସ୍ମୃତି ସଂଗ୍ରହାଳୟ,ପ୍ରତିମୂର୍ତ୍ତି ସ୍ଥାପନ, ବ୍ୟାଖ୍ୟାନ କେନ୍ଦ୍ର, ଶିଶୁ ଉଦ୍ୟାନ, ଗ୍ରନ୍ଥାଗାର, ସମ୍ମିଳନୀ କକ୍ଷ, ନାଟ୍ୟମଞ୍ଚ, କାରୁକଳା ଓ ପାକଶାଳା ନିର୍ମାଣ ହେବ। ଆସନ୍ତା ଜୁନ ମାସ ମଧ୍ୟରେ ପ୍ରଶାସନିକ ସ୍ତରରେ ପରିବେଶ ସୁରକ୍ଷାକୁ ଦୃଷ୍ଟିରେ ରଖି ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ହିନ୍ଦୁସ୍ତାନ ଷ୍ଟିଲ ୱାର୍କ କନଷ୍ଟ୍ରକସନ ଲିମିଟେଡର ଅଧିକାରୀମାନଙ୍କୁ ମନ୍ତ୍ରୀ କହିଥିଲେ। ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ, ରାଜ୍ୟ ସଂସ୍କୃତି ବିଭାଗର ଉପ-ସଚିବ ଦେବଯାନୀ ଭୂୟାଁ,ଭଦ୍ରକ ଉପ-ଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଜିଲ୍ଲା ସଂସ୍କୃତି ଅଧିକାରିଣୀ ତନୁଜା ସିନ୍ହା, ଜିଲ୍ଲା ବିଜେପି ସଭାପତି ଭଗବାନ ପଣ୍ଡା, ବିଧାନସଭା ନେତା ଓ ସୁଧାଂଶୁ ଶେଖର ନାୟକ, ବିଜେପି ନେତା ପ୍ରୟାସକାନ୍ତି ସାମଲ, ବ୍ଲକ ଅଧକ୍ଷ ମନୋରଞ୍ଜନ ଘଡ଼େଇ, ବିଡିଓ ସୀତାକାନ୍ତ ରାଉତ, ତହସିଲଦାର ସାରା ହେମ୍ବ୍ରମ, ଅତିରିକ୍ତ ତହସିଲଦାର ପ୍ରସନ୍ନ ମହାନ୍ତି, ସହକାରୀ ନିର୍ବାହୀ ଯନ୍ତ୍ରୀ ଶ୍ରଦ୍ଧାସୁମନ ନାଥ, କନିଷ୍ଠ ଯନ୍ତ୍ରୀ ସୁଦୀପ୍ତ ସେଠୀଙ୍କ ସମେତ ନିର୍ବାଚିତ ଜନପ୍ରତିନିଧି ଓ ହଜାରେ ସଂଖ୍ୟାରେ ମହତାବ ପ୍ରେମୀ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ଭଦ୍ରକ ପୂର୍ବତନ ପୌରପାଳ ଲୁଲୁ ସାମଲଙ୍କ ନେତୃତ୍ୱରେ ମନ୍ତ୍ରୀ ଓ ସାଂସଦଙ୍କୁ ସ୍ଥାନୀୟ ପେଟ୍ରୋଲ ପମ୍ପ ଠାରୁ ଏକ ବିରାଟ ଶୋଭାଯାତ୍ରାରେ ମହତାବଙ୍କ ବାସଭବନକୁ ପାଛୋଟି ଅଣାଯାଇଥିଲା। ଏକ୍ଷେତ୍ରେ ପୂର୍ବ ବିଭାଗ ଡାକ ବଙ୍ଗଳା ଠାରେ ଦଳୀୟ କର୍ମକର୍ତ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ନୂତନ ଗୃହକୁ ଉଦ୍‌ଘାଟନ କରିବା, ପୂର୍ବ ବିଭାଗ ଡାକବଙ୍ଗଳାର ନବୀକରଣ, ଇଣ୍ଡୋର ଷ୍ଟାଡିୟମ ନିର୍ମାଣ ନେଇ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ମହତାବ ମଣ୍ଡଳ ସଭାପତି ଅମୂଲ୍ୟରତ୍ନ ନନ୍ଦ, ଜିଲ୍ଲା ବିଜେପି ସମ୍ପାଦକ କିଶୋରକିଙ୍କର ପଡ଼ିଆରି, ସାଂସଦ ପ୍ରତିନିଧି ସନ୍ତୋଷ ନାୟକ, ବିଟିପୁର ସରପଞ୍ଚ ସୁଭଦ୍ରା ସିଂହ, ସମିତି ସଭ୍ୟା ଜ୍ୟୋତିର୍ମୟୀ ପଣ୍ଡା, ମହାନ୍ତିପଡ଼ା ସମିତିସଭ୍ୟ ନିର୍ମଳ ନାୟକ, ଚାରିଗାଁ ସମିତି ସଭ୍ୟ ଧରଣୀଧର କର,ଗୋପାଳକୃଷ୍ଣ ଦାଶ, ସୁବାସ ପଣ୍ଡା, ଅଶୋକ ପରିଡ଼ା, ଚିନ୍ମୟ ମହାପାତ୍ର, ପୂର୍ବତନ ସରପଞ୍ଚ ପୂର୍ଣ୍ଣଚନ୍ଦ୍ର ରାଉତ, ଧୀବର ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

# ବିଭାଗର ବିଭିନ୍ନ ବିକାଶମୂଳକ ପ୍ରକଳ୍ପ ସମୀକ୍ଷା କଲେ ମାଲକାନଗିରି ଜିଲ୍ଲାପାଳ

**ମାଲକାନଗିରି, ନ୍ୟୁଜ୍ ବ୍ୟୁରୋ**

ମାଲକାନଗିରି ଜିଲ୍ଲାର ତୃଣମୂଳ ସ୍ତରର ସରକାରୀ ଯୋଜନାଗୁଡ଼ିକର ସଠିକ୍ କାର୍ଯ୍ୟକାରିତା ଏବଂ ଗ୍ରାମୀଣ ଚାଷୀଙ୍କ ସାମାଜିକ ଅର୍ଥନୈତିକ ବିକାଶକୁ ତ୍ୱରାନ୍ୱିତ କରିବା ଲକ୍ଷ୍ୟରେ ମାଲକାନଗିରି ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜେଶିର୍କେ କୋରୁକୋଣ୍ଡା ବ୍ଲକ ଗସ୍ତ କରିଛନ୍ତି। ପ୍ରଶାସନିକ ସ୍ୱଚ୍ଛତା ଓ କ୍ଷେତ୍ରସ୍ତରୀୟ ଅନୁଧ୍ୟାନ କ୍ରମରେ, ଜିଲ୍ଲାପାଳ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗ ଅଧୀନରେ ଚାଲିଥିବା ବିଭିନ୍ନ ସରକାରୀ ହିତାଧିକାରୀ ଭିତ୍ତିକ ବିକାଶମୂଳକ ପ୍ରକଳ୍ପର ଅଗ୍ରଗତି ନେଇ ଏକ ଉଚ୍ଚସ୍ତରୀୟ ସମୀକ୍ଷା କରିଛନ୍ତି। ଗ୍ରାମାଞ୍ଚଳରେ ଆତ୍ମ-ନିଯୁକ୍ତି ସୃଷ୍ଟି ଓ ଦୁଗ୍ଧ, ମାଂସ ଏବଂ ଅଣ୍ଡା ଉତ୍ପାଦନ କ୍ଷେତ୍ରରେ ଜିଲ୍ଲାକୁ ସ୍ୱାବଲମ୍ବୀ କରିବା ପ୍ରଶାସନର ମୁଖ୍ୟ ପ୍ରାଥମିକତା ବୋଲି ଏହି ଗସ୍ତ ସମୟରେ ପ୍ରକାଶ ପାଇଛି।

ପରିଦର୍ଶନ ସମୟରେ ପ୍ରଶାସନିକ ଅଧିକାରୀମାନଙ୍କ ଉପସ୍ଥିତିରେ ଜିଲ୍ଲାପାଳ କୋରୁକୋଣ୍ଡା ଓ ଏହାର ଆଖପାଖ ଅଞ୍ଚଳରେ କାର୍ଯ୍ୟକାରୀ ହେଉଥିବା ବହୁମୁଖୀ ପ୍ରାଣୀସମ୍ପଦ ଯୋଜନାଗୁଡ଼ିକର ଭୌତିକ ସ୍ଥିତି ଯାଞ୍ଚ କରିଥିଲେ। ସେ କୋରୁକୋଣ୍ଡା ଠାରେ ଚାଲିଥିବା ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ଅଧୀନରେ ଥିବା ଗୋଟେରୀ ଅର୍ଥାତ୍ ଛେଳି ପାଳନ ୟୁନିଟ୍ ପରିଦର୍ଶନ କରି ଛେଳିଙ୍କ ସ୍ୱାସ୍ଥ୍ୟ ରକ୍ଷା, ଟୀକାକରଣ ଓ ଏହାର ବାଣିଜ୍ୟିକ ପରିଚାଳନା ନେଇ ବୈଷୟିକ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଏହା ସହିତ ସ୍ଥାନୀୟ ବଜାରରେ ମାଂସ ଓ ଅଣ୍ଡା ଚାହିଦା ପୂରଣ କରିବା ସହ ନିଯୁକ୍ତି ସୁଯୋଗ ବୃଦ୍ଧି ପାଇଁ କାର୍ଯ୍ୟ କରୁଥିବା ବ୍ରଏଲର ଫାର୍ମିଂ ଏବଂ ହାଚେରୀ ୟୁନିଟ୍ ର କ୍ଷମତା ଏବଂ ଆଧୁନିକୀକରଣ ଉପରେ ଗୁରୁତ୍ୱ ଦିଆ ଯାଇଥିଲା। ଗୋ-ପାଳନକୁ ଅଧିକ ଲାଭଜନକ କରିବା ପାଇଁ ଗୋ-ଖାଦ୍ୟ ଓ ସବୁଜ ଘାସର ଉପଲବ୍ଧତା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ, ପ୍ରଶାସନ ପକ୍ଷରୁ ପ୍ରୋତ୍ସାହିତ କରାଯାଉଥିବା ଫୋଡର୍ ଆଣ୍ଟ୍ରପ୍ରିନର୍ ବା ଗୋ-ଖାଦ୍ୟ ଉଦ୍ୟୋଗୀ ପ୍ରକଳ୍ପର ଭିତ୍ତିଭୂମି ମଧ୍ୟ ସେ ଅନୁଧ୍ୟାନ କରିଥିଲେ। ଏହି ଗସ୍ତ କ୍ରମରେ ଜିଲ୍ଲାପାଳ ଏମଭି-୧୦୯ ଗ୍ରାମକୁ ଯାଇ ସେଠାରେ ଥିବା ବୃହତ୍ ଏମକେୟୁୱାଇ ଗୋ-ପାଳନ ୟୁନିଟ୍ ବୁଲି ଦେଖିଥିଲେ ଏବଂ ଦୁଗ୍ଧ ଉତ୍ପାଦନ ବୃଦ୍ଧି ସହ ଏହାର ସଠିକ୍ ସଂଗ୍ରହ ଓ ବଜାର ସଂଯୋଗୀକରଣ ଉପରେ ବିଶେଷ ଗୁରୁତ୍ୱାରୋପ କରିଥିଲେ। ସରକାରଙ୍କ ସ୍ୱଚ୍ଛ ଶାସନ ଓ ଲୋକାଭିମୁଖୀ ନୀତିକୁ ପାଳନ କରି ଜିଲ୍ଲାପାଳ ସେଠାରେ ଉପସ୍ଥିତ ସମସ୍ତ ହିତାଧିକାରୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ପ୍ରଗତିଶୀଳ ଚାଷୀମାନଙ୍କ ସହ ସିଧାସଳଖ ଆଲୋଚନା କରିଥିଲେ। ହିତାଧିକାରୀମାନେ ସରକାରୀ ସହାୟତା ପାଇବାରେ କୌଣସି ଅସୁବିଧାର ସମ୍ମୁଖୀନ ହେଉଛନ୍ତି କି ନାହିଁ, ସେ ନେଇ ଜିଲ୍ଲାପାଳ ବ୍ୟକ୍ତିଗତ ଭାବେ ପଚାରି ବୁଝିଥିଲେ। ଏଥିସହ ପ୍ରକଳ୍ପଗୁଡ଼ିକର ସଫଳ ରୂପାୟନ ମାଧ୍ୟମରେ କିଭଳି ଅଞ୍ଚଳର ଅନ୍ୟ ଯୁବକମାନେ ଅନୁପ୍ରାଣିତ ହୋଇପାରିବେ, ସେଥିପାଇଁ ସେ ଚାଷୀମାନଙ୍କୁ ଉତ୍ସାହିତ କରିଥିଲେ। ସମୀକ୍ଷା ଶେଷରେ ଜିଲ୍ଲାପାଳ ଉପସ୍ଥିତ ଥିବା ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗର ଅଧିକାରୀମାନଙ୍କୁ କଡ଼ା ପ୍ରଶାସନିକ ନିର୍ଦ୍ଦେଶ ଦେଇଛନ୍ତି। ସେ କହିଛନ୍ତି ଯେ, ସମସ୍ତ ଚାଲୁ ରହିଥିବା ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ନିର୍ଦ୍ଧାରିତ ସମୟ ମଧ୍ୟରେ ଶେଷ କରିବାକୁ ହେବ ଏବଂ ପ୍ରାଣୀ ଚିକିତ୍ସକ ତଥା ବିଭାଗୀୟ କ୍ଷେତ୍ର କର୍ମଚାରୀମାନେ ନିୟମିତ ଭାବେ ହିତାଧିକାରୀଙ୍କ ଫାର୍ମ ପରିଦର୍ଶନ କରି ଚିକିତ୍ସା ସେବା ଯୋଗାଇ ଦେବେ। ସରକାରୀ ଯୋଜନାର ସବସିଡି ଓ ଅନ୍ୟାନ୍ୟ ଆର୍ଥିକ ପ୍ରୋତ୍ସାହନ ଯେପରି ହିତାଧିକାରୀଙ୍କ ପାଖରେ ବିନା ବିଳମ୍ବରେ ପହଞ୍ଚିବ, ତାହା ନିଶ୍ଚିତ କରିବାକୁ ପ୍ରଶାସନ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଏହି ସମୀକ୍ଷା, ଗସ୍ତ ସମୟରେ କୋରୁକୋଣ୍ଡା ବ୍ଲକର ବିଡିଓ, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗର ମୁଖ୍ୟ ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ, ସ୍ଥାନୀୟ ଜନପ୍ରତିନିଧି ଏବଂ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ସୁକିନ୍ଦାର ଦୁର୍ଗମ ଅଞ୍ଚଳରେ ଦୀର୍ଘସ୍ଥାୟୀ କୀଟନାଶକ ଉପଚାରିତ ମଶାରୀ ବଣ୍ଟନ



**ବ୍ୟାସନଗର, ନ୍ୟୁଜ୍ ବ୍ୟୁରୋ**

ଯାଜପୁର ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୁକିନ୍ଦା ବ୍ଲକ୍ ଅନ୍ତର୍ଗତ ଚିଙ୍ଗୁଡ଼ିପାଳ ପଞ୍ଚାୟତର ଉପରଗୁହିଆଶାଳ ଗ୍ରାମରେ ସମସ୍ତ ଜନସାଧାରଣଙ୍କୁ ମ୍ୟାଲେରିଆ ଦାଉରୁ ରକ୍ଷା ପାଇଁ ଦୀର୍ଘସ୍ଥାୟୀ କୀଟନାଶକ ଉପଚାରିତ ମଶାରୀ ବଣ୍ଟନ କରାଯାଇଛି। ସୂଚନାଯୋଗ୍ୟ, ଗତ ଦୁଇ ସପ୍ତାହ ମଧ୍ୟରେ ଉପରଗୁହିଆଶାଳ ଗ୍ରାମରେ ମ୍ୟାଲେରିଆ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଇଥିଲା। ଏହି ଖବର ପାଇ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ତୁରନ୍ତ ପଦକ୍ଷେପ ନିଆଯାଇଛି। ବଣ ପାହାଡ଼ ଘେରା ଏହି ଗାଁରେ ସମସ୍ତ ହିତାଧିକାରୀଙ୍କୁ ୬୫ଟି ଦୀର୍ଘସ୍ଥାୟୀ କୀଟନାଶକ ଉପଚାରିତ ମଶାରୀ ବଣ୍ଟନ କରାଯିବା ସହ ମଶାରିର ବ୍ୟବହାର ଓ ରକ୍ଷଣାବେକ୍ଷଣ ସମ୍ବନ୍ଧରେ ଲୋକଙ୍କୁ ଅବଗତ କରାଯାଇଥିଲା। ଏହି ମଶାରୀର କୀଟନାଶକ ଧାରଣ କ୍ଷମତା ୩ ରୁ ୪ ବର୍ଷ ରହିବ ଏବଂ ଏହାକୁ ପ୍ରତ୍ୟେକ ଦିନ ବ୍ୟବହାର କରିବା ପାଇଁ ଗ୍ରାମବାସୀଙ୍କୁ ପରାମର୍ଶ ଦିଆଯାଇଛି। ଆଗାମୀ ଦିନରେ ଆଉ ଏକ ଦୁର୍ଗମ ଅଞ୍ଚଳ ତୁମୁଣିରେ ମଧ୍ୟ ମଶାରୀ ବଣ୍ଟନ କରାଯିବା ନେଇ ଯୋଜନା ରହିଛି। ଏହାସହ ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରୁ ପ୍ରତ୍ୟେକ ସପ୍ତାହରେ ୨ ଥର ଉକ୍ତ ଗ୍ରାମଗୁଡ଼ିକୁ ସ୍ୱାସ୍ଥ୍ୟ ଟିମ୍ ପଠାଯାଇ ଜ୍ୱରରେ ପୀଡ଼ିତ ରୋଗୀଙ୍କ ରକ୍ତ ପରୀକ୍ଷା କରିବା ସହିତ ତୁରନ୍ତ ମ୍ୟାଲେରିଆ ଔଷଧ ସେବନ କରିବାକୁ ଦିଆଯାଉଛି। ସୁକିନ୍ଦାରେ ଥିବା ଦୁର୍ଗମ ଅପହଞ୍ଚ ଇଲାକାରେ ସ୍ୱାସ୍ଥ୍ୟ ସେବା ପହଞ୍ଚାଇବା ପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ତତ୍ପରତା ସହ ପ୍ରୟାସ କରାଯାଉଛି ବୋଲି ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ବିଜୟ କୁମାର ମିଶ୍ର କହିଛନ୍ତି।

# ଗାଳ୍ପିକ ଅଧିବକ୍ତା ରୁଦ୍ରକାନ୍ତ ରାଉତରାୟଙ୍କ ଗଳ୍ପ ସଂକଳନ 'ଅନ୍ତଃହୀନ ଜ୍ୟୋତ୍ସ୍ନା' ଲୋକାର୍ପିତ

**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**

ଭଦ୍ରକ ସଂସ୍କୃତି ଭବନରେ ଗାଳ୍ପିକ ଅଧିବକ୍ତା ରୁଦ୍ରକାନ୍ତ ରାଉତରାୟଙ୍କ ଗଳ୍ପ ସଂକଳନ 'ଅନ୍ତଃହୀନ ଜ୍ୟୋତ୍ସ୍ନା' ଲୋକାର୍ପିତ ହୋଇଯାଇଛି। ବିଶିଷ୍ଟ କବୟିତ୍ରି ସଂଯୁକ୍ତା ବଳ ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ଉତ୍ସବରେ ସଭାପତିତ୍ୱ କରିଥିଲେ ସାହିତ୍ୟିକ ସମାଜସେବୀ ଅଜୟ ନାୟକ, ବରେଣ୍ୟ ଅତିଥି ଭାବରେ ପ୍ରାଧ୍ୟାପକ ପବିତ୍ର ପାଣିଗ୍ରାହୀ, ଅଧ୍ୟାପକ ଡଃ ବିଶ୍ୱରଞ୍ଜନ ଦାସ ଯୋଗ ଦେଇଥିଲେ। ପୁସ୍ତକଟିକୁ ସମୀକ୍ଷା କରିଥିଲେ ଅଧ୍ୟାପକ ଡଃ ଅଭୟ କୁମାର ଦାସ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଅଧିବକ୍ତା ପର୍ଶୁରାମ ଦ୍ୱିବେଦୀ, ଓକିଲ ସଂଘର ସଂପାଦକ ପୂର୍ଣ୍ଣଚନ୍ଦ୍ର ମହାନ୍ତି, ଅଧିବକ୍ତା ଗଦାଧର ବଳ, ବିଷ୍ଣୁବ୍ରତ ବିଶ୍ୱାଳ, କୃପାସିନ୍ଧୁ ନାୟକ, ମହେଶ୍ୱର ନାୟକ, ଗୟାଧର ସାମଲ ପ୍ରମୁଖ ନିଜ ନିଜର ମତ ରଖିଥିଲେ। ଏହି ଲୋକାର୍ପଣ ଉତ୍ସବକୁ ଅଧିବକ୍ତା ସନାତନ ଦୀକ୍ଷିତ, ବେଣୁଧର ଦାସ, ମୋହରିର ସଂଘ ସମ୍ପାଦକ ରାମଚନ୍ଦ୍ର ନାୟକ, ଅମୁଲ୍ୟ ଚନ୍ଦ୍ର ରାଉରକେଲା, ଆଦିତ୍ୟ କୁମାର ନାୟକ, ଦେବାଶିଷ ନାୟକ, ସନରଣ ଦୀକ୍ଷିତ, ସଞ୍ଜୟ ମାଝୀ, ନାଟ୍ୟଶ୍ରୀ ନିର୍ମଳ ରାଉତ, ବିଜୟ କୁମାର ରାଉତରାୟ, ସୌମ୍ୟକାନ୍ତ ରାଉତରାୟ ପ୍ରମୁଖ ଅନେକ ସାହିତ୍ୟିକ ପ୍ରମୁଖ ଉପସ୍ଥିତ ରହି ସାଫଲ୍ୟ ମଣ୍ଡିତ କରିଥିଲେ।

# ବର୍ଷା ପୂର୍ବରୁ ହାତିଆନାଳ କେନାଲ ମରାମତି ପାଇଁ ଚାଷୀଙ୍କ ଦାବି

**ଝାରସୁଗୁଡ଼ା, ନ୍ୟୁଜ୍ ବ୍ୟୁରୋ**

ଲଇକେରା ଅଞ୍ଚଳର ଚାଷୀମାନେ ହାତିଆନାଳ କ୍ଷୁଦ୍ର ଜଳସେଚନ ପ୍ରକଳ୍ପର କେନାଲ ଗୁଡ଼ିକର ଶୀଘ୍ର ମରାମତି ପାଇଁ ପ୍ରଶାସନଙ୍କ ନିକଟରେ ଦାବି ଜଣାଇଛନ୍ତି। ଏହି ଅଞ୍ଚଳର ଚାଷୀମାନେ ଦୀର୍ଘଦିନ ଧରି ହାତିଆନାଳ କେନାଲର ପାଣି ଉପରେ ନିର୍ଭର କରି ଚାଷ କାର୍ଯ୍ୟ କରିଆସୁଛନ୍ତି। ଚାଷୀମାନଙ୍କ କହିବା ଅନୁଯାୟୀ, ବିଗତ ବର୍ଷ ଅତ୍ୟଧିକ ଓ ଲଗାତାର ବର୍ଷା ଯୋଗୁଁ ହାତିଆନାଳ କ୍ଷୁଦ୍ର ଜଳସେଚନ ପ୍ରକଳ୍ପର ମୁଖ୍ୟ କେନାଲ, ଶାଖା କେନାଲ, ପ୍ରଶାଖା ଓ ଉପଶାଖା କେନାଲର ବିଭିନ୍ନ ସ୍ଥାନରେ ଭାରୀ କ୍ଷୟକ୍ଷତି ଘଟିଛି। ଅନେକ ସ୍ଥାନରେ କେନାଲ ଧୋଇଯାଇଥିବାରୁ ଜଳସେଚନ ବ୍ୟବସ୍ଥା ବାଧାପ୍ରାପ୍ତ ହୋଇଛି। ଚାଷୀମାନେ ଅଭିଯୋଗ କରିଛନ୍ତି ଯେ, ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ମରାମତି କାର୍ଯ୍ୟ ଆରମ୍ଭ ହୋଇନାହିଁ। ଏହାକୁ ନେଇ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ବର୍ଷା ପୂର୍ବରୁ କାମ ସମ୍ପୂର୍ଣ୍ଣ ହେବ କି ନାହିଁ ସେଥିପାଇଁ ସନ୍ଦେହ ସୃଷ୍ଟି ହୋଇଛି। ଆସନ୍ତା ଚାଷ ଋତୁକୁ ଦୃଷ୍ଟିରେ ରଖି ଚାଷୀମାନେ ବର୍ଷା ପୂର୍ବରୁ ଯୁଦ୍ଧକାଳୀନ ଭିତ୍ତିରେ କେନାଲ ମରାମତି କାମ କରାଯିବା ପାଇଁ ପ୍ରଶାସନଙ୍କୁ ଅନୁରୋଧ କରିଛନ୍ତି।

# ପ୍ରୋତ୍ସାହନ ନାହିଁ : ସଙ୍କଟରେ ବେଣାଚେର ଜୀବିକା

**ବରଗଡ଼, ନ୍ୟୁଜ୍ ବ୍ୟୁରୋ**

ଗ୍ରୀଷ୍ମବେଳେ ମନେପଡ଼େ ବେଣାଚେର। ଦିନ ଥିଲା, ଖରାବେଳେ ଏହା ଲୋକଙ୍କ ସାଥୀ ହୋଇ ରହିଥିଲା। ତାତି ହେଉ ଅବା ଗୁଳୁଗୁଳି, ଲୋକେ ବେଣାଚେର ନିର୍ମିତ ବିଞ୍ଚଣା ଖୋଜୁଥିଲେ। ଘର ମୁଖ୍ୟଦ୍ୱାର ଏବଂ ଝରକାରେ ମଧ୍ୟ ଝୁଲୁଥିଲା ବେଣାଚେରର ପରଦା। ହେଲେ ତାହା ଆଉ ଦେଖିବାକୁ ମିଳୁ ନାହିଁ। କାଁ ଭାଁ କେଉଁଠି କ୍ୱଚିତ୍ ଦେଖିବାକୁ ମିଳୁଛି। ମହଙ୍ଗା ଯୁଗରେ ଅତ୍ୟାଧୁନିକ ଟେକ୍ନୋଲୋଜିରେ ନିର୍ମିତ ଏସି, କୁଲର ଆଗରେ ଏବେ ଫିକା ପଡ଼ି ଯାଇଛି ବେଣାଚେର। ତା'ର ଚାହିଦା ମଧ୍ୟ ଧୀରେ ଧୀରେ କମି ବସିଛି। ତଥାପି



ବରଗଡ଼ ସହର ଉପକଣ୍ଠରେ ରହିଥିବା ନିଲେଶ୍ୱର ଭଳି କେତେକ ଗ୍ରାମରେ ଲୋକେ ଏହାକୁ ନିଜର କୌଳିକ ବୃତ୍ତିଭାବେ ଏବେ ମଧ୍ୟ ଆଦରି ରଖିଛନ୍ତି।

ନଦୀ, ପୋଖରୀ ଆଦି ହୁଡ଼ାରେ ମାଟି ଖୋଳି ବେଣାଚେର ସଂଗ୍ରହ କରନ୍ତି। ପାଣିରେ ତାକୁ ଭଲଭାବେ ସଫା କରିବା ପରେ ଖରାରେ ଶୁଖାଇଥାନ୍ତି। ଶୁଖିବା ପରେ ତାକୁ ନେଇ ବିଞ୍ଚଣା, ଝରକା ପରଦା, ଘର ମୁଖ୍ୟଦ୍ୱାର ପରଦା, କୁଲର ମାପଚୁପ ଅନୁଯାୟୀ ଫ୍ରେମ ତିଆରି ଆଦି କରିଥାନ୍ତି। ତେବେ ଏଥିପାଇଁ ସେମାନଙ୍କୁ ମାସେ କିମ୍ବା ୨ମାସ ନୁହେଁ, ପ୍ରାୟ ୪ମାସ ଧରି ସମୟ ପରିଶ୍ରମ କରିବାକୁ ପଡ଼ିଥାଏ ଏବଂ ସେଥିରେ ପରିବାରର ଛୋଟରୁ ବଡ଼ ସମସ୍ତ ସଦସ୍ୟ ଲାଗି ପଡ଼ିଥାନ୍ତି। ହେଲେ ବେଣାଚେର କାରିଗରଙ୍କୁ ଏପର୍ଯ୍ୟନ୍ତ ସରକାରୀ ସ୍ତରରେ ସେଭଳି କିଛି ପ୍ରୋତ୍ସାହନ ମିଳୁ ନାହିଁ। ଫଳରେ ବେଣାଚେର ନିର୍ମିତ ବିଞ୍ଚଣା, ଚାଦର ଆଦି ଏବେ ଲୁପ୍ତପ୍ରାୟ ହୋଇପଡ଼ି ଥିବା ବେଳେ ବେଣାଚେର କାରିଗରଙ୍କ ଜୀବନ, ଜୀବିକା ମଧ୍ୟ ସଙ୍କଟରେ ରହିଛି।

# କାଠ ମାଫିଆଙ୍କ ଭୂସ୍ୱର୍ଗ ପାଲଟିଛି ଚମ୍ପୁଆ : ବିନା ଅନୁମତିରେ ଚାଲିଛି ଗଛ କଟା

**ଚମ୍ପୁଆ, ନ୍ୟୁଜ୍ ବ୍ୟୁରୋ**

ଚମ୍ପୁଆ ବନାଞ୍ଚଳ ଏବେ କାଠ ମାଫିଆଙ୍କ ଭୁସ୍ୱର୍ଗ ପାଲଟିଛି। ଦୈନିକ ଦିବାଲୋକରେ ଚମ୍ପୁଆ ବନାଞ୍ଚଳରୁ ଟ୍ରିପ୍ ଟ୍ରିପ୍ ଗଛ ବାହାରକୁ ଚାଲାଣ ହେଉଥିବା ବେଳେ ଏହି ଚାଲାଣ ପଛରେ ଚମ୍ପୁଆ ବନ ବିଭାଗ ଓ ତହସିଲର ଭୂମିକାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଚମ୍ପୁଆ ବ୍ଲକ ରଜିଆ ପଞ୍ଚାୟତ ଅନ୍ତର୍ଗତ କଞ୍ଚନପୁର ଗ୍ରାମରେ ବେନିୟମ କାଠ ଡିପୁ କରି ଟ୍ରକ୍ ଯୋଗେ ବାହାରକୁ ଚୋରା ଚାଲାଣ କରାଯିବାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ସୃଷ୍ଟି ହୋଇଛି। କଞ୍ଚନପୁର ଗ୍ରାମର ଦୁଇ ଚାରି ଜଣ ଆଦିବାସୀ ଯୁବକଙ୍କୁ ହାତ କରି କାଠ ମାଫିଆମାନେ ନିକଟ ଗ୍ରାମ ମାନଙ୍କରୁ ବେନିୟମ ଭାବେ ଗଛ କାଟି କଞ୍ଚନପୁର ମୁଣ୍ଡା ସାହିରେ ଡିପୁ କରୁଛନ୍ତି ଓ ପରେ ତାକୁ ଟ୍ରକ୍ ସାହାଯ୍ୟରେ ବାହାରକୁ ଚାଲାଣ କରାଯାଉଥିବା ଦେଖିବାକୁ ମିଳିଛି। ବାରମ୍ବାର କାଠ ବୋଝେଇ ଟ୍ରକ୍ ଗ୍ରାମରେ ଚଳାଚଳ କରିବାରୁ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ନିର୍ମାଣ ହୋଇଥିବା ଗ୍ରାମ୍ୟରାସ୍ତା ମଧ୍ୟ ଭାଙ୍ଗି ନଷ୍ଟ ହେବାକୁ ବସିଲାଣି। ତେବେ ଦିନ ଦ୍ୱିପ୍ରହରରେ ଖୁଲମ୍‌ଖୁଲା ବଡ଼ ବଡ଼ ଗଛ ସବୁ ଟ୍ରିପ୍ ଟ୍ରିପ୍ ଚାଲାଣ ହେଉଥିଲେ ମଧ୍ୟ ବିଭାଗ ନିଦାବିଷ୍ଟ ସାଜିଛି। ଫଳରେ ବିଭାଗୀୟ ଅଧିକାରୀଙ୍କ



ଭୂମିକାକୁ ନେଇ ସନ୍ଦେହ ସୃଷ୍ଟି ହେଉଛି।

ଏ ସମ୍ପର୍କରେ ଚମ୍ପୁଆ ବନାଞ୍ଚଳ ଜ୍ୟୋତିରୁପା ପାଣିଙ୍କୁ ପଚାରିବାରୁ ସେମାନେ ପଟା ଜାଗାରୁ କାଟୁଛନ୍ତି ବୋଲି କହିଥିଲେ। ତେବେ ଗଛ କାଟିବାକୁ ବିଭାଗ ପକ୍ଷରୁ ଅନୁମତି ଦିଆଯାଇଛି କି ବୋଲି ପଚାରିବାରୁ କୌଣସି ଅନୁମତି ଦିଆ ଯାଇ ନ ଥିବା କହିଥିବା ବେଳେ ଏଠି ପ୍ରଶ୍ନ ଉଠୁଛି, ଯଦି ଗଛ କାଟିବାକୁ ବିଭାଗ ପକ୍ଷରୁ କୌଣସି ଅନୁମତି ପ୍ରଦାନ କରାଯାଇ ନାହିଁ ତେବେ ଏଠାରେ ଦୀର୍ଘ ଦିନ ଧରି (ପ୍ରାୟ ଏକ ବର୍ଷରୁ ଊର୍ଦ୍ଧ୍ୱ ହେବ) ମାଫିଆମାନେ ବିନା ଅନୁମତିରେ ଗଛ କାଟି ଡିପୁ କରି ଟ୍ରିପ୍ ଟ୍ରିପ୍ କାଠ ବାହାରକୁ ଚାଲାଣ କରୁଥିଲେ ମଧ୍ୟ ବିଭାଗ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ କାହିଁକି ? ଜଣେ ସାଧାରଣ ଲୋକ ନିଜ ବାସଗୃହ ନିର୍ମାଣ, ମରାମତି କିମ୍ବା ପରିବାରର ଆବଶ୍ୟକତା ମେଣ୍ଟାଇବାପାଇଁ ନିଜ ପଟା ଜାଗା, ବାଡ଼ି ବଗିଚାରୁ ଗଛଟିଏ କାଟିଦେଲେ ବନ ବିଭାଗ ଅଧିକାରୀ ମାନେ ତାଙ୍କୁ ବିଭିନ୍ନ ଆଇନ ପାଠ ପଢାଇ ହଇରାଣ ହରକତ କରୁଥିବା ବହୁ ନଜିର ରହିଥିବା ବେଳେ କୌଣସି ନିତି ନିୟମ ମାନୁ ନ ଥିବା ଗଛ ମାଫିଆମାନଙ୍କ ପାଇଁ କିନ୍ତୁ ସବୁ ମାଫ୍ କରାଯାଉଛି କାହିଁକି ? କାହାର ଛତ୍ରଛାୟା ତଳେ ରହି ନିର୍ଦ୍ୱନ୍ଦରେ ମାଫିଆ ମାନେ ଗଛ କାଟି ଚାଲିଛନ୍ତି ? ଯାହା ଏବେ ସମସ୍ତଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଅନ୍ୟପକ୍ଷେ ଯୋଜନା ବଦ୍ଧ ଭାବେ ବିଭାଗ ପକ୍ଷରୁ କୌଣସି ଅନୁମତି ନ ନେଇ ଏହି ଚମ୍ପୁଆ ଅଞ୍ଚଳରେ ଗଛଗୁଡ଼ିକୁ କଟାଯାଇ କଞ୍ଚନପୁର ଗ୍ରାମରେ ଡିପୁ କରିବା ପରେ ଟ୍ରକ୍ ଯୋଗେ ବାହାରକୁ ଚାଲାଣ କରାଯାଉଥିବା ପଛରେ ଖୋଦ୍ ଚମ୍ପୁଆ ବନ ବିଭାଗ ଓ ତହସିଲର ଭୂମିକା ଥିବା ନେଇ ସାଧାରଣରେ ଆଲୋଚନା ହେଉଛି। କଞ୍ଚନପୁର ମୁଣ୍ଡାସାହିରେ ଥିବା ପଡ଼ିଆ କଡ଼ରେ ଅନେକ କଟା ଗଛ କାଠଗଣ୍ଡିଗୁଡ଼ିକ ଏବେ ବି ଗଦାହୋଇ ପଡ଼ିରହିଛି। ଦିନ ଦ୍ୱିପହରରେ ଏହି କାରବାର ଖୋଲାଖୋଲି ହେଉଥିଲେ ମଧ୍ୟ ଅଙ୍କୁଶ ଲଗାଇବା ପାଇଁ କୌଣସି ବିଭାଗ ଗୁରୁତ୍ୱ ଦେଉନାହାନ୍ତି। ଯଦି ଗଛ ମାଫିଆଙ୍କୁ ଅଣଦେଖା କରି ତାଙ୍କ ପ୍ରତି କଡ଼ା ଆଭିମୁଖ୍ୟ ଗ୍ରହଣ କରା ନ ଯାଏ ତେବେ ଚମ୍ପୁଆ ଅଞ୍ଚଳ ବୃକ୍ଷଶୂନ୍ୟ ହୋଇଯିବା ସହିତ ଆଗାମୀ ଦିନରେ ପରିବେଶ ଉପରେ ତା'ର କୁପ୍ରଭାବ ପଡ଼ିବ ଏବଂ ଅଞ୍ଚଳରେ କୃଷି କାର୍ଯ୍ୟ ବ୍ୟାଘାତ ହେବ ବୋଲି ପରିବେଶପ୍ରେମୀ ମାନେ ଆଶଙ୍କା ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଚମ୍ପୁଆ ବନାଞ୍ଚଳ ଅଧିକାରୀ ଅକ୍ଷୟ ଛତ୍ରିଆଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ଗଛ କାଟିବା ପାଇଁ ବିଭାଗୀୟ ଅନୁମତି ଦିଆଯାଇ ନାହିଁ ବୋଲି ସୂଚନା ଦେଇଛନ୍ତି। ତେଣୁ ଏଥିପ୍ରତି ଉଚ୍ଚ କର୍ତ୍ତୃପକ୍ଷ ସ୍ୱତନ୍ତ୍ର ଦୃଷ୍ଟି ଦେଇ ସହଯୋଗୀ ଅଧିକାରୀ ଏବଂ ଗଛ ମାଫିଆଙ୍କ ବିରୁଦ୍ଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ଅସହାୟ ବୃଦ୍ଧ କୁଷ୍ଠ ରୋଗୀ ଉଦ୍ଧାର

**ବରଗଡ଼, ନ୍ୟୁଜ୍ ବ୍ୟୁରୋ**

ବରଗଡ଼ ଜିଲ୍ଲା ମୁଖ୍ୟ ବସ୍‌ଷ୍ଟାଣ୍ଡରେ ଜଣେ ଅସହାୟ କୁଷ୍ଠ ରୋଗୀ ଦୟନୀୟ ଅବସ୍ଥାରେ ପଡ଼ିରହିଥିଲେ। ଏହାକୁ ଦେଖି ସ୍ଥାନୀୟ କିଛି ସଚେତନ ନାଗରିକ ସେହି ବସ୍‌ଷ୍ଟାଣ୍ଡ ପାଖରେ ରାତ୍ରୀୟ ରହିବା ଆଶ୍ରମରେ ରଖି ବିଶିଷ୍ଟ ସମାଜସେବୀ ସଂଘମିତ୍ରା ପଟେଲଙ୍କୁ ଉଦ୍ଧାର ପାଇଁ ସୂଚିତ କରିଥିଲେ। ଖବର ପାଇ ଉକ୍ତ ଅସହାୟ କୁଷ୍ଟରୋଗୀଙ୍କୁ ଉଦ୍ଧାର ନିମିତ୍ତ ସ୍ଥାୟୀ ଥଇଥାନ ପାଇଁ ସଂଗ୍ରମିତ୍ରା ପଟେଲ ପରିଚୟ ଅନୁଷ୍ଠାନ ସମ୍ବଲପୁରକୁ ଯୋଗାଯୋଗ କରିଥିଲେ। ପରିଚୟ ସଦସ୍ୟଙ୍କ ପରାମର୍ଶ କ୍ରମେ ଭୁବନେଶ୍ୱରରେ ଥଇଥାନ ନିମନ୍ତେ ସ୍ଥିରୀକୃତ ହେଇଥିଲା। ଆବଶ୍ୟକ ଥିବା କିଛି ଜରୁରୀ ପୁଲିସ କାଗଜ ପତ୍ର ପାଇଁ ବରଗଡ ଥାନା ଅଧିକାରୀ ଚିତ୍ତରଞ୍ଜନ ମେହେର ଚିଠି ହସ୍ତଗତ ହେଲା ପରେ ଭୁବନେଶ୍ୱର ସ୍ଥିତ ଜାଆଁଳା ଆଶ୍ରମକୁ ପଠାଇବା ସଂଘମିତ୍ରାଙ୍କ ପାଇଁ କଷ୍ଟସାଧ ଥିଲା। ହେଲେ ବୃଦ୍ଧଙ୍କୁ ସହଯୋଗ କରିବାରେ ତିଳେ ହେଲେ ନିଜକୁ ଅସହାୟ ନମଣି ସଙ୍ଗେ ସଙ୍ଗେ ବରଗଡ଼ ବିଧାୟକ ଅଶ୍ୱିନୀ କୁମାର ଷଡ଼ଙ୍ଗୀଙ୍କୁ ଉଦ୍ଧାର ଏବଂ ସୁରକ୍ଷିତ ସ୍ଥାନାନ୍ତର ପାଇଁ ଅନୁରୋଧ କରିଥିଲେ।

32 YEARS
# ସମ୍ବାଦ କଳିକା
ଭୁବନେଶ୍ୱର, ୩୦ ମଇ ୨୦୨୬ ଶନିବାର





# ଜେଏସ୍‌ଡବ୍ଲୁ ପକ୍ଷରୁ 'ଟିବି-ମୁକ୍ତ ଭାରତ' ଅଭିଯାନ



**ଯୋଡ଼ା, ନ୍ୟୁଜ୍ ବ୍ୟୁରୋ**

ଭାରତୀୟ ଖଣି ବ୍ୟୁରୋର ତତ୍ତ୍ୱାବଧାନରେ ଜେଏସ୍‌ଡବ୍ଲୁ ଷ୍ଟିଲ୍‌ର ଓଡ଼ିଶା ଖଣି ବିଭାଗ ଏହାର ଖଣି ସ୍ଥାନ ଗୁଡ଼ିକରେ ୧୦୦ ଦିନିଆ ଟିବି-ମୁକ୍ତ ଭାରତ ଅଭିଯାନ ସଫଳତାର ସହ ପରିଚାଳନା କରିଛି । ଏହି ପଦକ୍ଷେପ ଯକ୍ଷ୍ମା (ଟିବି) ବିଷୟରେ ସଚେତନତା ପ୍ରସାର କରିବା, ପ୍ରାରମ୍ଭିକ ଚିହ୍ନଟକୁ ଉତ୍ସାହିତ କରିବା ଏବଂ ଖଣି ଅଞ୍ଚଳରେ ପ୍ରତିରୋଧକ ସ୍ୱାସ୍ଥ୍ୟସେବା ପ୍ରୋତ୍ସାହିତ କରିବା ଉପରେ ଧ୍ୟାନ ଦେଇଥିଲା । ଅଭିଯାନର ଏକ ଅଂଶ ଭାବରେ, ନରାୟପୋଶି ଖଣି ନିକଟବର୍ତ୍ତୀ କସିରା ଗ୍ରାମ ଏବଂ ନୂଆଗାଁ ଖଣି ଡିସ୍‌ପେନ୍‌ସରୀରେ ସଚେତନତା ଅଧିବେଶନ, ମାଗଣା ଟିବି ସ୍କ୍ରିନିଂ ଶିବିର ଏବଂ ଶିକ୍ଷାଗତ ପୁସ୍ତିକା ବଣ୍ଟନ ଆୟୋଜନ କରାଯାଇଥିଲା । ଯେଉଁଥିରେ ସ୍ଥାନୀୟ ବାସିନ୍ଦା ଏବଂ ଜେଏସ୍‌ଡବ୍ଲୁ କର୍ମଚାରୀମାନେ ସକ୍ରିୟ ଅଂଶଗ୍ରହଣ କରିଥିଲେ । ଏହି ଅବସରରେ ଜେଏସ୍‌ଡବ୍ଲୁ ଷ୍ଟିଲ୍ ଓଡ଼ିଶା ଖଣି ବିଭାଗର ବ୍ୟବସାୟ ମୁଖ୍ୟ ପ୍ରସନ୍ନ ପଣ୍ଡା, ଯକ୍ଷ୍ମା ଦୂର କରିବା ପାଇଁ ଦେଶର ମିଶନକୁ ସମର୍ଥନ କରିବା ପାଇଁ କମ୍ପାନୀର ପ୍ରତିବଦ୍ଧତାକୁ ପୁନଃ ଦୋହରାଇଥିଲେ ଏବଂ ଲକ୍ଷଣ ଅନୁଭବ କଲେ ଲୋକଙ୍କୁ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା କରିବାକୁ ଉତ୍ସାହିତ କରିଥିଲେ । ମାନବ ସମ୍ପଦ ମୁଖ୍ୟ ଚିତ୍ତରଞ୍ଜନ ବାହିନୀପତି ଆଲୋକପାତ କରିଥିଲେ ଯେ ଏହି ଅଭିଯାନ ଜେଏସ୍‌ଡବ୍ଲୁର କର୍ମଚାରୀ ଏବଂ ଆଖପାଖର ସମ୍ପ୍ରଦାୟ ପ୍ରତି ଯତ୍ନ ଏବଂ ଦାୟିତ୍ୱର ସଂସ୍କୃତିକୁ ପ୍ରତିଫଳିତ କରେ । ସେ ସମସ୍ତଙ୍କୁ ଅବଗତ ରହିବା, ପ୍ରତିରୋଧକ ପଦକ୍ଷେପ ଗ୍ରହଣ କରିବା ଏବଂ ସେମାନଙ୍କ ସ୍ୱାସ୍ଥ୍ୟ ଏବଂ ସୁସ୍ଥତାକୁ ପ୍ରାଥମିକତା ଦେବାକୁ ଅନୁରୋଧ କରିଥିଲେ । ନୂଆଗାଁ ଖଣିରେ ଅନୁଷ୍ଠିତ ସମାପନା ଉତ୍ସବରେ ଭାରତୀୟ ଖଣି ବ୍ୟୁରୋ, ଭୁବନେଶ୍ୱରର ଅରୁଣ କୁମାର ଯୋଗଦେଇଥିଲେ, ଯିଏ ଯକ୍ଷ୍ମାମୁକ୍ତ ଭାରତ ହାସଲ କରିବାରେ ସଚେତନତା, ସତର୍କତା ଏବଂ ପ୍ରାରମ୍ଭିକ ରୋଗ ନିର୍ଣ୍ଣୟ ଉପରେ ଗୁରୁତ୍ୱାରୋପ କରିଥିଲେ । ଏହି କାର୍ଯ୍ୟକ୍ରମରେ ଜେଏସ୍‌ଡବ୍ଲୁ ଷ୍ଟିଲ୍ ଓଡ଼ିଶା ଖଣି ବିଭାଗର ଅପରେସନ୍ ଏବଂ ପ୍ରୋଜେକ୍ଟ ମୁଖ୍ୟ ରାମଶଙ୍କର ଶର୍ମା, ଡାକ୍ତର ସୌଭାଗ୍ୟ ସାମଲ, ଭୁବନେଶ୍ୱରର ଅନୁରାଗ ଦ୍ୱିବେଦୀ ଏବଂ ଜେଏସ୍‌ଡବ୍ଲୁ ଷ୍ଟିଲ୍‌ର ଖଣି ପରିଚାଳକ ମାନେ ମଧ୍ୟ ଯୋଗ ଦେଇଥିଲେ । ଏହି ଅଭିଯାନରେ ଡାକ୍ତର ଗଣେଶ ପ୍ରସାଦ ପଣ୍ଡାଙ୍କ ନେତୃତ୍ୱରେ ସଚେତନତା ଅଧିବେଶନ ସହିତ ଆରମ୍ଭ ହୋଇଥିଲା ଏବଂ ଖଣି କ୍ଷେତ୍ରର ଶ୍ରମିକ ଏବଂ ସମ୍ପ୍ରଦାୟ ପାଖରେ ସଫଳତାର ସହିତ ପହଞ୍ଚିଥିଲା । ଯାହା ଜେଏସ୍‌ଡବ୍ଲୁ ଷ୍ଟିଲ୍‌ର ଶିଳ୍ପ ଉତ୍କର୍ଷତା ଏବଂ ସାମାଜିକ ଦାୟିତ୍ୱ ଉଭୟ ପ୍ରତି ଉତ୍ସର୍ଗତାକୁ ପ୍ରତିଫଳିତ କରିଥିଲା ।

## ମରଣ ଯନ୍ତା ସାଜିଛି ଧାମନଗର-ଦୋବଲ ରାସ୍ତା

# ନିର୍ମାଣର ଦେଢ଼ ବର୍ଷରେ କଂକ୍ରିଟ୍ ରାସ୍ତା ଫାଟିଲା

**ଧାମନଗର, ନ୍ୟୁଜ୍ ବ୍ୟୁରୋ**

ରାଜ୍ୟରେ ଶାସନ ପରିବର୍ତ୍ତନ ହେଲା । ମାତ୍ର ବଦଳିଲାନି ପୂର୍ତ୍ତ ବିଭାଗର କାର୍ଯ୍ୟଶୈଳୀ କି ଠିକାଦାରଙ୍କ ମନମୁଖୀ କାର୍ଯ୍ୟ । ୨୦୨୪ରେ ଓଡ଼ିଶାରେ ନୂଆ ସରକାର ଆସିବା ପରେ ଜନସାଧାରଣଙ୍କ ସୁବିଧା ପାଇଁ ଧାମନଗରର ଅନ୍ୟତମ ମୁଖ୍ୟ ରାସ୍ତା କୁହାଯାଉଥିବା ଧାମନଗର-କ୍ଷେଣ୍ଟପୁର ଭାୟା ଦୋବଲ ରାସ୍ତାର ମରାମତି ଓ ପୁନଃ-ନିର୍ମାଣ କାର୍ଯ୍ୟ ହାତକୁ ନିଆଯାଇଥିଲା । ଅତ୍ୟନ୍ତ ପରିତାପର ବିଷୟ ଯେ, ନିର୍ମାଣର ମାତ୍ର ଦେଢ଼ ବର୍ଷ ନପୂରୁଣୁ ଏହି କୋଟି କୋଟି ଟଙ୍କାର କଂକ୍ରିଟ ରାସ୍ତାଟି ଏବେ ବିଭିନ୍ନ ସ୍ଥାନରେ ଫାଟି ଆଁ କଲାଣି । ପୂର୍ତ୍ତ ବିଭାଗର ସରକାରୀ ଗାଇଡ୍‌ଲାଇନ୍ ଏବଂ ବୈଷୟିକ ନିୟମାବଳୀକୁ ସମ୍ପୂର୍ଣ୍ଣ ରୂପେ ଜଳାଞ୍ଜଳି ଦେଇ କରାଯାଇଥିବା ଏହି ନିମ୍ନମାନର ନିର୍ମାଣ ଯୋଗୁ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଜନଅସନ୍ତୋଷ ପ୍ରକାଶ ପାଇଛି । ରାସ୍ତାର ସ୍ଥିତି ଏବେ ଅତ୍ୟନ୍ତ ଶୋଚନୀୟ । ଧାମନଗର କଲେଜ ସାମ୍ନାରେ ରାସ୍ତାକୁ ପ୍ରାୟ ୬ ଇଞ୍ଚ ଉଚ୍ଚା କରି କଂକ୍ରିଟ୍ ଢଳେଇ କରାଯାଇଥିଲା । ଆଶ୍ଚର୍ଯ୍ୟର ବିଷୟ, ଏହି ୬ ଇଞ୍ଚ ମୋଟାର ନୂତନ ସ୍ଲାବ୍ ମଧ୍ୟ ଭାରୀଯାନର ଚାପ ସହିନପାରି ଫାଟିଗଲାଣି । ସେହିପରି ଖଡ଼ିପଦାରୁ ଦୋବଲ ମଧ୍ୟବର୍ତ୍ତୀ ଅଞ୍ଚଳରେ ଏଯାଏଁ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ଶେଷ ସୁଦ୍ଧା ହୋଇନାହିଁ । ଗୋଟିଏ ପଟେ ଠିକାଦାର କାମ ଅଧାପନ୍ତରିଆ କରି ରଖିଥିବା ବେଳେ, ଅନ୍ୟପଟେ ନିର୍ମିତ ହୋଇସାରିଥିବା ଅଂଶରେ ଏବେଠାରୁ ହିଁ ବଡ଼ ବଡ଼ ଫାଟ ଦେଖାଦେବା ବିଭାଗୀୟ ଅପାରଗତାକୁ ପଦାରେ ପକାଇଛି । ଧାମନଗର ଓ ଦୋବଲ ଅଞ୍ଚଳର ଭୌଗୋଳିକ ସ୍ଥିତି ଅନୁସାରେ ଏହି ରାସ୍ତା ତଳେ କେଲୁଅ ବା ଅତ୍ୟଧିକ ଚିକିଟା ମାଟି ରହିଛି । ଏହି ମାଟିର ପ୍ରକୃତି ହେଉଛି ବର୍ଷା ଦିନେ ଏହା ଫୁଲିଯାଏ ଏବଂ ଖରା ଦିନେ ସଙ୍କୁଚିତ ହୋଇଯାଏ । ଓଡ଼ିଶା ସରକାରଙ୍କ ପୂର୍ତ୍ତ ବିଭାଗର ରାସ୍ତା ନିର୍ମାଣ ନିୟମାବଳୀ ଅନୁଯାୟୀ, ଏଭଳି ମାଟି ଉପରେ କଂକ୍ରିଟ୍ ରାସ୍ତା ପ୍ରସ୍ତୁତ କରିବା ପୂର୍ବରୁ ସ୍ୱତନ୍ତ୍ର ସ୍ଥିରୀକରଣ ଡିଜାଇନ୍ କରିବା ବାଧ୍ୟତାମୂଳକ । ମାତ୍ର ବିଭାଗୀୟ ଯନ୍ତ୍ରୀ ଏବଂ ଠିକାଦାରଙ୍କ ମଧୁଚନ୍ଦ୍ରିକା ଯୋଗୁ କୌଣସି ସ୍ୱତନ୍ତ୍ର ପ୍ରତିକାରମୂଳକ ବ୍ୟବସ୍ଥା ନକରି ସିଧାସଳଖ ଢଳେଇ କରିଦିଆଗଲା, ଯାହା



ଆଜି ରାସ୍ତା ଫାଟିବାର ପ୍ରମୁଖ କାରଣ ସାଜିଛି । ତାପମାତ୍ରାର ଅତ୍ୟଧିକ ପରିବର୍ତ୍ତନ ତଥା ସଙ୍କୋଚନ ଓ ପ୍ରସାରଣ ଯୋଗୁ ରାସ୍ତାର ଦୁଇଟି ଲେନ୍ ମଝିରେ ଥିବା ସଂଯୋଗସ୍ଥଳ ଗୁଡ଼ିକ ଏବେ ପ୍ରଶସ୍ତ ହେବାରେ ଲାଗିଛି । ନିୟମ ଅନୁସାରେ ଏହି ଜଏଣ୍ଟ ଗୁଡ଼ିକୁ ସଠିକ୍ ସମୟରେ କାଟି ସେଥିରେ ବେକର୍ ରଡ୍ ଏବଂ ବିଟୁମିନ ବା ସିଲାଣ୍ଟ ଭରିବା କଥା । ମାତ୍ର ତାହା ନକରାଯିବାରୁ ଏହି ସଂଯୋଗସ୍ଥଳ ଗୁଡ଼ିକ ଚଉଡ଼ା ହୋଇ ଲମ୍ବା ଓ ଗଭୀର ଗାଡ଼ରେ ପରିଣତ ହେଲାଣି । ବିଶେଷ କରି ରାତି ସମୟରେ ଦ୍ରୁତଗତିରେ ଯାଉଥିବା ବାଇକ୍ ଚାଳକଙ୍କ ଚକା ଏହି ଗାଡ଼ରେ ପଶିଯିବା ଫଳରେ ଅନେକ ଦୁର୍ଘଟଣା ଘଟୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି । ଏହା ସହିତ ବୈଷୟିକ ତ୍ରୁଟି ସହିତ ଯୋଡ଼ ଉପରେ ଲଳିତା ବିଡ଼ା ସାଜିଛି ବେଆଇନ ଓଭରଲୋଡିଂ । ବୈତରଣୀ ନଦୀରୁ ପ୍ରତିଦିନ ଶହ ଶହ ଓଭରଲୋଡେଡ୍ ବାଲି ବୋଝେଇ ହାଇୱା ଏବଂ ଟ୍ରକ୍ ଏହି ରାସ୍ତା ଦେଇ ଦିନରାତି ଚଳାଚଳ କରୁଛି । ଏହା ସହିତ ଗ୍ରାମାଞ୍ଚଳରେ ନିର୍ମାଣ କାର୍ଯ୍ୟ ବୃଦ୍ଧି ପାଇଥିବାରୁ ମେଟାଲ୍, ଚିପ୍ସ ଏବଂ ଲୁହା ରଡ୍ ବୋଝେଇ ଭାରୀ ଯାନ ମଧ୍ୟ ଏହି ରାସ୍ତା ଉପରେ ନିରନ୍ତର ଯାତାୟାତ କରୁଛନ୍ତି । ରାସ୍ତାର ନିର୍ଦ୍ଧାରିତ ଭାର ବହନ କ୍ଷମତା ଠାରୁ କେତେ ଗୁଣ ଅଧିକ ଓଜନର ଗାଡ଼ି ଚାଲୁଥିବାରୁ, ଦୁର୍ବଳ ବେସ୍ ଉପରେ ଥିବା କଂକ୍ରିଟ୍ ସ୍ଲାବ୍ ଏହି ଚାପ ସହିପାରି ନାହିଁ ଓ ଫାଟିଯାଉଛି । ସରକାରଙ୍କ ପୂର୍ତ୍ତ ବିଭାଗ ନିୟମ ଅନୁଯାୟୀ, କୌଣସି ବି ନୂତନ କଂକ୍ରିଟ୍ ରାସ୍ତାର ଡିଫେକ୍ଟ ଲାଏବିଲିଟି ପିରିୟଡ୍ ଅତିକମ୍‌ରେ ୩ ରୁ ୫ ବର୍ଷ ରହିଥାଏ । ଏହି ସମୟ ମଧ୍ୟରେ ଯଦି ରାସ୍ତା ଖରାପ ହୁଏ, ତେବେ ସମ୍ପୃକ୍ତ ଠିକାଦାର ନିଜ ଖର୍ଚ୍ଚରେ ଏହାର ସମ୍ପୂର୍ଣ୍ଣ ମରାମତି ବା ପୁନଃ-ନିର୍ମାଣ କରିବା ପାଇଁ ଆଇନଗତ ଭାବେ ବାଧ୍ୟ । ଏ ସମ୍ପର୍କରେ ସ୍ଥାନୀୟ ବୁଦ୍ଧିଜୀବୀ ଓ ଜନସାଧାରଣ ଏକଯୋଗରେ ଦାବି କରିଛନ୍ତି ଯେ, ରାଜ୍ୟ ସରକାର ତୁରନ୍ତ ଏକ ଉଚ୍ଚସ୍ତରୀୟ ବୈଷୟିକ ଟିମ୍ ପଠାଇ ଧାମନଗର-ଦୋବଲ ରାସ୍ତାର ଯାଞ୍ଚ କରନ୍ତୁ । ମାଟିର ପ୍ରକୃତି ଅନୁଯାୟୀ ସ୍ୱତନ୍ତ୍ର ଡିଜାଇନ୍ ପ୍ରସ୍ତୁତ କରାଯାଇ ଠିକାଦାରଙ୍କ ଜରିଆରେ ରାସ୍ତାର ପୁନଃ-ନିର୍ମାଣ କରାଯାଉ ଏବଂ ଓଭରଲୋଡିଂ ଗାଡ଼ି ଗୁଡ଼ିକ ଉପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ । ନଚେତ୍ ଆଗାମୀ ଦିନରେ ବୃହତ ଆନ୍ଦୋଳନ ମାଧ୍ୟମରେ ବିଭାଗୀୟ ଅଧିକାରୀଙ୍କୁ ଘେରିବା ପାଇଁ ଧାମନଗରବାସୀ ଚେତାବନୀ ଦେଇଛନ୍ତି ।

# ନୂତନ ପ୍ରଜାତିର ଆମ୍ଫିପୋଡ୍ ଚିହ୍ନଟ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ବିଶ୍ୱବିଦ୍ୟାଳୟର ସାମୁଦ୍ରିକ ବିଜ୍ଞାନ ବିଭାଗ ପକ୍ଷରୁ ନୂତନ ପ୍ରଜାତିର ଉଭୟଚର ପ୍ରାଣୀ ଛୋଟ ଚିଙ୍ଗୁଡ଼ି ସଦୃଶ ଆମ୍ଫିପୋଡ୍ ଚିହ୍ନଟ ହୋଇଛି । ଅକ୍ଟୋବର ୨୦୨୫ରେ ଗୋପାଳପୁର ନିକଟବର୍ତ୍ତୀ ଆର୍ଜିପଲ୍ଲୀ ସମୁଦ୍ରର ଉପକୂଳ ଅଞ୍ଚଳରୁ ସାମୁଦ୍ରିକ ବିଜ୍ଞାନ ବିଭାଗର ଗବେଷକ ଶ୍ରୀରାଜ ନାହାକ, ସୁମନ ପାତ୍ର, ଡ଼. ଶେଷଦେବ ପାତ୍ର ଏହାକୁ ପାଇବା ପରେ ବିଭାଗର ପରୀକ୍ଷାଗାରକୁ ଆଣି ବିଭିନ୍ନ ପରୀକ୍ଷା ନିରୀକ୍ଷା କରିଥିଲେ । ଆମ୍ଫିପୋଡ୍‌ର ଡିଏନ୍‌ଏ ପରୀକ୍ଷା ପରେ ଏହି ପ୍ରଜାତିର ଆମ୍ଫିପୋଡ୍ ଭିନ୍ନ ବୋଲି ଜଣାପଡ଼ିଥିଲା । ଏହାର ରଙ୍ଗ ଧୂସର ମାଟିଆ । ଏମାନେ ବିଷାକ୍ତ ନୁହନ୍ତି । ଏମାନଙ୍କୁ ପକ୍ଷୀ ଓ ଛୋଟ ଛୋଟ ମାଛ ଖାଦ୍ୟ ଭାବେ ଗ୍ରହଣ କରନ୍ତି । ଆମ୍ଫିପୋଡ୍ ମାନଙ୍କୁ ପରିବେଶ ଓ ପରିସ୍ଥିତି ତନ୍ତ୍ରର ସ୍ୱାସ୍ଥ୍ୟ ମାପିବା ପାଇଁ ଉପଯୋଗୀ ବାୟୋଇଣ୍ଡିକେଟ୍‌ର ଭାବେ ମନେ କରାଯାଏ । ଏମାନେ ଉଭୟଚର ପ୍ରାଣୀ । ଆର୍ଜିପଲ୍ଲୀରେ ମିଳିଥିବାରୁ ଏହାର ନାମକରଣ ଇଲାସମୋପସ୍ ଆର୍ଜେନସିସ୍ ରଖାଯାଇଛି । ବିଭାଗ ପକ୍ଷରୁ ପୂର୍ବରୁ ୬ ପ୍ରକାର ନୂତନ ଆମ୍ଫିଫୋଡ୍ ଚିହ୍ନଟ ହୋଇଥିଲା । ଏହାକୁ ସଂରକ୍ଷଣ ରଖାଯାଇ ବିଭିନ୍ନ ଗବେଷଣା କରାଯିବ ବୋଲି ବିଭାଗର ଅଧ୍ୟାପକ ଡ଼. ଶେଷଦେବ ପାତ୍ର କହିଛନ୍ତି ।

# ବରଗଡ଼ରେ ନୂତନ ଏସ୍‌ପି ଭାବେ ଯୋଗଦେଲେ ରବୀନ୍ଦ୍ର ନାଥ ଶତପଥୀ



**ବରଗଡ଼, ନ୍ୟୁଜ୍ ବ୍ୟୁରୋ**

ବରଗଡ଼ ଜିଲ୍ଲାରେ ନୂତନ ଏସ୍‌ପି ଭାବେ ଯୋଗ ଦେଇଛନ୍ତି ରବିନ୍ଦ୍ର ନାଥ ଶତପଥୀ । ଏସ୍‌ପି ଭାବେ କାର୍ଯ୍ୟରେ ଯୋଗ ଦେଲାପରେ ଏସ୍‌ପି ରବିନ୍ଦ୍ରନାଥ କହିଛନ୍ତି ଯେ, ବରଗଡ଼ରେ କୌଣସି କ୍ରିମିନାଲ୍‌ର ଦାଦାଗିରି ଚଳିବନାହିଁ । ବରଗଡ଼ବାସୀଙ୍କ ସ୍ୱାଭିମାନକୁ ସମ୍ମାନ ଜଣାଇ ଲୋକଙ୍କ ଭାବାବେଗକୁ ପୋଲିସ ପ୍ରଶାସନ ସମ୍ମାନ ଦେଇ ନ୍ୟାୟ ପ୍ରଦାନ କରିବ । ପ୍ରଥମେ ବରଗଡ଼ ସହରରେ ଟ୍ରାଫିକ୍ ସମସ୍ୟାର ସମାଧାନ କରାଯିବ । ଏଥିସହ ବରଗଡ଼ ସହରରେ ସମ୍ପୂର୍ଣ୍ଣ ଭାବେ କଫ୍‌ସିରପ୍, ଗଞ୍ଜେଇ, ଡ୍ରଗ୍ସ, ଆଦି ନିଶା କାରବାର ମୂଳପୋଛ କରାଯିବ । କଳା, ସାହିତ୍ୟ, ସଂସ୍କୃତର ଗନ୍ତାଘର ବରଗଡ଼ବାସୀଙ୍କୁ ପୋଲିସ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ସୁବିଧା ସୁଯୋଗ ଦିଆଯିବ । ପୋଲିସ ପ୍ରଶାସନକୁ ସମ୍ପୂର୍ଣ୍ଣ ସହଯୋଗ ପାଇଁ ଜନତାଙ୍କ ସହଯୋଗ ଲୋଡ଼ା ବୋଲି ଏସ୍‌ପି ରବିନ୍ଦ୍ରନାଥ ଶତପଥୀ ଗଣମାଧ୍ୟମକୁ କହିଛନ୍ତି ।

# ବିଦ୍ୟୁତ୍ ଆଘାତରେ ଯୁବକର ମୃତ୍ୟୁ

**ରାଜଗାଙ୍ଗପୁର, ନ୍ୟୁଜ୍ ବ୍ୟୁରୋ**

ଜଣେ ବ୍ୟବସାୟୀଙ୍କ ଘରେ ବିଦ୍ୟୁତ୍ ପଙ୍ଖା ମରାମତି କରିବାପାଇଁ ଯାଇ ସେଠାରେ ବିଦ୍ୟୁତ୍ ଆଘାତରେ ଯୁବକର ମୃତ୍ୟୁ ହେବା ଜଣାଯାଇଛି । ବିଶେଷ ସୂତ୍ରରୁ ଜଣାଯାଇଛି ଯେ ରାଜଗାଙ୍ଗପୁର ସହରର ଶାନ୍ତି ନଗରରେ ଜଣେ ବ୍ୟବସାୟୀଙ୍କର ଷ୍ଟାଣ୍ଡ ପଙ୍ଖାଟି ଖରାପ ହେବାପରେ ଭାଟାପଡା ନିବାସୀ ଅମରଜିତ ସିଂଙ୍କ ପୁଅ ମଞ୍ଜିତ ସିଂ (୧୯)କୁ ପଙ୍ଖା ମରାମତି କରିବା ପାଇଁ ଡାକିଥିଲେ । ସେ ଯାଇ ପଙ୍ଖାକୁ ମରାମତି କରିବା ଆରମ୍ଭ କରିବା ପରେ କୌଣସି କାରଣରୁ ବିଦ୍ୟୁତ୍‌ର ସଂସ୍ପର୍ଶରେ ଆସିଯାଇଥିଲେ କିନ୍ତୁ ବ୍ୟବସାୟୀ ଜଣଙ୍କ ଦେଖିବାରେ ବିଳମ୍ବ ହୋଇଯାଇଥିଲା । ପରେ କିନ୍ତୁ ସେ ଦେଖିବ ପରେ ମୁମୂର୍ଷୁ ଅବସ୍ଥାରେ ମଞ୍ଜିତକୁ ରାଜଗାଙ୍ଗପୁର ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ ସେଠାରେ ଡାକ୍ତର ମଞ୍ଜିତଙ୍କୁ ମୃତ ଘୋଷଣା କରିଥିଲେ । ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରି ମଞ୍ଜିତର ମରଶରୀରକୁ ଜବତ କରି ଅପମୃତ କେସ୍ ରୁଜୁ କରି ଶବ ବ୍ୟବଚ୍ଛେଦ କରିଥିଲେ । ଏହି ଘଟଣାକୁ ନେଇ ଲୋକଙ୍କ ମନରେ ସନ୍ଦେହ ଯାତ ହେଉଛି । ଯଦି ସେହି ବ୍ୟବସାୟୀ ତାଙ୍କୁ ପଙ୍ଖା ମରାମତି ପାଇଁ ଡାକିଥିଲେ ତାର ଇଲେକ୍ଟ୍ରିକ୍‌ର ଅଭିଜ୍ଞତା ଏବଂ ବୈଷୟିତ୍ୱ ଜ୍ଞାନ ଥିଲା କି ନାହିଁ ତାର ଉପରେ ଗୃହ ମଲ୍ଲିକ ଯାଞ୍ଚ କରି ତାକୁ ମରାମତି କାର୍ଯ୍ୟ କରିବା ପାଇଁ ଲେବର ଆଇନ୍‌ରେ ଥିବାବେଳେ ତାର ଯଦି ସେହିପରି ଅଭିଜ୍ଞତା ନଥିବ ତାହାହେଲେ ତାର ମୃତ୍ୟୁ ପାଇଁ ଗୃହକର୍ତ୍ତା ସମ୍ପୂର୍ଣ୍ଣ ଦାୟି ରହିବା ସହ ତାର କ୍ଷତି ଭରଣ କରିବା ନିୟମ ରହିଛି । ପ୍ରଶାସନ ଏହା ଉପରେ ତଦନ୍ତ କରି ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ କରିବା ପାଇଁ ବୁଦ୍ଧିଜୀବୀମାନେ ଦାବି କରିଛନ୍ତି ।



# କେନ୍ଦ୍ରାପଡାରେ ଶାନ୍ତି ଶୃଙ୍ଖଳାର ସହ 'ଇଦ୍-ଉଲ୍-ଜୁହା'

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲା ଏବଂ ୯ ଗୋଟି ବ୍ଲକରେ ବସବାସ କରୁଥିବା ସଂଖ୍ୟାଲଘୁ ସଂପ୍ରଦାୟର (ଇସ୍‌ଲାମ୍ ଧର୍ମାଲମ୍ବୀ) ମାନଙ୍କର ଇଦ୍-ଉଲ୍-ଜୁହା ଏକ ବଡ ପର୍ବ ଭାବେ ଜଣାଶୁଣା । ଗୁରୁବାର ସକାଳେ ଇଦ୍-ଉଲ୍-ଜୁହା ପର୍ବ ପାଳନ ପାଇଁ ହଜାର ହଜାର ସଂଖ୍ୟକ ମୁସ୍‌ଲିମ୍ ଭାଇମାନେ ବିଭିନ୍ନ ମସ୍‌ଜିଦ୍ ଓ ଇଦ୍‌ଘା ପଡିଆରେ ସମୁହ ନମାଜ୍ ପ୍ରାର୍ଥନା କରିଥିଲେ । କେନ୍ଦ୍ରାପଡା ସହରର ଫକିରାବାଦ, ଜଇପୁରା, ଦିଲାରପୁର, ଇମାମବାଡା, ରଣପଡା, ରସୁଲାବାଦ ପ୍ରଭୃତି ଅଞ୍ଚଳଗୁଡିକର ମୁସ୍‌ଲିମ୍ ଲୋକମାନେ ବାଇପାସ୍‌ରେ ଥିବା ନୂଆ ଇଦ୍‌ଘା, ପୁରୁଣା ଇଦ୍‌ଘା, ଅହେଲେ ହଦିଶ୍ ମସ୍‌ଜିଦ୍, ଫକିରାବାଦ ମସ୍‌ଜିଦ୍, ରସୁଲାବାଦ ମସ୍‌ଜିଦ୍ ପ୍ରଭୃତିରେ ସାମୁହିକ ନମାଜ ପ୍ରାର୍ଥନା କରିଥିଲେ । କେନ୍ଦ୍ରାପଡା ପୋଲିସ ପ୍ରଶାସନ ପକ୍ଷରୁ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ବ୍ୟାପକ ପୋଲିସ ମୁତୟନ କରାଯାଇଛି । ପୋଲିସ ପକ୍ଷରୁ ପାଟ୍ରୋଲିଂ ଗାଡି ସମସ୍ତ ଜାଗା ବୁଲି ଅସାମାଜିକଙ୍କ ଉପରେ ତୀକ୍ଷ୍ଣ ଦୃଷ୍ଟି ରଖିଥିବା ଜଣାପଡିଛି ଏବଂ ସମ୍ବେଦନଶୀଳ ସ୍ଥାନ ମାନଙ୍କରେ ପୋଲିସ ମୁତୟନ କରାଯାଇଛି । ତେବେ ସହର କିମ୍ବା ଆଖପାଖ ଅଞ୍ଚଳରେ କୌଣସି ଅଘଟଣ ଘଟିନଥିବାବେଳେ ସମ୍ପୂର୍ଣ୍ଣ ଭାବରେ ଶାନ୍ତି ଶୃଙ୍ଖଳାର ସହ ଇଦ୍-ଉଲ୍-ଜୁହା ପର୍ବ ପାଳିତ ହେଉଥିବାର ଜଣାପଡିଛି ।

# ଜୁଲାଇ ୨ରେ ଆରମ୍ଭ ହେବ ମାଟ୍ରିକ୍ ସପ୍ଲିମେଣ୍ଟାରୀ ପରୀକ୍ଷା

**କଟକ, ନ୍ୟୁଜ୍ ବ୍ୟୁରୋ**

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ମାଟ୍ରିକ୍ ସପ୍ଲିମେଣ୍ଟାରୀ ପରୀକ୍ଷା ଜୁଲାଇ ୨ରୁ ଆରମ୍ଭ ହୋଇ ୧୦ ତାରିଖରେ ଶେଷ ହେବ । ଏଥିପାଇଁ ବୋର୍ଡ ପକ୍ଷରୁ ବୁଧବାର ପରୀକ୍ଷା ସୂଚୀ ପ୍ରକାଶ ପାଇଛି । ଜୁଲାଇ ୨ରେ ପ୍ରଥମ ଭାଷା ଓଡ଼ିଆ, ୪ରେ ଦ୍ୱିତୀୟ ଭାଷା ଇଂରାଜୀ, ୬ରେ ଗଣିତ, ୮ରେ ବିଜ୍ଞାନ, ୯ରେ ସାମାଜିକ ବିଜ୍ଞାନ ଏବଂ ୧୦ରେ ତୃତୀୟ ଭାଷା ହିନ୍ଦୀ ଓ ସଂସ୍କୃତ ବିଷୟରେ ଛାତ୍ରଛାତ୍ରୀ ପରୀକ୍ଷା ଦେବେ । ପୂର୍ବାହ୍ଣ ୯ଟାରୁ ୧୧ଟା ୩୦ ମିନିଟ୍ ପର୍ଯ୍ୟନ୍ତ ଉଭୟ ରେଗୁଲାର ଏବଂ ଏକ୍ସରେଗୁଲାର ଛାତ୍ରଛାତ୍ରୀଙ୍କ ପରୀକ୍ଷା ହେବ । କେବଳ ଗଣିତ ବିଷୟରେ ଛାତ୍ରଛାତ୍ରୀଙ୍କୁ ଅଧିକ ୧୫ ମିନିଟ୍ ସମୟ ମିଳିବ । ଅନ୍ୟପକ୍ଷରେ ରାଜ୍ୟ ମୁକ୍ତ ବିଦ୍ୟାଳୟ (ଦ୍ୱିତୀୟ) ପରୀକ୍ଷା ପାଇଁ ସୂଚୀ ପ୍ରକାଶ ପାଇଛି । ଜୁଲାଇ ୨ରେ ମାତୃଭାଷା, ୩ରେ ପେଣ୍ଟିଂ, ୪ରେ ଇଂରାଜୀ, ୬ରେ ଗଣିତ, ୭ରେ ହୋମ୍ ସାଇନ୍ସ, ୮ରେ ବିଜ୍ଞାନ, ୯ରେ ସାମାଜିକ ବିଜ୍ଞାନ, ୧୦ରେ ଭାରତୀୟ ସଂସ୍କୃତି ଓ ଐତିହ୍ୟ ବିଷୟରେ ପରୀକ୍ଷା ହେବ । ସୂଚନାଯୋଗ୍ୟ ଯେ, ଚଳିତବର୍ଷ ୧୬ ହଜାରରୁ ଅଧିକ ଛାତ୍ରଛାତ୍ରୀ ଏହି ପରୀକ୍ଷା ଦେବାକୁ ଫର୍ମପୂରଣ କରିଛନ୍ତି । ଅଗଷ୍ଟ ସୁଦ୍ଧା ଫଳ ପ୍ରକାଶ ପାଇଁ ବୋର୍ଡ ଯୋଜନା କରିଛି ।

## ///// ମୁକ୍ତ ଚିନ୍ତନ ମଞ୍ଚ ଓ ଭାରତୀୟ ବିଦ୍ୟାଭବନର ଆଲୋଚନା ଚକ୍ର //////

# 'ପ୍ରଚେଷ୍ଟା ବଳରେ ମାନବିକତାର ଅବକ୍ଷୟକୁ ରୋକାଯିବ'



**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଆଜିର ମଣିଷ ଶିକ୍ଷିତ ହେଉଛି, ବୈଜ୍ଞାନିକ ପ୍ରଗତି କରୁଛି କିନ୍ତୁ ତାର ମାନସିକତା କେଉଁଠି ହଜିଯାଇଛି । ଏହି ମାନବିକତାର ଅବକ୍ଷୟ ଆଜି ଏକ ସାମାଜିକ ସଂକଟ ରୂପେ ଦେଖାଦେଇଛି ଶ୍ରୀମଦ୍ ଭାଗବତରେ ଅମୂଲ୍ୟ ବାଣୀ ମନୁଷ୍ୟ ଦେହେ ଦିବ୍ୟଜ୍ଞାନ ଦେଖୁ ସନ୍ତୋଷ ଭଗବାନ ଏବେ ପୋଥିର କଥା ହୋଇରହିଛି । ବର୍ତ୍ତମାନର ପରିସ୍ଥିତିରେ ମାନବିକତାର ଅବକ୍ଷୟ ସମାଜ ପାଇଁ ଏକ ବିରାଟ ସମସ୍ୟା ରୂପେ ମୁଣ୍ଡ ଟେକିଛି ଯାହାର ପ୍ରତିକାର ପାଇଁ ଆମକୁ ସାମାଜିକ, ସାଂସ୍କୃତିକ, ରାଜନୈତିକ ଓ ଆଧ୍ୟାତ୍ମିକ ମାର୍ଗର ଆଶ୍ରୟ ନେବାକୁ ପଡିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି । ମୁକ୍ତ ଚିନ୍ତନ ମଞ୍ଚ ଓ ଭାରତୀୟ ବିଦ୍ୟାଭବନର ୨୧୬ ତମ ଆଲୋଚନା ଚକ୍ର ମାନବିକତାର ଅବକ୍ଷୟ ଏକ ସାମାଜିକ ସଂକଟ ଶୀର୍ଷକରେ ପଦ୍ମଶ୍ରୀ ଡାକ୍ତର ଅଶୋକ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଯୋଗଦେଇ ମୁଖ୍ୟବକ୍ତା ନାଇଜରର ପ୍ରାକ୍ତନ ଡ. କୁଳସଚିବ ଓ ଅଭୟ କୁମାର ନାୟକ ବର୍ତ୍ତମାନ ସମାଜରେ ଘଟୁଥିବା ପାରିବାରିକ କଳହ, ହିଂସା, ଯୌତୁକ ଜନିତ ବଧୂ ନିର୍ଯାତନା, ତଥା ସାମାଜିକ ସ୍ତରରେ ଗୋଷ୍ଠି ହିଂସା, ସହରାଞ୍ଚଳରେ ଗୁଣ୍ଡା ମାନଙ୍କ ପ୍ରାଦୁର୍ଭାବର ଉଦାହାରଣ ଦେଇ କହିଲେ ଏ ସମସ୍ତ ଘଟଣା ହେଉଛି ମାନବିକତାର ଅବକ୍ଷୟର ନମୁନା । ସେ ଏହାର ନିରାକରଣ ପାଇଁ ଆଧ୍ୟାତ୍ମିକ ମାର୍ଗର ଆଶ୍ରୟ ନେବାପାଇଁ ସୁପାରିଶ କରି ଗୀତା, ଭାଗବତର ବାଣୀକୁ ପାଳନ କରିବା ସହ ଆମର ଚଳନ୍ତି ଠାକୁର ଶ୍ରୀଜଗନ୍ନାଥଙ୍କ ରୀତିନୀତି, ପର୍ବପର୍ବାଣୀ ତଥା ଆଚରଣରୁ ବହୁ କିଛି ଶିଖିବାର ସମୟ ଆସିଛି ତାହା ନକଲେ ସମାଜରେ ପତନ ଅବଶ୍ୟମ୍ଭାବୀ । ଏହି ଅମାନୁଷିକତା ଏବେ ଦେଶ ଦେଶ ଭିତରେ ବ୍ୟାପି ବିଶ୍ୱ ଶାନ୍ତି ପ୍ରତି ବିପଦ ସୃଷ୍ଟି କରିବାକୁ ବସିଲାଣି ବୋଲି ମୁଖ୍ୟ ଅତିଥି ବିଶିଷ୍ଟ ବାଗ୍ମୀ ପ୍ରାଧ୍ୟାପକ ନିରଞ୍ଜନ ପାଢ଼ୀ ତାଙ୍କ ଉଦାହାରଣରେ ଉଲ୍ଲେଖ କରିଥିଲେ । ସେ କହିଥିଲେ ଯେ ଆଜିକାଲି ସମାଜରେ ଆଧୁନିକତାର ପ୍ରଭାବରେ ମଣିଷର ମଣିଷ ପଣିଆ ବଦଳରେ ପଶୁ ସୁଲଭ ଆଚରଣ ବେଶି ପରିଲକ୍ଷିତ ହେଉଛି । ପାରିବାରିକ ସ୍ତରରେ ସଂସ୍କାର ଓ ସଂସ୍କୃତିର ଅବମୂଲ୍ୟାୟନ ଘଟି ତାହା ସମାଜରେ ପ୍ରତିଫଳିତ ହେଉଛି । ଆଜିର ପିତାମାତା ନିଜ ସନ୍ତାନକୁ ବଡ଼ଲୋକ କରିବାକୁ ଚାହୁଛନ୍ତି ଭଲଲୋକ ହେବାକୁ ଉପଦେଶ ଦେଉନାହାନ୍ତି । ସମାଜକୁ ସଠିକ୍ ବାଟରେ ଆଣିବାକୁ ହେଲେ ସାମାଜିକ, ରାଜନୈତିକ ତଥା ଆଧ୍ୟାତ୍ମିକ ପନ୍ଥା ଅବଲମ୍ବନ ନିହାତି ଆବଶ୍ୟକ । ସେ ବର୍ତ୍ତମାନର ସମାଜରେ ଦୁର୍ନୀତି, ଭ୍ରଷ୍ଟାଚାର ଓ ନାରୀ ନିର୍ଯାତନାର ବହୁ ଉଦାହାରଣ ଦେଇ ମଣିଷର ଚରିତ୍ର ଶୁଦ୍ଧି ଉପରେ ଗୁରୁତ୍ୱ ଦେଇଥିଲେ । ସଭାପତି ଡାକ୍ତର ଅଶୋକ କୁମାର ମହାପାତ୍ର କେବଳ ଶାରୀରିକ ସ୍ୱାସ୍ଥ୍ୟ ନୁହେଁ ଆଧ୍ୟାତ୍ମିକ ସ୍ୱାସ୍ଥ୍ୟ ଉପରେ ବିଶେଷ ଧ୍ୟାନ ଦେବାପାଇଁ ଉପଦେଶ ଦେଇଥିଲେ । ବର୍ତ୍ତମାନର ହିଂସା ଦୋଷ ଓ ସମାଜରେ ଘଟୁଥିବା ନକରାତ୍ମକ ଘଟଣାକୁ ରାଜନୈତିକ ସ୍ତରରେ ଦୃଢ଼ହସ୍ତରେ ଦମନ କରିବାକୁ ପ୍ରସ୍ତାବ ଦେଇଥିଲେ । ପ୍ରାରମ୍ଭରୁ ସମ୍ପାଦକ ପୀତବାସ ରାଉତରାୟ ସ୍ୱାଗତ ଭାଷଣ ଦେଇ ସଭା ପରିଚାଳନା କରିଥିଲେ ଓ ଆବାହକ ରମାକାନ୍ତ ମିଶ୍ର ଧନ୍ୟବାଦ ଜ୍ଞାପନ କରିଥିଲେ । ସଭା ଆରମ୍ଭରୁ ସଂଗୀତା ତ୍ରିପାଠୀ, ରଶ୍ମିତା ରାଉତ ଓ ସମିତ ରାଉତ ଭକ୍ତି ସଂଗୀତ ପରିବେଷଣ କରିଥିଲେ । ଆଲୋଚନାରେ ଭାଗ ନେଇଥିଲେ ବିଜୟଲକ୍ଷ୍ମୀ ମହାନ୍ତି ପଟ୍ଟନାୟକ ଓ ନିଶାକର ରାଉତ । ସଭାରେ ବହୁ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ ।

# ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆ ପାଞ୍ଜି ଗଣନାକାର)
ମୋବାଇଲ-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**

| | | |
|---|---|---|
| ଲର ୨ ବୃଶୁବୁ | ୧୨ମ | ଶ ୧୧ ୧୦ରା |
| ୩ | ୧୬ / ୭ | ୯ |
| ୪କେ ୫ | ୬ଚ | ୮ ୭ |

ସନ- ୧୪୩୩ ସାଲ, ଶକାବ୍ଦ- ୧୯୪୩, ସମ୍ୱତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ
**ତା୩୦।୦୫।୨୦୨୬, ଜ୍ୟୈଷ୍ଠ (ମଳ) ଦି୧୬ନ, ଶନିବାର**
**ସୂର୍ଯ୍ୟୋଦୟ- ଘ ୫।୦୮।୫୦ ଚନ୍ଦ୍ରୋଦୟ- ସଂଘ ୫।୪୦।୨୨**
**ଚତୁର୍ଦ୍ଦଶୀ-** ଦିଘ ୧୧।୫୯ ପର୍ଯ୍ୟନ୍ତ । ବିଶାଖା ନକ୍ଷତ୍ର ଦିଘ ୧।୨୨ ପର୍ଯ୍ୟନ୍ତ । **ତୁଳା ଚନ୍ଦ୍ର-** ପ୍ରାଘ ୬।୪୦ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, ମିଥୁନ, ସିଂହ, କନ୍ୟା, ତୁଳା, ଧନୁ, ମକର ଓ କୁମ୍ଭ ରାଶିର । ପ୍ରାଘ ୬।୪୦ ଗତେ ବୃଷ, ମିଥୁନ, କର୍କଟ, କନ୍ୟା, ତୁଳା, ବିଛା, ମକର, କୁମ୍ଭ, ମୀନ ରାଶିର । **ଘାତଚନ୍ଦ୍ର-** ନାହିଁ । **ଶ୍ରାଦ୍ଧନିର୍ଣ୍ଣୟ-** ପୂର୍ଣ୍ଣିମାର ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ବିରି ଦିଘ ୧୧।୫୯ ଗତେ ଆମିଷ ଖାଇବା ମନା । **ଆଜିର ଶୁଭବେଳା-** ଦିଘ ୧୦।୦୭ ଗତେ ଦିଘ ୧୨।୧୧ ମଧ୍ୟେ । ଦିଘ ୩।୦୨ ଗତେ ଦିଘ ୩।୪୧ ମଧ୍ୟେ । **ପର୍ବୋତ୍ସବ-** ପୌର୍ଣ୍ଣମୀ ବ୍ରତ, ଚନ୍ଦ୍ର ପୂଜା ଓ ଉପବାସ ।

**ମେଷ:** ବେପାର ବାଣିଜ୍ୟ କ୍ଷେତ୍ରରେ ଲାଭବାନ୍ ହେବେ । ଦେହ ଭଲ ରହିବ । ଆର୍ଥିକ ସ୍ଥିତି ଭଲ ରହିବ । ଘରେ ସୁଖ ଶାନ୍ତି ଲାଭ ହେବ । ଦେବ ଦର୍ଶନ କରିପାରନ୍ତି । ନୂତନ ଦ୍ରବ୍ୟ କ୍ରୟ କରିପାରନ୍ତି ।

**ବୃଷ:** ଆର୍ଥିକ ସ୍ଥିତି ସୁଦୃଢ଼ ହେବ । ଦିନଟି ଆପଣଙ୍କ ପାଇଁ ଶୁଭଦାୟକ ହେବ । ଦେହ ଭଲ ରହିବ । କର୍ମକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ । ପାରିବାରିକ ଜୀବନରେ ସୁଖଶାନ୍ତି ବିରାଜମାନ କରିବାର ସୂଚନା ।

**ମିଥୁନ:** ଅଣ୍ଟି ଛୁରୀ ତଣ୍ଟି କାଟିଲା ପରି ନିଜର ଲୋକ ଶତ୍ରୁତା ଆଚରଣ କରିବେ । ଆୟ ଅପେକ୍ଷା ବ୍ୟୟର ମାତ୍ରା ଅଧିକ ହେବ । ଘରେ ଅସହଯୋଗ ଦେଖାଦେବ । ବନ୍ଧୁଙ୍କ ସହ କଳହ ଦେଖାଦେବ ।

**କର୍କଟ:** ଚାକିରୀ କ୍ଷେତ୍ରରେ ଆତ୍ମସନ୍ତୋଷ ଲାଭ କରିବେ । ଆୟ ଅପେକ୍ଷା ବ୍ୟୟର ମାତ୍ରା ଅଧିକ ହେବ । ଯାନବାହାନ ଚାଳନାରେ ସତର୍କତା ଅବଲମ୍ବନୀୟ । ଘରେ ଅସହଯୋଗ ଦେଖାଦେବ । ମହିଳାମାନେ ସୁଖୀ ହେବେ ।

**ସିଂହ:** ଦିନଟି ଆପଣଙ୍କ ପାଇଁ ଆନନ୍ଦଦାୟକ ହେବ । ଶତ୍ରୁ ନାଶ ହେବେ । ଆୟର ପରିମାଣ ବଢ଼ିବ । ଘରେ ସୁଖ ଲାଭ ହେବ । କାର୍ଯ୍ୟ କ୍ଷେତ୍ରରେ ସଫଳତା ପ୍ରାପ୍ତ ପାଇବେ । ମନ ଭଲ ରହିବ ।

**କନ୍ୟା:** ଘରେ ଅସନ୍ତୋଷ ସହିତ କଳହ ଦେଖାଦେଇପାରେ । ଖର୍ଚ୍ଚର ପରିମାଣ ସାମାନ୍ୟ ବଢ଼ିବ । କର୍ମକ୍ଷେତ୍ରରେ କଳହ ଓ ଅଶାନ୍ତି ଦେଖାଦେବ । କୌଣସି ଏକ କାମକୁ ନେଇ ଟେନ୍‌ସନ୍ ହୋଇପାରନ୍ତି ।

**ତୁଳା:** ଦେହ ଓ ମନ ଭଲ ରହିବ । ଐଶ୍ୱର୍ଯ୍ୟ ପ୍ରାପ୍ତ ହେବ । ପୁରାତନ ବନ୍ଧୁଙ୍କ ସହ ଭେଟ ହୋଇପାରେ । ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ । ଧନ ଲାଭ ହେବ । ଘରେ ଆନନ୍ଦ ଦେଖାଦେବ ।

**ବିଛା:** ଚାକିରୀ କ୍ଷେତ୍ରରେ ଉନ୍ନତି ଦେଖାଦେବ । ପରିଶ୍ରମର ମାତ୍ରା ଅଧିକ ହେବ । ଭ୍ରମଣ ଯୋଗ ମଧ୍ୟ ରହିଛି । ଆୟ ଓ ବ୍ୟୟର ପରିମାଣ ସମାନ ରହିବ । ପାରିବାରିକ ସୁଖ ଶାନ୍ତି ଅବ୍ୟାହତ ରହିବ ।

**ଧନୁ:** ସାମାଜିକ କ୍ଷେତ୍ରରେ ମାନ ସମ୍ମାନ ବୃଦ୍ଧି ପାଇବ । ଘରେ ହସିଲା ପୂରିଲା ଲାଗିବ । ଶରୀର ସୁସ୍ଥ ରହିବ । ଧନ ଲାଭ ହେବାର ସୂଚନା । କର୍ମକ୍ଷେତ୍ରରେ ସହଯୋଗୀଙ୍କ ସହଯୋଗ ଲାଭ କରି ଉପକୃତ ହେବେ ।

**ମକର:** ବେପାର ବାଣିଜ୍ୟ କ୍ଷେତ୍ରରେ ବନ୍ଧୁଙ୍କ ସହଯୋଗରୁ ଲାଭାନ୍ୱିତ ହେବେ । ପାରିବାରିକ ଜୀବନ ସୁଖମୟ ହେବ । କଚେରୀ ମାମଲାରେ ଶୁଣାଣି ଆପଣଙ୍କ ସାପେକ୍ଷ ଜନିତ ହେବ । ରୋଜଗାର ଭଲ ହେବ ।

**କୁମ୍ଭ:** ପାରିବାରିକ ଜୀବନ ଶାନ୍ତିମୟ ହେବ । ବ୍ୟବସାୟରେ ଲାଭବାନ୍ ହେବେ । ଆୟରେ ଉନ୍ନତି ଦେଖାଦେବ । ଦୂରକୁ ଯାତ୍ରା କରିପାରନ୍ତି । ନୂତନ ଦ୍ରବ୍ୟ କ୍ରୟ କରିବାର ସୁଯୋଗ ଜୁଟିପାରେ ।

**ମୀନ:** ଯାନବାହାନ ଚାଳନାରେ ସତର୍କତା ଅବଲମ୍ବନୀୟ । ଠକାମିର ଶିକାର ହୋଇପାରନ୍ତି । ଶାରୀରିକ ପୀଡ଼ା ଦେଖାଦେଇପାରେ । ଆୟ ଓ ବ୍ୟୟ ସମାନ ରହିବ । ଦାମ୍ପତ୍ୟ ଜୀବନ ସୁଖମୟ ହେବ ।

# ହମ୍ପସରୁ ପଡ଼ି ମହିଳାଙ୍କ ମୃତ୍ୟୁ

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ଜେନାପୁର ଥାନା ଅନ୍ତର୍ଗତ ୫୩ନଂ ଜାତୀୟ ରାଜପଥର ଚଢେଇଧାର ଛକ ନିକଟରେ ହମ୍ପସ୍‌ରୁ ପଡି ମହିଳାଙ୍କର ମୃତ୍ୟୁ ଘଟିଛି । ସୂଚନା ଅନୁଯାୟୀ ବୁଧବାର ସନ୍ଧ୍ୟାରେ ତାଳଜଙ୍ଗ ପଞ୍ଚାୟତର ବଳରାମପୁର ଉପରଗଡ଼ ଗ୍ରାମର ଅଜୟକୁମାର ଧୀରଙ୍କ ପତ୍ନୀ କଳ୍ପନା (୫୦) ନିଜ ପୁଅ ସହିତ ବାଇକ୍‌ରେ ଚଣ୍ଡିଖୋଲରୁ ଫେରୁଥିବା ବେଳେ ଚଢେଇଧରା ଛକରେ ଥିବା ହମ୍ପସ୍‌ରେ ବାଇକ୍‌ରୁ ଗଳିପଡି ଗୁରୁତର ଭାବେ ଆହତ ହୋଇଥିଲେ । ପରିବାର ଲୋକେ ବଡ଼ଚଣା ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ଼ ମେଡିକାଲ୍ ସ୍ଥାନାନ୍ତରେ କରିଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି । ଜେନାପୁର ପୋଲିସ ଘଟଣାର ତଦନ୍ତ କରିଛି ।

# ଆଗାମୀ କାଲିର ପଞ୍ଜିକା

ସନ- ୧୪୩୩ ସାଲ, ଶକାବ୍ଦ- ୧୯୪୩, ସମ୍ୱତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ
**ତା୩୧।୦୫।୨୦୨୬, ଜ୍ୟୈଷ୍ଠ (ମଳ) ଦି୧୭ନ, ରବିବାର**
**ସୂର୍ଯ୍ୟୋଦୟ- ଘ ୫।୦୯।୪୩ ଚନ୍ଦ୍ରୋଦୟ- ସଂଘ ୬।୩୪।୩୬**
**ପୂର୍ଣ୍ଣିମା** ଦିଘ ୨।୧୭ ପର୍ଯ୍ୟନ୍ତ । ଅନୁରାଧା ନକ୍ଷତ୍ର ଦିଘ ୪।୧୫ ପର୍ଯ୍ୟନ୍ତ । **ବିଛା ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ବୃଷ, ମିଥୁନ, କର୍କଟ, କନ୍ୟା, ତୁଳା, ବିଛା, ମକର, କୁମ୍ଭ, ମୀନ ରାଶିର । **ଘାତଚନ୍ଦ୍ର-** ନାହିଁ । **ଶ୍ରାଦ୍ଧନିର୍ଣ୍ଣୟ-** ପୂର୍ଣ୍ଣିମାର ଏକୋଦ୍ଦିଷ୍ଟ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ଆମିଷ ଦିଘ ୨।୧୭ ଗତେ ପାଣିକଖାରୁ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୬।୫୬ ଗତେ ଦିଘ ୯।୩୫ ମଧ୍ୟେ । ଦିଘ ୧।୨୩ ଗତେ ଦିଘ ୨।୪୯ ମଧ୍ୟେ । **ପର୍ବୋତ୍ସବ-** ମଳ ପୂର୍ଣ୍ଣିମା, ଶ୍ରୀମନ୍ଦିରରେ ଜଳକ୍ରୀଡ଼ା ।

ସମ୍ପାଦକୀୟ
32 YEARS
ସମ୍ବାଦ କଳିକା

# ଭାରତ ଆଗରେ ଦୁଇଗୁଣା ବିପଦ

ସିଙ୍ଗାପୁରରେ ଚଳିତ ସପ୍ତାହ ଶେଷରେ ଆରମ୍ଭ ହେବାକୁ ଥିବା ଅନ୍ତର୍ଜାତୀୟ ପ୍ରତିରକ୍ଷା ସମ୍ବାଦ ପୂର୍ବରୁ ଜାରି କରାଯାଇଛି ରିପୋର୍ଟ। ଏଥିରେ କୁହାଯାଇଛି ଯେ, ଏସିଆ-ପ୍ରଶାନ୍ତ କ୍ଷେତ୍ରରେ ଭାରତର ପାରମ୍ପାରିକ ସୁରକ୍ଷା ଚିନ୍ତାର କେନ୍ଦ୍ର ପାକିସ୍ତାନ ଓ ଚୀନ୍ ରହିବ। ଭବିଷ୍ୟତରେ ଯଦି କୌଣସି ବଡ଼ ପାରମ୍ପାରିକ ଯୁଦ୍ଧ ହୁଏ ତେବେ ସେ ସ୍ଥାନୀୟ ସ୍ତର ପର୍ଯ୍ୟନ୍ତ ସୀମିତ ରହିବ। ଏଥିରେ ଉଲ୍ଲେଖ କରାଯାଇଛି ଯେ, ଭାରତ ଏପର୍ଯ୍ୟନ୍ତ କେବଳ ପାକିସ୍ତାନ ବିରୋଧରେ ସର୍ଜିକାଲ ଷ୍ଟ୍ରାଇକ୍ କରିଛି।

ରିପୋର୍ଟ ଲଣ୍ଡନ ସ୍ଥିତ 'ଇଣ୍ଟରନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଫର ଷ୍ଟ୍ରାଟେଜିକ୍ ଷ୍ଟଡିଜ୍'(ଆଇଆଇଏସଏସ) ପ୍ରକାଶିତ କରିଥିଲା। ଆଇଆଇଏସଏସ '୨୮ ମଇରେ 'ଏସିଆ ପ୍ରଶାନ୍ତ' ଆଞ୍ଚଳିକ ସୁରକ୍ଷା ଆକଳନ ରିପୋର୍ଟ ଅନୁସାରେ, ଭାରତ ନିଜର ଦୁଇ ପରମାଣୁ ସମ୍ପନ୍ନ ପଡୋଶୀ ଦେଶ ସହିତ ଦୀର୍ଘ ସମୟ ଧରି ସୀମା ବିବାଦ ଜାରି ରଖିଛି। ଏହି କାରଣରୁ ନିଜର ସେନାକୁ ବଡ ପରିମାଣରେ ପାରମ୍ପାରିକ ଯୁଦ୍ଧ ଅଭିଯାନ ପାଇଁ ପ୍ରସ୍ତୁତ କରୁଛି। ରିପୋର୍ଟରେ କୁହାଯାଇଛି ଯେ ଚୀନ୍ ସହିତ ଭାରତର ସୀମା ବିବାଦ ଆପେକ୍ଷିକ ଭାବରେ ୧୫୦ ପୃଷ୍ଠାର ଏହି ରିପୋର୍ଟରେ କୁହାଯାଇଛି ଯେ, 'ଏପରି ପରିସ୍ଥିତିରେ, ଚୀନ୍ ଏବଂ ପାକିସ୍ତାନ ଉଭୟ ସହିତ ଭାରତର ସାମରିକ ସୀମା ଜାରି ରଖିବ। ଭାରତର ହିନ୍ଦ୍ ମହାସାଗର କ୍ଷେତ୍ର ଆଗକୁ ବ୍ୟାପକ ଏସିଆ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରରେ ସକ୍ରିୟ ସାମରିକ ଭୂମିକା ଗ୍ରହଣ କରିବାର ସମ୍ଭାବନା କମ୍ । ତେବେ ତାଇୱାନ ଉପରେ ଆମେରିକା-ଚୀନ ବିବାଦରେ ନିଜେ ନପଡିବାକୁ ଚାହିଁବ। ରିପୋର୍ଟ ଅନୁଯାୟୀ, ଭାରତର ସବୁଠାରୁ ବଡ଼ ଚ୍ୟାଲେଞ୍ଜ ହେଉଛି ଚୀନ୍ ଏବଂ ପାକିସ୍ତାନ ସହିତ 'ନା ଯୁଦ୍ଧ ନା ଶାନ୍ତି'ର ଏକ 'ହାଇବ୍ରିଡ୍' ସ୍ଥିତିରେ ରହିଛି। ଏଥିରେ କୁହାଯାଇଛି ଯେ ଅନେକ ଯୁଦ୍ଧର ଅଭିଜ୍ଞତା ଭାରତର ସ୍ଥିତିକୁ ମଜବୁତ କରିଛି। ବିଶେଷ ଭାବରେ ପାକିସ୍ତାନ ବିଷୟରେ କୁହାଯାଇଛି ନୂଆଦିଲ୍ଲୀର ରାଜନୈତିକ ଇଚ୍ଛା ଶକ୍ତି ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ଏହା ଅନୁସାରେ, ସେ ସୀମାପାର ଆତଙ୍କବାଦ ପ୍ରତି 'ସ୍ୱୀକାର୍ଯ୍ୟ ସାମରିକ ପ୍ରତିକ୍ରିୟା'କୁ ବଦଳାଇଛି। ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ ୨୦୧୬, ୨୦୧୯ ଏବଂ ୨୦୨୫ ରେ ପାକିସ୍ତାନ ବିରୋଧରେ କରାଯାଇଥିବା ସର୍ଜିକାଲ୍ ଷ୍ଟ୍ରାଇକ୍ ସୂଚାଇଛି ଯେ ସାମରିକ ଅଭିଯାନର ପଦ୍ଧତି କିପରି ରଣନୈତିକ ସିଦ୍ଧାନ୍ତକୁ ଆକାର ଦେଇପାରେ। ରିପୋର୍ଟରେ ଆମେରିକା ଏବଂ ଚୀନର ସାମରିକ ରଣନୀତିରେ ତାଇୱାନ ଉପରେ ବିଶେଷ ଧ୍ୟାନ ଦିଆଯାଇଥିବା ମଧ୍ୟ ଉଲ୍ଲେଖ କରାଯାଇଛି। ତେବେ ଚୀନ୍ ଏକ ପ୍ରତିରୋଧକ ରଣନୀତି କଳ୍ପନା କରୁଛି ଯାହା ଆମେରିକା ଏବଂ ଏହାର ସହଯୋଗୀଙ୍କୁ ଦୂରରେ ରଖିହେବ। ଏହି ରିପୋର୍ଟରେ ଭାରତ ମହାସାଗର ଅଞ୍ଚଳର ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଭୂରାଜନୈତିକ କେନ୍ଦ୍ର, ଯେପରିକି ମାଲାକ୍କା ପ୍ରଣାଳୀ, ରଣନୈତିକ ପ୍ରତିଯୋଗିତା ଏବଂ ଦ୍ୱୀପ ରାଷ୍ଟ୍ରଗୁଡ଼ିକର ସ୍ୱାର୍ଥ ଦୃଷ୍ଟିକୋଣରୁ ବିଶ୍ଳେଷଣ କରାଯାଇଛି। ଏଥିରେ ଉଲ୍ଲେଖ କରାଯାଇଛି ଯେ ଏହି ଅଞ୍ଚଳରେ ଚୀନର ବର୍ଦ୍ଧିତ ସାମରିକ କ୍ଷମତା ସହିତ ଚୀନ୍ର ସାମରିକ ଉପସ୍ଥିତି ପାଇଁ ପ୍ରତିଯୋଗିତାକୁ ଇନ୍ଧନ ଯୋଗାଇ ଦେଉଛି। ମେ ୨୯ ରୁ ୩୧ ପର୍ଯ୍ୟନ୍ତ ଏଠାରେ ଅନୁଷ୍ଠିତ ହେବାକୁ ଥିବା ବାର୍ଷିକ ସାଙ୍ଗ୍ରି-ଲା ସମ୍ବାଦରେ ପ୍ରତିରକ୍ଷା ମନ୍ତ୍ରୀଙ୍କ ସମେତ ଅନେକ ଅନ୍ତର୍ଜାତୀୟ ପ୍ରତିରକ୍ଷା ପ୍ରତିନିଧି ଯୋଗଦେବାର ଆଶା କରାଯାଉଛି।



## ନିଶାପ

### (ନିରପେକ୍ଷ ଶାସନ ପଦ୍ଧତି)

### ସଦ୍‌ଗୁରୁ ଶ୍ରୀ ଶ୍ରୀ ଶ୍ରୀ ଅଭିରାମ ସରସ୍ୱତୀ

## କାଳନେମି

### ଆତ୍ମାର ବାଣୀ

ଶ୍ରଦ୍ଧେୟ ଭକ୍ତବୃନ୍ଦ ଜୀବ ହିଁ ଶିବ। ପ୍ରତ୍ୟେକ ଜୀବ ଭିତରେ ଆତ୍ମା ଅଛି। ସେହି ଆତ୍ମାର ବାଣୀକୁ ଯେଉଁ ଜିବ ଶୁଣେ,ଏବଂ ସେଇ ଆତ୍ମାର ବାଣୀ ଦ୍ୱାରା ପରିଚାଳିତ ହୁଏ ସେହି ସାଧୁ,ଅନ୍ୟଥା ବୃଥା। ଏହାହିଁ ସରଳ ମାର୍ଗର ପଥ। ଏହାହିଁ ଅନ୍ତରନିର୍ହିତ ବାଣୀ ସ୍ୱୟଂ ଇଶ୍ୱରଙ୍କର ତଥା, କସ୍ତୁରୀ ମୃଗ ଯେପରି ନିଜ କସ୍ତୁରୀ ବାସନାକୁ ଜାଣି ନପାରି ଏଣେ ତେଣେ ଦୌଡେ କେଉଁଠି ସେ ବାସନା ହେଉଛି ବୋଲି ସେହିପରି ଏ ବଦ୍ଧ ଜୀବ ଇଶ୍ୱର ଇଶ୍ୱର ହୋଇ ଏ ମନ୍ଦିର ସେ ମନ୍ଦିର ଘୁରି ବୁଲନ୍ତି। କିନ୍ତୁ ସେ କେଉଁଠାରୁ କିଛି ନପାଇ ପରିଶେଷରେ ପ୍ରାଣତ୍ୟାଗ କରିଥାଏ। ତେଣୁ ହେ ଭକ୍ତ ହେ ଶିଷ୍ୟ ତୁମକୁ ବାରମ୍ବାର କହୁଛି ଗୁରୁ ହିଁ ସକଳ ଦେବତା। ସେହିଁ ତୁମରି ଭିତରେ ଅଛନ୍ତି। ତେଣୁ ଅନ୍ତର ଆତ୍ମାର ବାଣୀକୁ ଜୀବ ଶୁଣି କର୍ମ କରି ଚାଲିଲେ ସେ ତାର ଗନ୍ତବ୍ୟ ପଥରେ ନିଶ୍ଚୟ ପହଞ୍ଚିପାରିବ ଏଥିରେ ତିଳେ ହେଲେ ସନ୍ଦେହ ନାହିଁ

### ଅତି ଜ୍ଞାନ ହିଁ ଅଜ୍ଞାନର କାରଣ

ଶ୍ରଦ୍ଧେୟ ଭକ୍ତଗଣ କଥାରେ ଅଛି ଶ୍ରଦ୍ଧାବାନ ଲଭେତ୍ ଜ୍ଞାନ,କିନ୍ତୁ ପୁଣି କଥାରେ ଅଛି ଅତି ଲେମ୍ବୁ ଚିପୁଡିଲେ ପିତା ରାବଣ ଅତି ଜ୍ଞାନୀ ପରିଶେଷରେ କଣ ହେଲା। ବଳି ଅତି ଦାନୀ ପରିଶେଷରେ ପାତାଳକୁ ଗଲା ଦୁର୍ଯ୍ୟୋଧନ ଅତି ମାନି-ଯାହାର ନାମ ଥିଲା ମାନ ଗୋବିନ୍ଦ। ପରିଶେଷରେ କଣ ହେଲା ସେହିପରି ଅତିଟା ସବୁବେଳେ ଖରାପ। ସମନ୍ୱୟ ସମତା, ସମଭାବ ଯଦି ନାହିଁ ସେ ଯେତେ ଜ୍ଞାନ ଅହରଣ କରିଥିଲେ ବି ମୁର୍ଖଙ୍କ ପରି ବ୍ୟବହାର ତାର ଅଜ୍ଞାନତାର ପରିଚୟ ଦେଇଥାଏ। ତେଣୁ ହେ ଭକ୍ତ ହେ ଶିଷ୍ୟ ସମାଜରେ ଗ୍ୟାନି କିଏ? ପ୍ରକୃତ ଜ୍ଞାନୀ ସିଏ ଯିଏ ନିଜକୁ ପ୍ରଭୁଙ୍କ ପାଦ ତଳେ ସମର୍ପଣ କରିଦେଇଥାଏ। ସମର୍ପଣ ଭାବହିଁ ଜ୍ଞାନ ଆଉ ସବୁ ଅଜ୍ଞାନ। କାରଣ ଯିଏ ଭାତ ଖାଇଛି ସିଏ କୁଣ୍ଡାକୁ କାହିଁକି ଖୋଜିବା। ତେଣୁ ଭଗବାନଙ୍କୁ ଉଦ୍ଧବ ପଚାରିଥିଲେ ପ୍ରଭୁ ତୁମେ ତ ଚାଲିଯିବ। ମୁଁ କେମିତି ପୁଣି ପାଇବି। କାରଣ ଉଦ୍ଧବ ଥିଲେ ଶ୍ରେଷ୍ଠ ଜ୍ଞାନୀ। ସେଇଠି ପ୍ରଭୁ କହିଥିଲେ ରେ ଉଦ୍ଧବ ମୁଁ ମଲେ ମୋତେ ତୁ ପାଇବୁ। ହରିଓଁ।

◆◆

# ବିଶ୍ୱ ତମାଖୁ ବର୍ଜନ ଦିବସ



ଡି ଦେବହରି ରେଡି
୯୪୩୭୨୫୩୩୩୨
ତାରିଣୀ ପଲ୍ଲୀ, ଗଞ୍ଜାମ




ସାରା ବିଶ୍ୱରେ ମେ ୩୧ ଏକ ଗୁରୁତ୍ୱପୂର୍ଣ୍ଣ ଦିବସ। ଏହି ଦିନ ସମଗ୍ର ପୃଥିବୀରେ ପାଳିତ ହେଉଛି ବିଶ୍ୱ ତମାଖୁ ବର୍ଜନ ଦିବସ। ତମାଖୁ ସେବନ ଜନିତ ସମସ୍ୟା ଏତେ ମାତ୍ରାରେ ସମାଜର ଅଭିବୃଦ୍ଧିକୁ ପ୍ରଭାବିତ କରୁଛି ଯେ ସାରା ବିଶ୍ୱ ପାଇଁ ତମାଖୁ ସେବନ ନିୟନ୍ତ୍ରଣ ଚିନ୍ତାର ବିଷୟ ପାଲଟିଛି। ଏହା ଯେ କେବଳ ସ୍ୱାସ୍ଥ୍ୟସମସ୍ୟା ନୁହେଁ ସ୍ୱାସ୍ଥ୍ୟ ସମେତ ଅର୍ଥନୈତିକ ଓ ସାମାଜିକ ସ୍ତରରେ ସମସ୍ୟା ସୃଷ୍ଟି କରିଛି। ତମାଖୁ ଜନିତ ସମସ୍ୟାକୁ ନିୟନ୍ତ୍ରଣ କରିବା ପାଇଁ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟ ନେଇ ୧୯୮୭ ମସିହା ଠାରୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ମେ ୩୧ ତାରିଖକୁ ବିଶ୍ୱ ତମାଖୁ ବର୍ଜନ ଦିବସ ରୂପେ ପାଳନ କରାଯାଉଛି। ବର୍ଷ ତମାମ ସଚେତନ କରିବା ସହ ଏହି ଦିନ ସଚେତନତାକୁ ବହୁତ୍ ବ୍ୟାପକ କରାଯାଇ ସୁସ୍ଥ ଜୀବନ ଓ ସୁସ୍ଥ ସମାଜ ପାଇଁ ତମାଖୁ ବର୍ଜନ ନିହାତି ଜରୁରୀ ବୋଲି ପ୍ରତ୍ୟେକ ଦେଶର କୋଣ ଅନୁକୋଣରେ ସଚେତନତା ସୃଷ୍ଟି କରାଯାଉଛି।

ବିଶ୍ୱ ତମାଖୁ ବର୍ଜନ ଦିବସ ଅବସରରେ ଏହି ବର୍ଷ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଦ୍ୱାରା ସ୍ଥିର କରାଯାଇଥିବା ବିଷୟବସ୍ତୁ ରହିଛି ' ଆକର୍ଷଣର ପରଦା ହଟାନ୍ତୁ ନିକୋଟିନ୍ ଏବଂ ତମାଖୁ ନିଶାକୁ ପ୍ରତିହତ କରନ୍ତୁ।' ସାମ୍ପ୍ରତିକ ସମୟରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ବିଷୟବସ୍ତୁ। ତମାଖୁ ଜନିତ ସ୍ୱାସ୍ଥ୍ୟ ସମସ୍ୟା ଉପରେ ସତର୍କ ସୂଚନାର ବ୍ୟାପକ ସଚେତନତା ସୃଷ୍ଟି ଓ ନିୟନ୍ତ୍ରଣ ପାଇଁ ପ୍ରଣୟନ ହେଇଥିବା ଆଇନକାନୁନ କାର୍ଯ୍ୟକାରୀ ଓ କଟକଣା ସତ୍ତ୍ୱେ ତମାଖୁ ସେବନ ଚାଲିଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଟୋବାକୋ ଟ୍ରେଣ୍ଡ ତଥ୍ୟ ଅନୁସାରେ ବିଶ୍ୱରେ ୧୨୦ କୋଟି ଲୋକ ତମାଖୁ ସେବନ କରନ୍ତି। ଯାହାକି ପ୍ରତି ପାଞ୍ଚ ଜଣରେ ଜଣେ ତମାଖୁ ସେବନ କରନ୍ତି। ଆଶ୍ଚର୍ଯ୍ୟର ବିଷୟ ତମାଖୁ ସେବନକାରୀ ମଧ୍ୟରୁ ଶତକଡା ୮୦ ପ୍ରତିଶତ ଲୋକ ନିମ୍ନ ଓ ମଧ୍ୟମ ଆୟକାରୀ ଦେଶରେ ବାସ କରନ୍ତି ଯେଉଁଠିକି ତମାଖୁ ଜନିତ ଅର୍ଥନୈତିକ ଓ ସ୍ୱାସ୍ଥ୍ୟ ସେବା ଏକ ବୋଝ ଅଟେ। ପ୍ରାୟ ୩.୮ କୋଟି ପ୍ରାପ୍ତ ବୟସ୍କ ବ୍ୟକ୍ତି ତମାଖୁ ସେବନ କରନ୍ତି।

ଆମ ଦେଶ ଭାରତରେ ତମାଖୁ ସେବନ ସ୍ଥିତି ଗମ୍ଭୀର ରହିଛି ଯାହାକି ବିଶ୍ୱର ଦ୍ୱିତୀୟ ବୃହତ୍ତମ ତମାଖୁ ଉତ୍ପାଦନକାରୀ ଏବଂ ବ୍ୟବହାରକାରୀ ଦେଶ ଅଟେ। ପ୍ରାୟ ୨୬.୭ କୋଟିରୁ ଅଧିକ ଲୋକ ଏଠାରେ ତମାଖୁ ବ୍ୟବହାର କରନ୍ତି, ଯାହା ଏହି ଶିଳ୍ପକୁ ଏକ ବଡ଼ ରୂପ ଦେଇଥାଏ।ସବୁଠାରୁ ଦୁଃଖର ବିଷୟ ଭାରତରେ ପ୍ରତିବର୍ଷ ତମାଖୁ ସେବନ ଯୋଗୁଁ ପ୍ରାୟ ୧୩.୫ ଲକ୍ଷ ଲୋକଙ୍କର ମୃତ୍ୟୁ ହୋଇଥାଏ। ଯାହାକିପ୍ରତିଦିନ ହାରାହାରି ପ୍ରାୟ ୩,୭୦୦ ଜଣ ଲୋକଙ୍କର ମୃତ୍ୟୁ ହୁଏ, ଏହା ମଧ୍ୟ କର୍କଟ, ହୃଦରୋଗ ଏବଂ ଶ୍ୱାସକ୍ରିୟା ଜନିତ ଗୁରୁତର ସମସ୍ୟାର ଏକ ମୁଖ୍ୟ କାରଣ।

ଆମ ରାଜ୍ୟ ଓଡ଼ିଶାରେ ତମାଖୁ ସେବନର ସ୍ଥିତି ମଧ୍ୟ ଅତ୍ୟନ୍ତ ଉଦବେଗଜନକ ରହିଛି ଯାହା କି ଜାତୀୟ ହାର ଠାରୁ ଯଥେଷ୍ଟ ଅଧିକ। ଜାତୀୟ ସର୍ବେକ୍ଷଣ ସଂସ୍ଥା ଯଥା ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ ଓ ଗ୍ଲୋବାଲ ଏଡଲ୍ଟ ଟୋବାକୋ ସର୍ଭେ ପ୍ରମୁଖ ସଂସ୍ଥାର ତଥ୍ୟ ଅନୁସାରେ ଶତକଡା ପ୍ରାୟ ୩୮.୪ ରୁ ୪୫ ପ୍ରତିଶତ ବୟସ୍କ ବ୍ୟକ୍ତି କୌଣସି ନା କୌଣସି ପ୍ରକାର ତମାଖୁ ବ୍ୟବହାର କରିଥାଆନ୍ତି। ଓଡ଼ିଶା ସମଗ୍ର ଦେଶରେ ଷଷ୍ଠ ସ୍ଥାନରେ ରହିଛି। ପ୍ରାୟ ୪୨ ପ୍ରତିଶତ ବୟସ୍କ ଲୋକ ଧୂଆଁହୀନ ତମାଖୁ ଯଥା ଗୁଟଖା, ଖଇନି, ଜର୍ଦ୍ଦା ଓ ପାନ ମସଲା ସେବନ କରନ୍ତି ଯାହା ଭାରତର ଜାତୀୟ ହାର ଠାରୁ ଦୁଇ ଗୁଣ ଅଧିକ। ସେହିଭଳି ଜାତୀୟ ସ୍ତରରେ ମହିଳାଙ୍କ ତମାଖୁ ସେବନ ହାର ଶତକଡା ୮.୯ ଥିବା ବେଳେ ଆମ ରାଜ୍ୟରେ ୨୬ ପ୍ରତିଶତ ମହିଳା ବିଶେଷ କରି ଗୁଡ଼ାଖୁ ଓ ଚୋବାଇବା ତମାଖୁ ବ୍ୟବହାର କରିଥାଆନ୍ତି।

ତମାଖୁ ସେବନ ଯୋଗୁଁ ଓଡ଼ିଶାରେ ମୁଖ ଗ୍ୱହର ଓ ଗଳା କର୍କଟ ଭଳି ମାରାତ୍ମକ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଉଛି ଯାହାକି ବଡ଼ ଚିନ୍ତାର ବିଷୟ। ଏହା ମଧ୍ୟ ହୃଦଘାତ, ମସ୍ତିଷ୍କଘାତ, ଉଚ୍ଚ ରକ୍ତଚାପ, ମଧୁମେହ ଓ ଶ୍ୱାସ ରୋଗ ର ମଧ୍ୟ ଏକ ନୀରବ କାରଣ। ଏଥି ପାଇଁ ସରକାର ଓ ବେସରକାରୀ ସ୍ତରରେ ବ୍ୟାପକ ସଚେତନତା ସୃଷ୍ଟି କରାଯାଉଛି। କୋଟପା ଆଇନ ୨୦୦୩ କୁ ମଧ୍ୟ କଡ଼ାକଡ଼ି ଭାବେ କାର୍ଯ୍ୟକାରୀ କରାଯାଉଛି। କିନ୍ତୁ ଏହା ସତ୍ତ୍ୱେ ତମାଖୁ ସେବନ ଚାଲିଛି। ଏହାର ଅନେକ କାରଣ ମାନ ରହିଛି। ତମାଖୁ ନିର୍ମାତା କମ୍ପାନୀ ମାନେ ଯୁବଗୋଷ୍ଠୀ ଭଳି ଏକ ବୃହତ୍ ଉପଭୁକ୍ତା ଗୋଷ୍ଠୀକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର କୌଶଳ ବ୍ୟବହାର କରିଥାଆନ୍ତି। ବିଶେଷକରି ବିଦ୍ୟାଳୟ ଓ କଲେଜ୍ ପଢୁଆ ଯୁବପିଢୀଙ୍କୁ ଅଧିକ ଆକର୍ଷିତ କରିବା ଲକ୍ଷ୍ୟରେ ପାରମ୍ପରିକ ବିଡ଼ି ଓ ସିଗାରେଟ୍ ବଦଳରେ ଇ-ସିଗାରେଟ୍ ଏବଂ ନିକୋଟିନ୍ ପାଉଚ୍ ଭଳି ନୂଆଁ ଉତ୍ପାଦ ପ୍ରସ୍ତୁତ କରୁଛନ୍ତି। ଏହାସହ କିଭଳି ତମାଖୁକୁ ଏକ ସାଧାରଣ ସାମଗ୍ରୀ ଭାବି ସହଜରେ ଆକୃଷ୍ଟ ହେବେ ସେଥିପ୍ରତି ଭ୍ରମାତ୍ମକ ବିଜ୍ଞାପନ ଓ ରୁପାଙ୍କନ୍ କମ୍ପାନୀ ଗୁଡ଼ିକ ଆଧୁନିକ ଉପକରଣ ଯେପରିକି ପେନ୍ ଡ୍ରାଇଭ୍ ବା କସ୍ମେଟିକ୍ସ ଭଳି ଚମକଦାର ରୂପରେ ତିଆରି କରି ସେଥିରେ ନାନା ପ୍ରକାର ଫଳ ଓ ଚକଲେଟ କୃତ୍ରିମ ସ୍ୱାଦ ମିଶ୍ରଣ କରୁଛନ୍ତି । ଏଥିପାଇଁ ଯୁବଗୋଷ୍ଠୀଙ୍କ ପସନ୍ଦ ଥିବା ବିଭିନ୍ନ ପ୍ରକାର ବ୍ୟକ୍ତି ତଥା କଳାକାର ଓ କ୍ରୀଡ଼ାବିତ୍ ଙ୍କୁ ମୋଟା ଅଙ୍କର ଅର୍ଥ ଦେଇ ବିଜ୍ଞାପନ ପ୍ରକାଶ କରନ୍ତି। ଏବଂ ବିଶେଷକରି କିଭଳି ଭାବେ ଜଣେ ବ୍ୟକ୍ତି ଅତି ସହଜରେ ଏହା ପ୍ରତି ଆସକ୍ତି ହୋଇ ଏହାର ଦାସ ପାଲଟି ଯିବ ସେଥି ପାଇଁ କୃତ୍ରିମ ନିକୋଟିନ୍ ବ୍ୟବହାର କରାଯାଇ ତୀବ୍ର ନିଶା ସୃଷ୍ଟି କରାଯାଉଛି ଯାହାକି ମସ୍ତିଷ୍କ କୁ ଖୁବ୍ ଶୀଘ୍ର ପ୍ରଭାବିତ କରିଥାଏ। ଫଳ ସ୍ୱରୂପ ଦିନକୁ ଦିନ ନୂଆଁ ନୂଆଁ ଯୁବଗୋଷ୍ଠୀ ଏହି ମହାମାରୀ ତମାଖୁ ସେବନରେ ଅଭ୍ୟସ୍ତ ହୋଇଯାଉଛନ୍ତି। ଏହା ଶରୀର ପାଇଁ ଅତ୍ୟନ୍ତ କ୍ଷତିକାରକ। କିନ୍ତୁ ଥରେ ଯିଏ ଏହି ଘାତକ ସାମଗ୍ରୀ କବଳରେ ପଡ଼ିଛି ସିଏ ତାକୁ ଛାଡ଼ିବା ମୁସ୍କିଲ ହୋଇପଡିଛି।

ଏହାକୁ ଆଖି ଆଗରେ ରଖି ଏହି ବର୍ଷ ବିଶ୍ୱ ତମାଖୁ ବର୍ଜନ ଦିବସ ବିଷୟବସ୍ତୁ ସ୍ଥିର କରାଯାଉଛି ଯାହାକି ଯୁବପିଢୀଙ୍କୁ ନିଶା କବଳରୁ ରକ୍ଷା କରିବା ସହ ଆକର୍ଷଣ ପଛର ତମାଖୁ ନିର୍ମାତା କମ୍ପାନୀ ମାନଙ୍କର ଅସଲ ଚେହେରାକୁ ସାମ୍ନାକୁ ଆଣିବା। ଏତେ ସବୁ ଆଇନ ଓ ଅସୁବିଧାର ସମ୍ମୁଖୀନ ତଥା ବ୍ୟାପକ ସଚେତନତା ସତ୍ତ୍ୱେ ଆଜିର ଯୁବ ପୀଢ଼ି ତମାଖୁ ସେବନ କରନ୍ତି। ଯେତେବେଳେ ପର୍ଯ୍ୟନ୍ତ ନିଜ ଶରୀର, ନିଜ ସ୍ୱାସ୍ଥ୍ୟ ଓ ନିଜର ପରିବାର ପ୍ରତି ଯତ୍ନବାନ ନ ହେବେ ସେତେବେଳେ ଯାଏଁ ଏଭଳି ନୀରବ ରାକ୍ଷସ କବଳରୁ ମୁକ୍ତି ପାଇବା କଷ୍ଟକର। ନିଜ ସ୍ତରରେ ସଚେତନ ହେଇ ଜୀବନ ବାଛିବା ତମାଖୁ ନୁହେଁ। ତମାଖୁ ଠାରୁ ଦୂରେଇ ରହିବା ପାଇଁ ସରକାରଙ୍କ ପକ୍ଷରୁ ଉପଲବ୍ଧ ଥିବା ତମାଖୁ ମୁକ୍ତି କେନ୍ଦ୍ର, ପରାମର୍ଶଦାତା, ସ୍ୱାସ୍ଥ୍ୟକର୍ମୀ ଓ ନିଃଶୁଳ୍କ ନମ୍ବର ୧୮୦୦-୧୧-୨୩୫୬ ର ସହାୟତା ନେବା । ନିଜେ ଖୁସିରେ ବଞ୍ଚିବା ନିଜ ପାଇଁ ନିଜ ପରିବାର ତଥା ସମାଜ ପାଇଁ ଯତ୍ନବାନ ହେବା। ।

# ଆଇସିୟୁରେ ପରୀକ୍ଷା ବ୍ୟବସ୍ଥା



ଶ୍ରୀବତ୍ସ ନାୟକ
ଅଧ୍ୟାପକ, ବାଣିଜ୍ୟ ବିଭାଗ
ବ୍ରାହ୍ମଣଝରିଲୋ ମହାବିଦ୍ୟାଳୟ, କଟକ,
ମୋ: ୯୪୩୮୦୭୦୮୪୯

ନିଟ ପରୀକ୍ଷାରେ ପ୍ରଶ୍ନପତ୍ର ଲିକ୍ ଯୋଗୁଁ ପରୀକ୍ଷା ବାତିଲ ଖବର ଶୁଣିବା ପରେ ମନକୁ ପ୍ରଶ୍ନ ଆସୁଛି, ପ୍ରଶ୍ନପତ୍ର କଣ ସରକାରୀ ଘର ଛାତ? ନିୟମିତ ଲିକ୍ ହେଉଛି ? ଭାବି ଦେଖିଲି ନିଟ ଭଳି ପରୀକ୍ଷାର ପ୍ରଶ୍ନପତ୍ର ଆଉ ସରକାରୀ ଘର ଛାତ ଭିତରେ ଅନେକ ସାମଞ୍ଜସ୍ୟ ଅଛି । ଉଭୟ ତିଆରି ବେଳେ ଅନେକ ତାମଝାମ ହୁଏ, ବହୁ କମିଟି ତିଆରି ହୁଏ, ବହୁ ସେଣାରେ କାମ ହୁଏ, ଉଭୟ ତିଆରିରେ ସରକାରୀ କୋଷରୁ ପ୍ରଚୁର ଖର୍ଚ୍ଚ ହୁଏ ଏବଂ ଉଭୟ ନିୟମିତ ଲିକ୍ ହୁଏ। ଏତେ ନଜରଦାରୀ ଓ ଖବରଦାରୀ ସତ୍ତ୍ୱେ ବାରମ୍ବାର କେମିତି ଲିକ୍ ହୁଏ? ଉତ୍ତରଟି ସରଳ । ଢୋଲ ଭିତରେ ମୂଷା, ସୋରିଷ ଭିତରେ ଭୂତ ପଶିଥାଏ । ମୂଷା/ଭୂତକୁ କାବୁ ନ କଲା ଯାଏ ଲିକ୍ ବନ୍ଦ ହେବ ନାହିଁ ।

ଭାରତରେ ଶିକ୍ଷା ଏବଂ ନିଯୁକ୍ତି ପରୀକ୍ଷାର ପ୍ରଶ୍ନପତ୍ର ଲିକ୍ ହେବା ଏବେ କୌଣସି ଆକସ୍ମିକ ଘଟଣା ହୋଇ ରହିନାହିଁ, ବରଂ ଏହା ଏକ ଦୀର୍ଘସ୍ଥାୟୀ ବ୍ୟାଧିରେ ପରିଣତ ହେଲାଣି । ପରୀକ୍ଷାକୁ ନେଇ ସରକାର ନୀତି ନିର୍ଦ୍ଧାରଣ କରୁଛନ୍ତି, ଷ୍ଟାଣ୍ଡାର୍ଡ ଅପରେଟିଂ procedure ଜାରି କରୁଛନ୍ତି, ବଡବଡ ସରକାରୀ ବାବୁମାନେ ଦାୟିତ୍ୱ ନେଉଛନ୍ତି,ଏ ସବୁ ସତ୍ତ୍ୱେ ମଧ୍ୟ ବାପା ପୁଅ ରାତି ଅନିଦ୍ରା, ମୁଗୁରା ପଛ ଖୋଲା ଭଳି, ପରୀକ୍ଷା ପୂର୍ବରୁ ପ୍ରଶ୍ନପତ୍ର ପ୍ରଘଟ ହେଉଛି । ଜାତୀୟ ସ୍ତରର ବଡ଼ବଡ଼ ପ୍ରତିଯୋଗିତାମୂଳକ ପରୀକ୍ଷାଠାରୁ ଆରମ୍ଭ କରି ରାଜ୍ୟ ସ୍ତରୀୟ ଚାକିରି ପରୀକ୍ଷା ପର୍ଯ୍ୟନ୍ତ—ସବୁଠି ପ୍ରଶ୍ନପତ୍ର ଲିକ୍‌ର କଳା ଛାୟା ଦେଖିବାକୁ ମିଳୁଛି। ବାରମ୍ବାର ଘଟୁଥିବା ଏହି ଦୁର୍ନୀତି ସ୍ପଷ୍ଟ କରୁଛି ଯେ ଆମର ସମଗ୍ର ପରୀକ୍ଷା ପରିଚାଳନା ବ୍ୟବସ୍ଥା ଏବେ ଅତି ସଂକଟଜନକ ସ୍ଥିତିରେ ବା 'ଆଇସିୟୁ' (ICU) ଭିତରେ ଗତି କରୁଛି, ଯାହାକୁ ତୁରନ୍ତ ଜରୁରୀକାଳୀନ ଚିକିତ୍ସାର ଆବଶ୍ୟକତା ରହିଛି।

ଭାରତ ଭଳି ଏକ ବିଶାଳ ଗଣତାନ୍ତ୍ରିକ ଦେଶରେ ଶିକ୍ଷାକୁ ସଫଳତାର ସବୁଠାରୁ ବଡ଼ ମାଧ୍ୟମ ବୋଲି ବିଚାର କରାଯାଏ। ବିଶେଷ କରି ମେଡିକାଲ୍ ପାଠ୍ୟକ୍ରମରେ ନାମଲେଖାଇବା ପାଇଁ ହେଉଥିବା 'ନିଟ୍' (NEET-UG) ପରୀକ୍ଷା କେବଳ ଏକ ପ୍ରତିଯୋଗିତା ନୁହେଁ, ବରଂ ଏହା ଦେଶର ଲକ୍ଷ ଲକ୍ଷ ଗରିବ, ମଧ୍ୟବିତ୍ତ ଓ ମେଧାବୀ ଛାତ୍ରଛାତ୍ରୀଙ୍କ ଡାକ୍ତର ହେବାର ସ୍ୱପ୍ନ ସହ ଜଡ଼ିତ। କିନ୍ତୁ ନିକଟ ଅତୀତରେ ନିଟ୍ ପରୀକ୍ଷାରେ ଘଟିଥିବା ବ୍ୟାପକ ପ୍ରଶ୍ନପତ୍ର ଲିକ୍, ଦୁର୍ନୀତି ଏବଂ ମୂଲ୍ୟାୟନରେ ଅନିୟମିତତା ଜାତୀୟ ସ୍ତରରେ ଆମ ଶିକ୍ଷା ଓ ପରୀକ୍ଷା ପରିଚାଳନା ବ୍ୟବସ୍ଥାର ଅସଲ ଚେହେରାକୁ ପଦାରେ ପକାଇ ଦେଇଛି। ଏହି ଘଟଣା ସ୍ପଷ୍ଟ କରୁଛି ଯେ ଆମର ପରୀକ୍ଷା ପରିଚାଳନା କରୁଥିବା ଶୀର୍ଷ ସଂସ୍ଥା ଏବଂ ସମଗ୍ର ବ୍ୟବସ୍ଥା ଏବେ ଏକ ସାଂଘାତିକ ବିଫଳତା ଦେଇ ଗତି କରୁଛି। ନିଟ୍ ପରୀକ୍ଷା ପାଇଁ ପ୍ରତିବର୍ଷ ପ୍ରାୟ ୨୩ ରୁ ୨୫ ଲକ୍ଷ ପରୀକ୍ଷାର୍ଥୀ ଆବେଦନ କରିଥାନ୍ତି। ଏହି ପରୀକ୍ଷାର୍ଥୀମାନଙ୍କ ମଧ୍ୟରୁ ଅଧିକାଂଶ ଗ୍ରାମାଞ୍ଚଳ ଏବଂ ସାଧାରଣ ଆର୍ଥିକ ପୃଷ୍ଠଭୂମିରୁ ଆସିଥାନ୍ତି। ଜଣେ ସାଧାରଣ ବର୍ଗର ଛାତ୍ର ବା ଛାତ୍ରୀ ଦିନରାତି ଏକ କରି, ନିଜର ସୁଖ-ଶାନ୍ତି ଜଳାଞ୍ଜଳି ଦେଇ ବର୍ଷ ବର୍ଷ ଧରି ପରୀକ୍ଷା ପାଇଁ ପ୍ରସ୍ତୁତି କରିଥାଏ। ପରିବାର ଲୋକେ ନିଜର ଝାଳ ବୁହା ଧନକୁ ପିଲାଙ୍କ କୋଚିଂ ଏବଂ ପଢ଼ା ପଛରେ ଲଗାଇଦିଅନ୍ତି। କିନ୍ତୁ ପରୀକ୍ଷା ଶେଷ ହେବାର କିଛି ଘଣ୍ଟା ମଧ୍ୟରେ କିମ୍ବା ପୂର୍ବରୁ ଯେତେବେଳେ ପ୍ରଶ୍ନପତ୍ର ସୋସିଆଲ ମିଡିଆରେ ବିକ୍ରି ହେବାର ଖବର ଆସେ, ସେତେବେଳେ କେବଳ ପରୀକ୍ଷା ବାତିଲ ହୁଏନାହିଁ, ବରଂ ଲକ୍ଷ ଲକ୍ଷ ଯୁବପିଢ଼ିଙ୍କ ସ୍ୱପ୍ନ ଓ ଭବିଷ୍ୟତ ଚୂରମାର ହୋଇଯାଏ। ଏହା କେବଳ ଆର୍ଥିକ କ୍ଷତି ନୁହେଁ, ଏହା ମେଧାବୀ ଛାତ୍ରଛାତ୍ରୀଙ୍କ ମାନସିକ ସ୍ୱାସ୍ଥ୍ୟ ଉପରେ ଏକ ଗଭୀର ଆଘାତ ସୃଷ୍ଟି କରିବା ସହିତ ବ୍ୟବସ୍ଥା ପ୍ରତି ସେମାନଙ୍କର ଆସ୍ଥା ତୁଟି ଯାଉଛି । ପ୍ରଶ୍ନପତ୍ର ଲିକ୍ ହେବା ପଛରେ କେବଳ କିଛି ଅସାଧୁ ବ୍ୟକ୍ତି ନାହାନ୍ତି, ବରଂ ଏକ ସୁସଂଗଠିତ 'ଲିକ୍ ମାଫିଆ' ସିଣ୍ଡିକେଟ୍ କାମ କରୁଛି। ପ୍ରଶ୍ନପତ୍ର ପ୍ରସ୍ତୁତି, ପ୍ରିଣ୍ଟିଂ ପ୍ରେସ୍, ପରିବହନଠାରୁ ଆରମ୍ଭ କରି ପରୀକ୍ଷା କେନ୍ଦ୍ର ପର୍ଯ୍ୟନ୍ତ— ଏହି ଅଦୃଶ୍ୟ ଚେନ୍‌ର ଚେର ବହୁତ ଗଭୀରକୁ ଯାଇଛି। ଡିଜିଟାଲ୍ ଯୁଗରେ ଟେକ୍ନୋଲୋଜିର ବ୍ୟବହାର ସୁରକ୍ଷା ବଢ଼ାଇବା ପରିବର୍ତ୍ତେ ମାଫିଆମାନଙ୍କ ପାଇଁ କିଛି ମିନିଟ୍‌ରେ ପ୍ରଶ୍ନପତ୍ର ଭାଇରାଲ୍ କରିବାର ସହଜ ମାଧ୍ୟମ ସାଜିଛି। ସବୁଠାରୁ ଦୁର୍ଭାଗ୍ୟର ବିଷୟ ହେଉଛି, ବଡ଼ ବଡ଼ ସରକାରୀ ଅଧିକାରୀ ଏବଂ ପ୍ରଭାବଶାଳୀ ବ୍ୟକ୍ତିଙ୍କ ପ୍ରୋତ୍ସାହନ ବିନା ଏଭଳି ସିନ୍ଧି ସମ୍ଭବ ନୁହେଁ।

କୋଟା ବା ଅନ୍ୟାନ୍ୟ ପ୍ରମୁଖ ସହରରେ ଥିବା କୋଚିଂ ସେଣ୍ଟରଗୁଡ଼ିକର ମହଙ୍ଗା ଫିସ୍ ଦେବା ପାଇଁ ଅନେକ ପରିବାର ନିଜର ଜମିବାଡ଼ି ବନ୍ଧା ପକାନ୍ତି କିମ୍ବା ଋଣ କରିଥାନ୍ତି। ଛାତ୍ରଛାତ୍ରୀମାନେ ଦିନକୁ ୧୪ ରୁ ୧୬ ଘଣ୍ଟା ପରିଶ୍ରମ କରି ନିଜର ରକ୍ତଝାଳ ଏକ କରିଦିଅନ୍ତି। କିନ୍ତୁ ଦୁର୍ଭାଗ୍ୟର ବିଷୟ, ଯେଉଁଠି ମେଧା ଓ ଯୋଗ୍ୟତା ଆଧାରରେ ଭବିଷ୍ୟତ ନିର୍ଦ୍ଧାରଣ ହେବା କଥା, ସେଠାରେ କୋଟି କୋଟି ଟଙ୍କାର ବିନିମୟରେ ପ୍ରଶ୍ନପତ୍ର ବିକ୍ରି ହେଉଛି। ଲିକ୍ ମାଫିଆ ଏବଂ କିଛି ଅସାଧୁ ଅଧିକାରୀଙ୍କ ମଧୁଚନ୍ଦ୍ରିକା ଯୋଗୁଁ ପରୀକ୍ଷା ପୂର୍ବରୁ ହିଁ ପ୍ରଶ୍ନପତ୍ର କିଛି ନିର୍ଦ୍ଦିଷ୍ଟ ଶିକ୍ଷାର୍ଥୀଙ୍କ ପାଖରେ ପହଞ୍ଚିଯାଉଛି। ଏହା କେବଳ ପରୀକ୍ଷାର ଗୋପନୀୟତା ଭଙ୍ଗ କରୁନାହିଁ, ବରଂ ପ୍ରକୃତ ପରିଶ୍ରମୀ ମେଧାବୀ ଛାତ୍ରଛାତ୍ରୀଙ୍କ ସିଟ୍‌କୁ ଟଙ୍କା ବଳରେ ଚୋରି କରି ନିଆଯାଉଛି। ଏହା ଶିକ୍ଷା ବ୍ୟବସ୍ଥାରେ ଏକ ପ୍ରକାର 'ମେଧାର ଗଣହତ୍ୟା' ସଦୃଶ। ନିଟ୍ ଏବଂ ୟୁଜିସି-ନେଟ୍ ଭଳି ସମ୍ବେଦନଶୀଳ ପରୀକ୍ଷା ପରିଚାଳନାର ଦାୟିତ୍ୱ ପାଇଥିବା 'ଜାତୀୟ ପରୀକ୍ଷା ସଂସ୍ଥା' (NTA) ନିଜର ବିଶ୍ୱାସନୀୟତା ସମ୍ପୂର୍ଣ୍ଣ ରୂପେ ହରାଇ ବସିଛି। ପ୍ରଥମେ ଘଟଣାକୁ ଗ୍ରହଣ ନକରିବା, ତା'ପରେ ଗ୍ରେସ୍ ମାର୍କ (Grace Marks) ନାମରେ ନିଜର ତ୍ରୁଟିକୁ ଲୁଚାଇବାକୁ ଚେଷ୍ଟା କରିବା ଏବଂ ପରବର୍ତ୍ତୀ ସମୟରେ ବିଭିନ୍ନ ରାଜ୍ୟର ପୋଲିସ ତଦନ୍ତରୁ ଲିକ୍‌ର ପ୍ରମାଣ ମିଳିବା ପରେ କୋର୍ଟଙ୍କ ଦ୍ୱାରସ୍ଥ ହେବା—ଏସବୁ ଏନଟିଏର ଅପାରଗତାକୁ ଦର୍ଶାଉଛି।

ଏକ ଜାତୀୟ ସଂସ୍ଥାର ପ୍ରଶ୍ନପତ୍ର ପ୍ରସ୍ତୁତି, ପ୍ରିଣ୍ଟିଂ, ପରିବହନ ଏବଂ ପରୀକ୍ଷା କେନ୍ଦ୍ର ପର୍ଯ୍ୟନ୍ତ ପହଞ୍ଚାଇବା ପ୍ରକ୍ରିୟାରେ ଏତେ ବଡ଼ ଗଳାବାଟ କେମିତି ରହିଲା? ଯଦି ଏକ ସରକାରୀ ସଂସ୍ଥା ଦେଶର ସବୁଠାରୁ ବଡ଼ ମେଡିକାଲ ପରୀକ୍ଷାକୁ ସ୍ୱଚ୍ଛତାର ସହ ଶେଷ କରିପାରୁ ନାହିଁ, ତେବେ ତା'ର ସ୍ଥିତି ଓ ଆବଶ୍ୟକତା ଉପରେ ପ୍ରଶ୍ନ ଉଠିବା ସ୍ୱାଭାବିକ।

ପ୍ରଶ୍ନପତ୍ର ଲିକ୍ ହେବା କାରଣରୁ ପରୀକ୍ଷା ବାତିଲ ହେବା କିମ୍ବା ମାମଲା କୋର୍ଟକୁ ଯିବା ଦ୍ୱାରା ପ୍ରକ୍ରିୟା ବହୁ ବର୍ଷ ବିଳମ୍ବ ହୋଇଥାଏ। ଏହି ସମୟ ଶିକ୍ଷାର୍ଥୀଙ୍କ ପାଇଁ ଅତ୍ୟନ୍ତ ଯନ୍ତ୍ରଣାଦାୟକ। ସମ୍ପ୍ରତି ତଥ୍ୟ ଅନୁଯାୟୀ, ଭାରତରେ ଛାତ୍ରଛାତ୍ରୀଙ୍କ ଆତ୍ମହତ୍ୟା ମାମଲା ଭୟଙ୍କର ଭାବେ ବୃଦ୍ଧି ପାଉଛି। ବିଶେଷ କରି ଉତ୍ତରପ୍ରଦେଶ, ରାଜସ୍ଥାନ (କୋଟା) ଭଳି ସ୍ଥାନରେ ପ୍ରତିଦିନ ପରୀକ୍ଷା ଜନିତ ଚାପ ଏବଂ ବ୍ୟବସ୍ଥାର ପ୍ରତାରଣା ସହି ନପାରି ଯୁବପିଢ଼ି ନିଜର ଜୀବନ ହାରୁଛନ୍ତି। ଯେତେବେଳେ ଜଣେ ମଧ୍ୟବିତ୍ତ ବା ଗରିବ ପରିବାରର ଛାତ୍ର ଦେଖେ ଯେ ତା'ର ବର୍ଷ ବର୍ଷର ପରିଶ୍ରମ ଅପେକ୍ଷା କାହାର ମୋଟା ଅଙ୍କର ଟଙ୍କା ପରୀକ୍ଷାରେ ଅଧିକ ଯୋଗ୍ୟତା ସାବ୍ୟସ୍ତ କରୁଛି, ସେତେବେଳେ ସେ ଗଭୀର ମାନସିକ ଅବସାଦ (Psychological Stress) ଭିତରକୁ ଚାଲିଯାଏ। ବେକାରୀର ଭୟ ଏବଂ ପରିବାରର ଆଶା ପୂରଣ ନକରିପାରିବାର ଗ୍ଲାନି ସେମାନଙ୍କୁ ଆତ୍ମହତ୍ୟା ଭଳି ଚରମ ପଦକ୍ଷେପ ନେବାକୁ ବାଧ୍ୟ କରେ। ଏହି ମୃତ୍ୟୁଗୁଡ଼ିକ ପାଇଁ କେବଳ ଚାପ ଦାୟୀ ନୁହେଁ, ବରଂ ଏହି ଦୁର୍ନୀତିଗ୍ରସ୍ତ ପରୀକ୍ଷା ବ୍ୟବସ୍ଥା ମଧ୍ୟ ସମାନ ଭାବେ ଦାୟୀ। ଏହି ବାରମ୍ବାର ପ୍ରଶ୍ନପତ୍ର ଲିକ୍ ଶିକ୍ଷା ବ୍ୟବସ୍ଥା ଉପରୁ ସମାଜର ଭରସା (Erosion of Trust) ସମ୍ପୂର୍ଣ୍ଣ ରୂପେ ତୁଟାଇ ଦେଇଛି। ଲୋକଙ୍କ ମନରେ ଏକ ଧାରଣା ସୃଷ୍ଟି ହେଲାଣି ଯେ, ଆମ ଦେଶରେ ଚାକିରି କିମ୍ବା ଉଚ୍ଚଶିକ୍ଷାରେ ସିଟ୍ କେବଳ ଯୋଗ୍ୟତା ଦ୍ୱାରା ନୁହେଁ, ବରଂ କଳାବଜାରୀ ଦ୍ୱାରା ମଧ୍ୟ କିଣାଯାଇପାରିବ। ଏହାର ଦ୍ୱିତୀୟ ଭୟଙ୍କର ଦିଗଟି ହେଉଛି 'ସ୍ୱାସ୍ଥ୍ୟ ସେବାର ଭବିଷ୍ୟତ'। ଯଦି ଜଣେ ଅଯୋଗ୍ୟ ଛାତ୍ର ଟଙ୍କା ବଳରେ ପ୍ରଶ୍ନପତ୍ର କିଣି ନିଟ୍ ପାସ୍ କରେ ଏବଂ ଆଗାମୀ ଦିନରେ ଡାକ୍ତର ବନେ, ତେବେ ସେ ଦେଶର ନାଗରିକଙ୍କୁ କିଭଳି ସ୍ୱାସ୍ଥ୍ୟସେବା ଯୋଗାଇବ? ଏହା ସୁଦୂରପ୍ରସାରୀ ଭାବେ ସମଗ୍ର ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ଧ୍ୱଂସ କରିଦେବ ଏବଂ ଜନସାଧାରଣଙ୍କ ଜୀବନକୁ ବିପଦ ଭିତରକୁ ଠେଲିଦେବ । ଭାରତରେ ଯେକୌଣସି ପରୀକ୍ଷା ଦୁର୍ନୀତିର ଏକ ପ୍ରକାର ନିର୍ଦ୍ଦିଷ୍ଟ ଚିତ୍ର ଦେଖିବାକୁ ମିଳେ— ପ୍ରଥମେ ପରୀକ୍ଷା ହୁଏ, ତା'ପରେ ଲିକ୍ ଖବର ଆସେ, ସରକାର ପ୍ରଥମେ ଏହାକୁ ଅସ୍ୱୀକାର କରନ୍ତି, ଛାତ୍ରମାନେ ଆନ୍ଦୋଳନ କରନ୍ତି, ମାମଲା କୋର୍ଟକୁ ଯାଏ, କୋର୍ଟ କମିଟି ଗଠନ କରନ୍ତି ଏବଂ ପୁଣି ଥରେ ପରୀକ୍ଷା (Re-exam) କରିବାକୁ ନିର୍ଦ୍ଦେଶ ଦିଅନ୍ତି। ଗୋଟିଏ ପରୀକ୍ଷା ପ୍ରକ୍ରିୟା ଶେଷ ହେବାକୁ ୩ ରୁ ୪ ବର୍ଷ ଲାଗିଯାଏ। ଏହି ସମୟ ମଧ୍ୟରେ ଶିକ୍ଷାର୍ଥୀର ବୟସ ଗଡ଼ିଚାଲେ, ପରିବାରର ଆର୍ଥିକ ସ୍ଥିତି ବିଗିଡ଼ିଯାଏ ଏବଂ ଶେଷରେ ସରକାର ଓ ସାମ୍ବିଧାନିକ ଅନୁଷ୍ଠାନଗୁଡ଼ିକ ନିଜର ମର୍ଯ୍ୟାଦା, ସ୍ୱଚ୍ଛତା ଓ ଗାରିମା ହରାଇ ବସନ୍ତି। ଭାରତୀୟ ପରୀକ୍ଷା ବ୍ୟବସ୍ଥାରେ ବର୍ତ୍ତମାନ ବଡ଼ 'ସର୍ଜରୀ'ର ଆବଶ୍ୟକତା ରହିଛି । ବର୍ତ୍ତମାନର ସ୍ଥିତିରେ କେବଳ ସାମାନ୍ୟ ଆଇନ ବଦଳାଇଲେ କିମ୍ବା ଉପରଠାଉରିଆ ତଦନ୍ତ କଲେ ଏହି ସମସ୍ୟାର ସମାଧାନ ହେବନାହିଁ। ଏଥିପାଇଁ ପରୀକ୍ଷା ପ୍ରଣାଳୀର ଆମୂଳଚୂଳ ସଂସ୍କାର ଜରୁରୀ । ପ୍ରଶ୍ନପତ୍ରର ସୁରକ୍ଷା ପାଇଁ 'ବ୍ଲକଚେନ୍ ଟେକ୍ନୋଲୋଜି' ଏବଂ ଉଚ୍ଚ ସ୍ତରୀୟ ଡିଜିଟାଲ୍ ଏନକ୍ରିପ୍ସନ୍‌ର ବ୍ୟବହାର କରାଯାଉ। ପରୀକ୍ଷା ଆରମ୍ଭ ହେବାର ମାତ୍ର କିଛି ମିନିଟ୍ ପୂର୍ବରୁ ସେଣ୍ଟରଗୁଡ଼ିକରେ ପ୍ରଶ୍ନପତ୍ର ଡିଜିଟାଲ୍ ଲକ୍ ଜରିଆରେ ଖୋଲିବା ଉଚିତ୍, ଯାହାଦ୍ୱାରା ଶାରୀରିକ ପରିବହନ ସମୟରେ ଲିକ୍ ହେବାର ସମ୍ଭାବନା ଶୂନ୍ୟ ହୋଇଯିବ। ପ୍ରଶ୍ନପତ୍ର ଲିକ୍‌କୁ 'ରାଷ୍ଟ୍ରଦ୍ରୋହ' କିମ୍ବା 'ଜାତୀୟ ସୁରକ୍ଷା ବିପଦ' ଭଳି ଗମ୍ଭୀର ଅପରାଧ ଶ୍ରେଣୀଭୁକ୍ତ କରାଯାଉ। ଦୋଷୀଙ୍କ ପାଇଁ ଆଜୀବନ କାରାଦଣ୍ଡ ଏବଂ ସେମାନଙ୍କ ସମସ୍ତ ସମ୍ପତ୍ତି ବାଜ୍ୟାପ୍ତ କରିବାର ନିୟମ କରାଯାଉ। ପରୀକ୍ଷା କରୁଥିବା ସଂସ୍ଥାରେ ଶୀର୍ଷ ପଦବୀଗୁଡ଼ିକରେ କେବଳ ପ୍ରଶାସନିକ ଅଧିକାରୀଙ୍କୁ ନୁହେଁ, ବରଂ ବେଦାଗ ଆଇଟି (IT) ବିଶେଷଜ୍ଞ, ଶିକ୍ଷାବିତ୍ ଏବଂ ପ୍ରଯୁକ୍ତିବିଦ୍ୟା ସମ୍ପନ୍ନ ବ୍ୟକ୍ତିମାନଙ୍କୁ ସ୍ଥାନ ଦିଆଯାଉ। ନିଟ୍ ପ୍ରଶ୍ନପତ୍ର ଲିକ୍ ଘଟଣା କେବଳ ଏକ ବିଭାଗୀୟ ତ୍ରୁଟି ନୁହେଁ, ଏହା ଭାରତୀୟ ସମାଜର ନୈତିକ ପତନ ଏବଂ ପ୍ରଶାସନିକ ଅପାରଗତାର ଏକ ଜ୍ୱଳନ୍ତ ଉଦାହରଣ। ଯେଉଁ ଦେଶରେ ଯୁବପିଢ଼ିଙ୍କ ସ୍ୱପ୍ନ ଓ ମେଧାକୁ ବଜାରରେ ନିଲାମ କରାଯାଏ, ସେ ଦେଶ କେବେ ହେଲେ ବିଶ୍ୱଗୁରୁ କିମ୍ବା ବିକଶିତ ହୋଇପାରିବ ନାହିଁ। ଆଜି ଆମର ପରୀକ୍ଷା ବ୍ୟବସ୍ଥା ସତରେ 'ଆଇସିୟୁ' (ICU) ଭିତରେ ମୁମୂର୍ଷୁ ଅବସ୍ଥାରେ ପଡ଼ିଛି। ଯଦି ସରକାର ଓ ନ୍ୟାୟପାଳିକା ମିଳିତ ଭାବେ ତୁରନ୍ତ ଏକ ଦୃଢ଼ ଓ ନିର୍ଦ୍ଦୟ ଅସ୍ତ୍ରୋପଚାର (Strict Action) ନକରିବେ, ତେବେ ଆଗାମୀ ପିଢ଼ି ଶିକ୍ଷା ବ୍ୟବସ୍ଥା ଉପରୁ ସମ୍ପୂର୍ଣ୍ଣ ଆସ୍ଥା ହରାଇବେ, ଯାହାର ପରିଣାମ ଦେଶ ପାଇଁ ଅତ୍ୟନ୍ତ ଭୟାବହ ହେବ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

# ମୁଠାଏ ମୂର୍ଚ୍ଛନା

*ଦେବାଶିଷ ଚକ୍ରବର୍ତ୍ତୀ*

**ଶ୍ମଶାନ**
ଶ୍ମଶାନ ସିନା ତା କୋଳ ପାତିଥାଏ
ଶେଷ ନିଦ ପାଇଁ ଦେବାକୁ ଥାନ
ଦୟା, ସ୍ନେହ, କ୍ଷମା ବିହୁନେ ଜୀବନ
ପାଲଟି ଯିବନାହିଁ କି ଶ୍ମଶାନ ?

**ଶାମୁକା**
ସବୁ ଶାମୁକାର ଗରଭେ ଯେପରି
ମୁକୁତାକୁ ମିଳି ପାରେନି ଥାନ
ମଣିଷ ହୋଇବି ଆମେ ସବୁ କଣ
ସାଇତି ପାରିଛୁ ମଣିଷପଣ ?

**ସିଡି**
ସିଡି କଥା କଣ ମନେ କି ପଡ଼ଇ
ପାଦ ଥାପି ପହଞ୍ଚିଲେ ଶିଖର
ସ୍ୱାର୍ଥୀନେତା ପାଇଁ ଅଲୋଡ଼ା ହୁଅନ୍ତି
ଭୋଟ୍ ପରେ ଯେଉଁପରି ଭୋଟର।

**ଶଙ୍ଖ**
ମନ ଅଗଣା କି ପବିତ୍ର ହୋଇବ
ଶଙ୍ଖ ଆମେ ଖାଲି ଦେଲେ ବଜେଇ
ନିଃଶଙ୍କାରେ ଯଦି ବିବେକ ଆମର
ସତକଥା ପଦେ ପାରୁନି କହି ?

**ପାନ୍ଥଶାଳା**
ପାନ୍ଥଶାଳା ମାନ ଚହଟଇ ସିନା
ଥକା ବାଟୋଇକୁ ଦେଲେ ଆଶ୍ରୟ
ଜୀବନ ପାନ୍ଥଶାଳା କି ଫଳିବ
ବିବେକ ସାଜିଲେ ନିରାଶ୍ରୟ ?

*ମଣ୍ଡୁଆ, କେନ୍ଦୁଝର ଗଡ*
*ମୋ-୯୪୩୭୭୫୨୩୯୫*



# ଫେରାଇ ଦେଲୁରେ ମୋତେ

*ପ୍ରଶାନ୍ତ କୁମାର ନାୟକ*

ଅନେକ ଦୂରରୁ ଆସିଥିଲି ମୁହିଁ
ଦେଖିବି ବୋଲିରେ ତୋତେ,
ବାଧକ ହେଲାକି ମୋ ଭାବର ଡୋରୀ
ଫେରାଇ ଦେଲୁରେ ମୋତେ ।।

ଶହେକୋଷ ଦୂରୁ ଆସିଥିଲି ମୁହିଁ
ବହୁତ ଦୂରେ ମୋ ଘର,
ମୋ ଆଖିରୁ ଲୁହ ବୁହାଇ ଦେଲୁରେ
ଭାଙ୍ଗିଦେଲୁ ମନମୋର ।।

ନଦେଖି ତୋତେରେ ଫେରିବି କେମିତି
ମାନୁନି ଜମା ମୋ ମନ,
ଭାବୁଛି ତୋ ବଡଦାଣ୍ଡରେ ବସିକି
ବିତାଇବି ବାକି ଦିନ ।।

ପତିତ ଜନଙ୍କ ଉଦ୍ଧାର ପାଇଁ ତ
ଉଡାଉ ପତିତପାବନ,
ତାହାଲେ କେମିତି ବୁଝୁନୁ କାଳିଆ
ମୁଁ ଯେ ଦୀନଦୁଃଖୀ ଜନ ।।

ଉଦ୍ଧାର କରହେ ଭବ ସାଗରରୁ
ଲୋଡେନାହିଁ ଧନଜନ,
ଛପନ ଭୋଗବି ଲୋଡାନାହିଁ ମୋର
ଦିଅ ଟିକେ ଦରଶନ ।।

*ୟୁନିଟ୍-୫, ଭୁବନେଶ୍ୱର*
*ଫୋନ୍- ୮୨୪୯୬୫୦୪୧୪*

# ଅପେକ୍ଷା



*ଅରୁଣ କୁମାର ଦାସ*



ବାଟ ଚାହିଁ ଚାହିଁ
ଆଖିରୁ ପାଣି ଶୁଖି ଗଲାଣି
କେତେ ଉଜାଣି ବହି ଗଲାଣି
ବଂଶୀ ସ୍ୱନ ସୁର ଶୂନ୍ୟରେ ବିଲୟ ହେଲାଣି ।
ଅପେକ୍ଷା କୋଠରୀର ପ୍ରାଚୀର ପତ୍ର ପାଠ
ସାଥୀ ରୋଗୀ ସହାୟକ ସହିତ ଜିଜ୍ଞାସା
ଓଲଟା ବ୍ୟାନରକୁ ପଢିବା
ଧୀରେ ଧୀରେ ରୋଗ ଅଙ୍କ ବଢିବା ।
ଜୀବନ ଯାତ୍ରାରେ ଯବନିକା ପଡେନା
ପୁଣି ଏକ ଶୁଭ ସକାଳର ରକ୍ତିମ ଆଭାକୁ ଅପେକ୍ଷା
ଜୀବନ ସଂଗ୍ରାମରେ ବଞ୍ଚିବାର ଦୁର୍ବାର ଲାଳସା
ଆଗକୁ ବାଟ କଢାଇ ନିଏ
ବୁଢୀଆଣୀ ପୋକ ସୂତା କାଟେ ବସା ବାନ୍ଧିବାକୁ
ବାଇ ଚଢେଇ କୁଟା ଯୋଗାଡେ ନୀଡ଼ ରଚନା ପାଇଁ
ମାଟି ସାଉଁଟି ଥାଏ ଉଇ ହୁଙ୍କା ତିଆରି
ସମୟ ଲାଗେନା
କିନ୍ତୁ ଆମର ସମୟ ନ ଥାଏ
ଅପେକ୍ଷା ପାଇଁ ।
ଠିକ୍ ନା ?

*ଠାକୁରା, ପୁରୁଣାବଉଳମାଳ, ଧର୍ମଶାଳା, ଯାଜପୁର*
*ମୋ-୯୯୩୮୭୩୩୦୭୫*

# ସଂସାରୀ ଗୁରୁ



**ଡଃ ସତ୍ୟନାରାୟଣ ମିଶ୍ର**

ସକାଳୁ ଏତେ ଗରମ ଆଉ ଖରା ସହି ହେଉନାହିଁ ସେଥିରେ ପୁଣି ବିଜୁଳି କାଟ୍। ପୁରୁଷ ଲୋକ କଣ ବୁଝନ୍ତି କି ! ସହଜେ ସହଜେ ତ ଘର କାମ, ବାସନ ମଜା, ଘର ଧୁଆ, ରୋଷେଇ ସବୁ ହୋଇଯାଉଛି ନା ତୁମ ଦେହକୁ ମୁଣ୍ଡକୁ କଣ ଲାଗୁଛି କି ?

ତୁମେ ତ ତୁମ ବହି ପଢ଼ାରେ ବ୍ୟସ୍ତ ନା... ସେଇଥିରୁ ମିଳିବ, ଘର ଚଳିବ, ରାଗ ଗର ଗର ହୋଇ କହି ଚାଲିଥିଲେ ସୁମତି ଆଉ ଚୁପ୍ ଚାପ୍ ଶୁଣି ହଜମ କରିନେଉଥିଲେ ସ୍ୱାମୀ ବିଶ୍ୱପ୍ରିୟ।

ସେ ଜାଣିଥିଲେ ମଝିରେ ମଝିରେ ଏମିତି ପବନ ବୁହେ, ଝଡ ଆସେ, ତାପରେ ପୁଣି ସବୁ ଶାନ୍ତ। ବାବା କହିଛନ୍ତି ନା ସହିବା ଲୋକଟା ବଡ କହିବା ଲୋକ ନୁହେଁ... ବାବାଙ୍କ ବହିକୁ ମୁଣ୍ଡରେ ଲଗେଇ ଥାକରେ ଥୋଇଲେ ବିଶ୍ୱରୂପ ।

ଆରେ ଇଏ କଣ ହେଲା ! ଫ୍ୟାନ୍ ଲାଇଟ୍ ବନ୍ଦ ହୋଇଗଲା ଯେ !

ଓହୋ ବିଜୁଳି କଟିଗଲା ବୋଧ ହୁଏ କି ଗରମ । ମୁହଁରୁ ଝାଳ ପୋଛି ବାହାରି ଆସିଲେ ବିଶ୍ୱରୂପ ରୋଷେଇ ଘରୁ ବି ବାହାରି ଆସିଲେ ସୁମତି। ଏଥର ମୁଁହାମୁହିଁ, ସୁମତି ଗର୍ଜି ଉଠିଲେ...

ପଢ଼ିଲନି ମୁଣ୍ଡକୁ ପୋତି ଆହୁରି ଘଣ୍ଟେ କାଇଁ ପଳେଇ ଆସିଲ ବାହାରକୁ ? ମୋତେ ଆଉ ଗରମ ହେଉଛି କି ? ମୁଁ କେମିତି ରୋଷଇ କରିବି ?

ମୁଁ ଆଉ କଣ କରିଥାନ୍ତି କି ? ବିଶ୍ୱରୂପ ମୁଁହ ଖୋଲିଲେ ।

ନା କଣ କରିଥାନ୍ତ ? ସବୁ ତ ସ୍ତ୍ରୀ କରିବ.. ଭାରି ବଲୁଆ ଭାବିଛ । ତୁମ ହାତ ଧରିବାଠୁ ସୁଖ କଣ ଜାଣିନି । ଖାଲି ଦହଗଞ୍ଜ ହେବା ସାର ହୋଇଛି ବହୁତ ହେଇଗଲା ବାବୁ ।

ବିଶ୍ୱରୂପ ଦର୍ପଣ ପାଖରେ ଠିଆ ହୋଇ ମୁହଁକୁ ଚାହିଁଲେ । ଘର୍ମାକ୍ତ ମୁଖ ମଣ୍ଡଳ । ଚୁଟି ସବୁ ପାଚିଗଲାଣି । ଆଖି ତଳେ କଳା ଦାଗର ଗାଢା ଆସ୍ତରଣ ।

ମନେପକେଇଲେ... ବାବା କହିଥିଲେ... ଆୟୁ ନଶ୍ୟତି ପଶ୍ୟତାଂ ପ୍ରତିଦିନଂ ଯାତି କ୍ଷୟଂ ଯୌବନଂ... ବାବା ହେ ତୁମେ ଭରସା, ବିଶ୍ୱରୂପ ଉଚ୍ଚାରଣ କଲେ ।

ବୁଲି ଚାହିଁଲେ ସୁମତି । ରୋଷେଇ ଘରେ ଗରମରେ କଣ ରାନ୍ଧୁଚି, ବିଚାରି ବି ବୟସ୍କା ହୋଇଗଲାଣି । ପଛପଟୁ ମୁଣ୍ଡର ଚୁଟି ପତଳା ହୋଇଗଲାଣି । ଗୋରା ତକ ତକ ଦେହ ଆସ୍ତେ ଆସ୍ତେ କଳା ପଡିଆସୁଛି । ମନେ ପଡିଲା ତିରିଶ ବର୍ଷ ତଳେ ଦୁହେଁ କିପରି ପରସ୍ପରକୁ ଭଲପାଇ ବିବାହ କରିଥିଲେ ଜଣେ ସାଧୁ ବାବାଙ୍କ ମଧ୍ୟସ୍ଥତାରେ ।

ବିଶ୍ୱରୂପ କହିଲେ କାନ୍ଥରେ ଥିବା ବାବାଙ୍କ ଫଟୋକୁ ଚାହିଁ, ବୁଝିଲ ସୁମତି, ଏହି ବାବାଙ୍କ ଆଶୀର୍ବାଦରୁ ଆମେ ଦୁହେଁ ଆଜିପର୍ଯ୍ୟନ୍ତ ଏକାଠି ରହିପାରିଛେ ।

ସୁମତି କହିଲେ,ଏକାଠି ରହିଛେ, ମାତ୍ର ମୁଁ ସବୁ ବୋଝ ବୋହିଛି ବୋଲି। ଭଲା, ଏ ମହାତ୍ମା କଥାରେ ପଡ଼ିନଥାନ୍ତି କି ତୁମ ସାଙ୍ଗରେ ବାନ୍ଧି ହୋଇନଥାନ୍ତି, ସାରାଜୀବନ କୁଆଁରୀ ରହିବ ପଛେ ଏମିତି ବାହା ହୋଇ କଲ ବଲ ହେବନି।

ଏଥର ବିଶ୍ୱରୂପ କହିଲେ, ମହାତ୍ମା କଣ କଲେ, ସେ ତ ଭଗବାନ, ସେ ସବୁ ଜାଣନ୍ତି, ତାଙ୍କୁ ଦୋଷ ଦେଇ କଣ ଲାଭ ? ସବୁବେଳେ କଣ ସବୁ ଜିନିଷ ଠିକ୍‌ରେ ଚାଲିଥିବ, ଅସୁବିଧା ଆସିବ ମାତ୍ର ତାକୁ ସମ୍ମୁଖୀନ ହେବାକୁ ହେବ ।

କଣ ସମ୍ମୁଖୀନ ହେଉନ କି... ! କେବଳ ବହି ପାଠ ଲେଖା ଛାଡିଦେଲେ ଆଉ କଣ ଜାଣିଛ ସୁମତି ଗର୍ଜି ଉଠିଲେ। ଗୋଟେ କଥା ଉତ୍ତର ଦିଅ... ତୁମେ ବାହା ନହୋଇ ଏମିତି ମହାତ୍ମା ବାବା ହେଲନି ? ଆଉ ଗୋଟେ କଥା ଏ ସାଧୁ ବାବା ଅଛନ୍ତି କି ନାହିଁ ଜାଣିନି । ନ ହେଲେ ପଚାରିଥାନ୍ତି ସେ କାହିଁକି ସଂସାର କଲେନି ?

ଏମିତି କୁହନି ସୁମତି ସେ ଆମ ଗୁରୁ ପରା... ବିଶ୍ୱରୂପ କହିଲେ ।

ସୁମତି ଯୁକ୍ତି ଆଗକୁ ନ ବଢ଼ାଇ ଗୁଣୁ ଗୁଣୁ ହେଉଥିଲେ 'କର୍ମ ମୋହର ନିଜ ଗୁରୁ...' ମୋ କର୍ମ ସେଇଆ... ଆଉ ଗୁରୁ କଣ ?

ବିଶ୍ୱରୂପ ପୁଣି ଫଟୋକୁ ପ୍ରଣାମ କଲେ । ମନେ ମନେ ଭାବୁଥିଲେ- ଏ ସଂସାର ପାଇଁ ସଂସାରୀ ଲୋକ ବୋଧହୁଏ ଠିକ୍ ଗୁରୁ, ସନ୍ନ୍ୟାସୀ ନୁହେଁ।

ଲାଇନ୍ ଆସିଯାଇଥିଲା, ବିଶ୍ୱରୂପ ତରତରରେ ପଢ଼ା ଘରକୁ ଫେରିଯାଉଥିଲେ । ଭାବୁଥିଲେ 'ଆର୍ଟ ଅଫ ଲିଭିଂ' ଆଉ 'ଲିଭ ଇନ୍ ରିଲେସନ୍'ଏସବୁ ବାକ୍ୟର ବ୍ୟୁତ୍ପତ୍ତି ଆଉ ପ୍ରୟୋଗର କେତେ ଯଥାର୍ଥତା ।

*ସି ୮୬-ଲିଙ୍ଗରାଜ ବିହାର,*
*ଭୁବନେଶ୍ୱର-୨୦*
*ମୋ-୯୯୩୮୧୬୭୩୩୧*



# ତାକୁ କହିଥାଉ କାଳ

*ଶ୍ୟାମା ପ୍ରସାଦ ମିଶ୍ର*

କଳା ନୁହେଁ କିନ୍ତୁ ଗୋରା ନୁହେଁ ମଧ
ଶାଗୁଆ ନୁହେ କି ଲାଲ୍
ଦେଖି ହୁଏ ନା କି ଲେଖି ହୁଏ ନାହିଁ
ବୁଝି ହୁଏନା ଯା ଚାଲ୍ ...
ଜଳ ସ୍ଥଳ ନଭ ପାହାଡ ସାଗର
ମାନେ ନା କୋଠା କି ଚାଳ,
ଆମେ ତାକୁ କହିଥାଉ କାଳ ॥ ୧

ମା' ର ଗରଭୁଁ ଜନମ ହେଲା ଠୁଁ
ଜଞ୍ଜାଳେ ଯାଇଛୁ ଫସି,
ମାୟା ଜାଲ ଫାଶୁଁ ଫାଙ୍କି ହେଇ କିଏ
କାହିଁ ନ ପାରୁଛୁ ବସି,
ଯାର ଲାଗି ଆମେ ଜାଣି ପାରୁ ନାହେଁ
ଦୁନିଆଁ ଢେପ କି ଖାଲ ....
ଆମେ ତାକୁ କହିଥାଉ କାଳ ॥ ୨

ବଳ ଥିଲା ବେଳେ ଜାଣି ହେଲା ନାହିଁ
ଦିହ ଗଲା କେବେ ଝଡ଼ି
ଫୁଟିଲା ଫୁଲ ବି ଫୁଟେ ପୁଣି ଥରେ
ଫୁଟେ ସିନା ଫୁଲ କଢ଼ି
ଯା'ର ଲାଗି ବାଳ ପାଚି ଝଡିଗଲା
ଲୋଚା କୋଚା ହେଲା ଛାଲ ....
ଆମେ ତାକୁ କହିଥାଉ କାଳ ॥ ୩

ଚିରଞ୍ଜିବୀ କିଏ ଜଗତରେ କାହିଁ
ସବୁ ଯାଉଛନ୍ତି ଚାଲି,
ଆଗ ପଛ ହେଇ ବାହୁଡ଼ିବେ ସର୍ବେ
ଯେବେ ଆସିବ ଯା ପାଳି,
ସଦା ସର୍ବଦା ଯେ ପାଞ୍ଜି ଖୋଲିକରି
ବୁଣି ବସି ଅଛି ଜାଲ,
ଆମେ ତାକୁ କହିଥାଉ କାଳ ॥ ୪

ଯା'ର ଇସାରାରେ ଯୁଗ ଯୁଗ ହେଲା
ଚାଲିଛି ସାରା ଦୁନିଆଁ,
ବିରତି କାହାରେ ନାହିଁ ସଂସାରରେ
ବର୍ତ୍ତିବାର ନାହିଁ ନାଆଁ,
ବେଳ ଦେଖି ଯିଏ ଛାଣି ନିଏ ଭଲା
ଧରି କୁହୁକର ଥାଳ ....
ଆମେ ତାକୁ କହିଥାଉ କାଳ ॥ ୫

ବେଳ ଥାଉ ଯଦି ବନ୍ଧ ବାନ୍ଧିଥିବା
ଛନ୍ଦା ଚରଣରେ ମତି,
ଦେଖି କରି ବାଟ ଚାଲିଲେ ସଂସାରେ
ରହିବ ମାନ-ସମ୍ପତ୍ତି,
ମାନବ କଲ୍ୟାଣ ଚିତ୍ତରେ ଧରିଲେ
ଛନ୍ଦି ପାରେନି ଯା ଜାଲ...
ଆମେ ତାକୁ କହିଥାଉ କାଳ ॥ ୬

*ଶିକ୍ଷକ, ଉପେନ୍ଦ୍ର ଭଞ୍ଜ ଉଚ୍ଚ ବିଦ୍ୟାଳୟ, ଭଞ୍ଜନଗର, ଗଞ୍ଜାମ*
*ମୋ- ୯୦୯୦୫୦୭୯୫୫*

# ମୋ ପରିସ୍ଥିତି

*ଲକ୍ଷ୍ମୀ ନାଏକ*

ବାପା ମୋ ମୁଲିଆ ମାଆ ମୋ ମୂରୁଖ
ଅଛି ମୋର ଚାଳଘର ।
ନାହିଁ ରୋଜଗାର ଖରଚ ବହୁତ
ଏଇ ମୋର ପରିବାର ।
ଲୁଣ ଘେନି ଖାଉ କେବେ ହୁଏ ଡାଲି
ରହୁ କେବେ ଉପବାସ ।
ସକାଳୁ ମୋ ବାପା ବଳଦଙ୍କୁ ଧରି
ଜମିରେ କରନ୍ତି ଚାଷ ।
ଚଳିବା ପାଇଁକା ନାହିଁ ମୋ ସମ୍ବଳ
ଚିନ୍ତା କରି ଯାଏ ଦିନ ।
ଇଛା ଅଛି ହେଲେ କହିପାରେନାହିଁ
ପାଠ ପଢ଼ିବାକୁ ମନ ।
ଦେହ ଖରାପରେ ପଡୋଶୀଙ୍କ ଠାରୁ
କରଜ କରନ୍ତି ବାପା ।
ଏସବୁ ଦେଖିଲେ ଆପେ ଝରି ଯାଏ
ମୋ ଆଖିର ଲୁହ ଟୋପା ।
ବରଷା ଋତୁରେ ଘର ଭାଙ୍ଗିଯାଏ
ହଉ ବହୁ ହଇରାଣ ।
ମାଘମାସ ଶୀତେ ନଥାଏ କମଳ
ପଙ୍ଖାଟିଏ ଗ୍ରୀଷ୍ମେ ପୁଣ ।
ତଥାପି ଭାଙ୍ଗିନି ମୋ ଆତ୍ମବିଶ୍ୱାସ
ସମୟ ରହିଛି ସ୍ୱଳ୍ପ ।
ବଦଳେଇ ଦେବି ମୋ ଭାଗ୍ୟ ରେଖାକୁ
କରୁଛି ଦୃଢ଼ ସଂକଳ୍ପ ।
ଜୀବନ ଯୁଦ୍ଧରେ ଏକୁଟିଆ ଚାଲେ
ସବୁ ରାସ୍ତା ଲାଗେ ନୂଆ ।
ସବୁ ସପନକୁ ସତ କରିବାକୁ
ଲୋଡ଼ା ଖାଲି ବାପା ମାଆ ।

*+୩ ଛାତ୍ରୀ, ପୋଇବାଡ଼ି,*
*ଦଶପଲ୍ଲା, ନୟାଗଡ*

# ପୋଲିସ

*ସୁଜିତ କୁମାର ମିଶ୍ର*



କିଏ ଦେଖିପାରିଛି କି
ସେ ଲୁହଲହୁର ପୋଷାକ ତଳେ
କେତେ ଅନାବିଳ କାକରର କୋହ ?

ବିଶାଳ ବୃକ୍ଷ ପରି
ଫଳ ଫୁଲ ସବୁଜ ପତ୍ର ଭରା ଛାତି,

ସେତିକି ସହ ସେ ବି
ଧାରା ଶ୍ରାବଣର ଦେହ
ସମର୍ପି ଦେଇ ତା
ଭୋଗ ବିଳାସର ହୀରାମୋତି ।

ତୁମ ଓଠର ସେ ହସର ଫଗୁଣ
ତୁମ ଘାଟର ସେ ଅନିଦ୍ରା ନାଉରୀ,
ତୁମ କପାଳର ସେ
ମୁଖରିତ ମଧୁକାଳ,
ତୁମେ ପକ୍ଷୀର ଉଡାଣ ପାଇଁ
ସେ ଭିଜାମାଟିର ଶୋଷ,

ଦୋଷାରୋପର ଦହନରେ ମାତ୍ର
ଅଙ୍ଗାରର ଦେହ ପରି
ସେ ଅନ୍ତିମରେ ମୁଠା ମୁଠା
ଅବଶେଷ ଓ ଅବସୋସ ।

ହଜେଇ ଦେଇ ତା ସ୍ୱପ୍ନ ଓ ଜୀବନ
ସେ ଗଢି ଚାଲୁଛି ସ୍ୱର୍ଗୀୟ ସୁସ୍ଥ ସମାଜ
ଯେଉଁଠି ସେ ଭେଟିଦିଏ
ଶରତ ସଞ୍ଜର ଗୀତି,
ସକାଳର ସୁନେଲି କିରଣ
ନିର୍ମଳ ଆକାଶର ଜ୍ୟୋତି

ମୌସୁମୀର ମେଘଚିଠି ପରି
ବେଶ୍ ବର୍ଷା ମୁଖର ତା ଦାନ ଧର୍ମ ପ୍ରୀତି।

ସେ ସଂକଳ୍ପର କାବ୍ୟ
ସମର୍ପଣତାର ସ୍ରୋତ
ସେ ମରଣ ପଛେ ଧାବମାନ
ଅନ୍ତିମ କ୍ଷତାକ୍ତ ପାଦର ଚାଲି
ଅଥକ ଶ୍ରଦ୍ଧାର ବେଳାଭୂଇଁ ବାଲି,
କେଉଁ କଳଙ୍କରେ ସେ ତଥାପି
କୋଟି କୋଟି ପ୍ରାଣରେ ଭ୍ରମିତ ଆଜିକାଲି ?

ଯୁଦ୍ଧ ପାଇଁ ସେ ଚିରକାଳ ଯୋଦ୍ଧା
ତମାମ୍ ବର୍ଷ,
କାକଟସର କ୍ଳେଶ ଫୋଡି ପାରିନି
ତା ଦୃଢ ମନୋବଳକୁ,
ଗୋଟିଏ ସ୍ମିତହାସ୍ୟର ଛୁଆଁରେ

ସେ ସଞ୍ଚରିଛି ଆଷାଢ଼ର ଆଶା,
ଗୋଟିଏ ବିପ୍ଳବର ତାତିରେ
ସେ ସଜାଡିଛି ଭାଗଭାଗ ହେଉଥିବା
ଜୀବନର ପରିଭାଷା।

ତୁମେ ଚାରିପଟ ଏକ ନିଷ୍କଟଙ୍କ ଭୋଗ,
ସେ ପାଦେ ପାଦେ
ଯାତନାର ଯୋଗ,
ନିଜେ ଶୂନ୍ୟ ପାତ୍ର ହୋଇ
ସେ ବାଣ୍ଟୁଥିବା ଅମୃତ ଭରା ପାତ୍ରରେ
ସାରା ସଂସାରର ଧାରା ବିନିଯୋଗ ।

ଝରୁଥାଏ ପ୍ରେମ କାଳ କାଳ
ମାନବିକତାର ପୁଷ୍କରିଣୀରେ ଗାଧୋଇ

ସେଇଥିପାଇଁ ତ ସୁରକ୍ଷାର ତାରବାଡ ସେ
ଗୁରୁ ଦାୟିତ୍ୱର ବୋଝକୁ
ମୁଣ୍ଡେଇ ମୁଣ୍ଡେଇ ।

ସେ ଖାକି ପୋଷାକର ଖାଣ୍ଟି ବାସ୍ନା
ଚୁନା ଚୁନା ଆଶା ଭରସାର
ଚନ୍ଦ୍ର ଚେହେରା,
ଯେଉଁଠି ଡାକ
ସେ ଚରମ ଦାୟିତ୍ୱର ସୁବାସିତ ଭୋକ...
ତା ସଞ୍ଚରିତ ଶକ୍ତି ଗଢୁଥିବା ବେଳେ
ରାମ ରାଇଜ
କିଏ ଦେଖିପାରିଛି କି ତା
ସମଗ୍ର ତପର ଧାରା ?

ଗଡାଣି ଉଠାଣି ସେ ଗତିଶୀଳ
କେବେ କେବେ କ୍ଳେଶର ପାହାଡ
ତାପାଇଁ ସହୃଦୟତାର ସହସ୍ର ଚୁମ୍ବନ ହୋଇ
ତୁମେ କେବେ ହୋଇବ
ମହା ପ୍ରେରଣାର ଗଡ ?

ସେ ଅଛି ବୋଲି ଶୂନ୍ୟ କାହିଁ
ଆଲୋକର ଝୁଲି ?

*ଜନାର୍ଦ୍ଦନପୁର ଶାସନ, କେନ୍ଦୁଝର*
*ମୋ- ୭୬୮୩୮୬୭୭୪୨*



# ତମେ ମୋର ଅପେକ୍ଷା

*ରମାକାନ୍ତ ଦାସ*

ତମେ ଶ୍ରାବଣର ପ୍ରଥମ ବିନ୍ଦୁ,
ମୁଁ ତୁମକୁ ସାଉଁଟିବାକୁ ଆତୁର ସିନ୍ଧୁ !!
ତମେ ଜହ୍ନ ରାତିର ଶୀତଳ ଜ୍ୟୋତ୍ସ୍ନା,
ମୁଁ ତୁମ ପ୍ରେମରେ ପାଗଳ ଏକ ତୃଷ୍ଣା !!

ତମେ କୋମଳ ମାଳତୀର ହସ,
ମୁଁ ତୁମକୁ ଘେରି ରହିଥିବା ପାଷାଣ ବିଶ୍ୱାସ !!
ତମେ ସନ୍ଧ୍ୟା ଆକାଶର ରକ୍ତିମ ଆଭା,
ମୁଁ ତୁମ ରୂପରେ ହଜିଥିବା ଏକ ନିଶ୍ଚଳ ପ୍ରଭା !!

ତମେ ମୋ ସ୍ୱପ୍ନର ସେଇ ଶେଷ ସ୍ୱର,
ମୁଁ ତୁମ ପାଇଁ ସାଜିବି ଅଜେୟ ଶିଖର !!
ତମେ ମୋ ଶ୍ୱାସର ମିଠା ଶିହରଣ,
ମୁଁ ତୁମ ଜୀବନର ସୁରକ୍ଷା କବଚ ଓ ସମର୍ପଣ !!

ତମେ ମୋ ଅଧୁରା ଗଳ୍ପର ଶେଷ ଠିକଣା,
ମୁଁ ତୁମକୁ ପାଇବାକୁ ଜଣେ ଜିଦ୍‌ଖୋର ପ୍ରେମର ରଚନା !!

*ନନ୍ଦିଗ୍ରାମ, ନାଉଗାଁ, ଜଗତସିଂହପୁର*
*ମୋ- ୯୬୬୮୮୧୫୩୬୯*

# ତୀର୍ଥଯାତ୍ରା

*ଡ଼ ସୀତାକାନ୍ତ ତ୍ରିପାଠୀ*

ଜୀବନର ଅପରାହ୍ନରେ ହୁଏ ତୀର୍ଥ ଯାତ୍ରା,
ଶୀତଳ ହୋଇଯାଏ ତ୍ରିତାପ ଆଉ ମିଳିଯାଏ ସ୍ୱର୍ଗ ସୁଖ।

ତୀର୍ଥଯାତ୍ରାକୁ ନେଇ ଚାଲେ ରକ୍ତର ହୋଲି ଖେଳ,
କାରଣ ଭଗବାନ ସିନା ଏକ ସନ୍ତାନ ପରା ଅନେକ।

ତୀର୍ଥଯାତ୍ରାକୁ ନେଇ ଚାଲେ ଭାଇ ଭାଇର ଅଙ୍କ କଷା
କିଏ କେତେ ଦେବ ଆଉ ଖୋଜା ଚାଲେ କାରଣ।

ଭୋଟବ୍ୟାଙ୍କ ରାଜନୀତିରେ ତୀର୍ଥଯାତ୍ରା କରେ ଗୋଟିଏ ଗୁଳିରେ ଦୁଇଟି
ଶିକାର କିଏ ହୋଇଯାଏ ନିଜର ତ ଆଉ କିଏ ନିଜର।

କିଏ ବଞ୍ଚୁ ଅବା ମରୁ ତାର ନଥାଏ ହିସାବ,
ଥାଏ ଖାଲି ସ୍ୱର୍ଗକୁ ନିଶୁଣି ଲଗାଇବାର ଅଦମ୍ୟ ପ୍ରୟାସ।

ଶେଷରେ ସବୁ ପାପ ପୁଣ୍ୟର ବିଚାର ହୋଇଯାଏ,
ଫଇସଲା ଶୁଣାଇ ଦିଆଯାଏ ସର୍ବ ସମକ୍ଷରେ।

*ଡଳଗୋପ ବିନ୍ଧା, ଅର୍ଣ୍ଣପାଳ, ଭଦ୍ରକ*
*ମୋ-୯୭୭୮୭୬୪୩୯୪*



# ହେ ଅଶାନ୍ତ ଜୀବନ !

*ବନଜା ବିଶ୍ୱାଳ*

ହେ ଅଶାନ୍ତ ଜୀବନ !
ତୁମେ ହିଁ ତ ଆଣି ଦିଅ,
ଶାନ୍ତି ପ୍ରତି ଏତେ ଆକର୍ଷଣ।

ତୁମେ ଅଛ ବୋଲି ତ !
ତୁମ କୋଳରେ ଶୋଇ ଶୋଇ,
ଦେଖେ ମୁହିଁ ଶାନ୍ତ ଜୀବନର ସ୍ୱପ୍ନ।

ତୁମେ ଛଟପଟ ଯନ୍ତ୍ରଣା ଜର୍ଜରିତ !
ତୁମଠାରୁ ହାରିଯାଇ ଥକାମନ,
ଖୋଜିବୁଲେ ଏକ ଶାନ୍ତିର ବିରାଟ ସ୍ତୁପ।

ତୁମେ ପୁଣି ନିରନ୍ତର ବାନ୍ଧି ଚାଲ !
ନୂଆ ନୂଆ ଅଜବ ଢଙ୍ଗରେ,
ମୁଁ ପୁନଃଶ୍ଚ ପଡ଼ିଯାଏ ଶାନ୍ତିର ପ୍ରେମରେ।

ହେ ଅଶାନ୍ତ ଜୀବନ !
ତୁମେ ମୋଠୁ ହୋଇଯାଅ ତୃପ୍ତ,
ମିଳି ଯାଉ ମୋତେ ମୋ ଶାନ୍ତିର ସ୍ତୁପ।

*ଦିଲ୍ଲୀ-୧୧୦୦୯୫*
*ମୋ-୮୧୪୪୫୫୭୪୬୧*



# କୃଷ୍ଣଚୂଡ଼ା

*ଡକ୍ଟର ମନୋରଞ୍ଜନ ବିଷୋୟୀ*

ବସନ୍ତ ହଜିଛି
ବୈଶାଖ ଫେରିଛି
ତା' ସ୍ପର୍ଶରେ କୃଷ୍ଣଚୂଡ଼ା
ନବବଧୂ ସାଜିଛି ।

ନାଲି ଓଢଣୀରେ
ରୂପ ଲାବଣ୍ୟରେ
ଲାଗେ ସ୍ୱର୍ଗର ପରୀ
ମର୍ତ୍ତ୍ୟକୁ ଓହ୍ଲାଇ ଆସିଛି ।

ପ୍ରିୟତମ ନିଦାଘର ସ୍ପର୍ଶ
ପାଇବା ନିମନ୍ତେ
କେତେ ଯେ ସେ
ସାଧନା କରିଛି ।

ନିଦାଘର ଏହି
ଦାରୁଣ ଅରୁଣେ
ଦଗ୍‌ଧ ହୋଇ ବି
ନାଲି ଓଠେ ତା'ର ହସୁଛି ।

ବିଧାତାର ସୃଷ୍ଟି
ଅପରୂପ ଭେଟି
ତା' ବିଭବ ଠାଣିରେ
ସଭିଙ୍କୁ ମୁଗ୍ଧ କରୁଛି ।

ଦିନ ଗଡ଼ି ଏବେ
ତେଜ ବଢୁଅଛି
ଜ୍ୟେଷ୍ଠର ବି ଆଗମନ
ଘଟିସାରିଛି ।

ତଥାପି କୃଷ୍ଣଚୂଡ଼ା
ସତେଜ ରହି
ନାଲି ରଙ୍ଗେ ତା'ର
ସଭିଙ୍କ ମନ ମୋହୁଛି ।

ଆଷାଢ଼ ଆସିଲେ
ତା' ରଙ୍ଗ ଧୋଇଯିବ
ଏ କଥା ସେ ଜାଣି ସୁଦ୍ଧା
ରଙ୍ଗେଇ ହେଉଛି ।

ପ୍ରତିକୂଳ ପରିସ୍ଥିତିରେ
କିପରି ବଞ୍ଚିହୁଏ ଜୀବନ
ଏ ବାର୍ତ୍ତା କୃଷ୍ଣଚୂଡ଼ା
ଆମକୁ ଦେଉଛି ।

*ସ୍ନାତକୋତ୍ତର ଓଡ଼ିଆ ବିଭାଗ,ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ, ବ୍ରହ୍ମପୁର*
*ମୋ-୮୮୯୫୧୪୧୭୨୭*

# ଏକପଦୀ ସ୍ତବକ

*କୈଳାସ ଚନ୍ଦ୍ର ସାହାଣୀ*

**ମହମ**
ଅନ୍ୟକୁ ଆଲୋକ ଦେଖାଇ
ନିଜେ ହିଁ ଜଳିବା,
ଜଳି ଜଳି ସରିଯିବା
ଅନ୍ଧାରେ ରହିବା;
ଏଇ ବୋଧେ ତ୍ୟାଗ...
ବାଟ ଭାଙ୍ଗି ଚାଲିଯା'ନ୍ତି ଆପଣାର ଲୋକ !

**ଧୂପ**
ଧୂପ ଜଳେ, ଜଳି ସରେ
ବାସ ଛାଡିଯାଏ,
ବେଦନାର ଦରଜରେ
ନିତି ମରୁଥାଏ;
ଧୂପ ଜଳେ ମନ୍ଦିରରେ
ଧୂପ ଜଳେ ପୂଜା ଘରେ
ଧୂପ କେବେ ଶବ ସହ ଶବଟେ ପାଲଟେ
ବାସ ଖାଲି ଚଉଦିଗ ଅଦୃଶ୍ୟେ ଚହଟେ ।

**ଚନ୍ଦନ**
ଚନ୍ଦନ ଚର୍ଚ୍ଚିତ ନବ କଳେବର
ଚନ୍ଦନ କୁଙ୍କୁମ ଶୋଭାର ଭଣ୍ଡାର
ଚନ୍ଦନ ବିନ୍ଦୁରେ ଚିତା ଚୈତନ
ଚନ୍ଦନ ବନ୍ଦନ ଶୀତଳ ଶୋଭନ
ଚନ୍ଦନର ଆୟଷରେ,
ଚନ୍ଦନ ପେଡିରେ ଘୋରି ହେବା ସାର
ପାଷାଣର ଭାଗ୍ୟ ଯା'ର
ଲହିଛି ମଥାରେ !

**ଫୁଲ**
କିଏ କହେ ଫୁଲ କୋମଳ ସୁନ୍ଦର
ସୁବାସରେ ମହମହ,
କିଏ କହେ ଫୁଲ ଦେବତା ସେବାରେ
କବରୀ ଭରିଛି ମୋହ;
ଫୁଲ ଫୁଟି ମଉଳିବା,
ସମାଜ ସେବାରେ ଯେ ଫୁଲ ଲାଗିଛି ନିୟତ
ସଫଳ ସଂସାରେ ତା'ର ଜନ୍ମ ହେବା !



# ଏଲଏସଜି ଅଧିନାୟକ ପଦ ଛାଡ଼ିଲେ ରଷଭ ପନ୍ତ

**ନୂଆଦିଲ୍ଲୀ**




ଆଇପିଏଲ ୨୦୨୬ ଶେଷ ହେବା ପୂର୍ବରୁ ବଡ଼ ନିଷ୍ପତ୍ତି ନେଇଛନ୍ତି ଅଭିଜ୍ଞ ଉ୍ୱିକେଟ-କିପର ବ୍ୟାଟ୍ସମ୍ୟାନ ରଷଭ ପନ୍ତ। ଲକ୍ଷ୍ନୌ ସୁପର ଜାଏଣ୍ଟ୍ସର ଅଧିନାୟକ ପଦ ଛାଡ଼ିଛନ୍ତି ପନ୍ତ। ଏନେଇ ଲକ୍ଷ୍ନୌ ପକ୍ଷରୁ ଏକ ପୋଷ୍ଟ କରାଯାଇ ସୂଚନା ଦିଆଯାଇଛି। ଲକ୍ଷ୍ନୌ ପକ୍ଷରୁ ଏହି ପୋଷ୍ଟ ପରେ ଚର୍ଚ୍ଚା ଆରମ୍ଭ ହୋଇଛି। ପନ୍ତ ନିଜେ ଅଧିନାୟକ ପଦ ଛାଡ଼ିଛନ୍ତି ନା ତାଙ୍କୁ ବାହାର କରାଯିବାକୁ ପ୍ରେସର ପଡ଼ିଛି ଏଭଳି ନେଇ ଚର୍ଚ୍ଚା ଜୋର ଧରିଛି।

ଚଳିତ ଆଇପିଏଲରେ ଲକ୍ଷ୍ନୌ ନୈରାଶ୍ୟଜନକ ପ୍ରଦର୍ଶନ କରିଥିଲା। ଦଳ ପଏଣ୍ଟ ଟେବୁଲର ତଳେ ରହିଥିଲା। ଜିତିବା ମ୍ୟାଚ୍‌କୁ ଦଳ ହାତଛଡ଼ା କରିଥିଲା। ପନ୍ତଙ୍କ ଅଧିନାୟକତ୍ୱରେ ଦଳର ନୈରାଶ୍ୟଜନକ ପ୍ରଦର୍ଶନ ପାଇଁ ସମାଲୋଚନାର ଶିକାର ହେବାକୁ ପଡ଼ିଥିଲା ଦଳକୁ। ଏହି ସିଜିନରେ ପନ୍ତଙ୍କ ପ୍ରଦର୍ଶନ ମଧ୍ୟ ଖରାପ ଥିଲା ଏବଂ ସେ ନିରନ୍ତର ଚାପରେ ଥିଲେ। ଏହି କାରଣରୁ ସିଜିନ୍ ମଧ୍ୟଭାଗରେ ଗୁଜବ ପ୍ରଚାରିତ ହେବା ଆରମ୍ଭ ହୋଇଥିଲା ଯେ, ପନ୍ତଙ୍କୁ ଅଧିନାୟକ ପଦରୁ ହଟାଯାଇପାରେ। ପନ୍ତ କ'ଣ ଏହି ନିଷ୍ପତ୍ତି ନିଜେ ନେଇଥିଲେ, ନା ଦଳର ମାଲିକ ଏବଂ ପରିଚାଳନା ଏପରି ପଦକ୍ଷେପ ନେଇଛନ୍ତି, ଏହାକୁ ନେଇ ଏବେ ପ୍ରଶ୍ନ ଉଠିଛି।

ସେପଟେ ମୁଡି ତାଙ୍କ ବିବୃତ୍ତିରେ ଆହୁରି କହିଛନ୍ତି ଯେ, ରଷଭ ପନ୍ତ ନିଜେ ଏହି ନିଷ୍ପତ୍ତି ନେଇ ଫ୍ରାଞ୍ଚାଇଜ୍ ସହିତ ଯୋଗାଯୋଗ କରିଥିଲେ, ଯାହାକୁ ସମ୍ମାନର ସହିତ ଗ୍ରହଣ କରାଯାଇଥିଲା। ସେ ରିଷଭ ପନ୍ତଙ୍କୁ ତାଙ୍କ ଅବଦାନ ପାଇଁ ଧନ୍ୟବାଦ ଜଣାଇଥିଲେ ଏବଂ କହିଥିଲେ ଯେ ଏପରି ନିଷ୍ପତ୍ତି କେବେବି ସହଜ ନୁହେଁ। ମୁଡି ପରବର୍ତ୍ତୀ ସିଜନ ପୂର୍ବରୁ ଦଳକୁ ପୁନଃନିର୍ମାଣ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ତଥାପି ପରବର୍ତ୍ତୀ ଅଧିନାୟକ କିଏ ହେବେ ତାହା ଏପର୍ଯ୍ୟନ୍ତ ପ୍ରକାଶ କରାଯାଇ ନାହିଁ।

# ରାଜସ୍ଥାନକୁ ପରାସ୍ତ କଲା ଗୁଜରାଟ

## ୩୧ରେ ଫାଇନାଲ : ବେଙ୍ଗାଲୁରୁ ସହ କରିବ ମୁକାବିଲା

**ନ୍ୟୁ ଚଣ୍ଡିଗଡ଼**




ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ୨୦୨୬ର କ୍ୱାଲିଫାୟର ୨ ମୁକାବିଲାରେ ରାଜସ୍ଥାନ ରୟାଲ୍ସକୁ ୭ ଉ୍ୱିକେଟ୍‌ରେ ପରାସ୍ତ କରି ଗୁଜରାଟ ଟାଇଟନ୍ସ ବିଜୟୀ ହୋଇଛି। ନ୍ୟୁ ଚଣ୍ଡିଗଡ଼ର ମୁଲାନପୁରସ୍ଥିତ ମହାରାଜା ଯଦବିନ୍ଦର ଅନ୍ତର୍ଜାତୀୟ କ୍ରିକେଟ୍ ଷ୍ଟାଡିୟମରେ ଶୁକ୍ରବାର ଖେଳାଯାଇଥିବା ଏହି ମ୍ୟାଚ୍‌ରେ ବିଜୟୀ ହେଲା ପରେ ଗୁଜରାଟକୁ ଫାଇନାଲ ଟିକେଟ୍ ମିଳିଛି। ଦଳ ଚଳିତ ମାସ ୩୧ ତାରିଖରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁକୁ ଭେଟିବ। ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ୍ ଅହମଦାବାଦର ନରେନ୍ଦ୍ର ମୋଦୀ ଷ୍ଟାଡିୟମରେ ଖେଳାଯିବ।

ଶୁବମନ ଗିଲ୍‌ଙ୍କ ନେତୃତ୍ୱରେ ଗୁଜରାଟ ଟାଇଟନ୍ସ ୨୧୫ ରନ୍‌ର ଲକ୍ଷ୍ୟ ନେଇ ବ୍ୟାଟିଂ କରିଥିଲା। ଗୁଜରାଟ ୧୮.୪ ଓଭରରେ ୩ଟି ଉ୍ୱିକେଟ୍ ହରାଇ ୨୧୯ ରନ୍ କରିଥିଲା। ଦଳର ପ୍ରାରମ୍ଭିକ ବ୍ୟାଟର ସାଇ ସୁଦର୍ଶନ ଏବଂ ଶୁବମନ ଗିଲଙ୍କ ପ୍ରାରମ୍ଭିକ ବ୍ୟାଟିଂ ଏକ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ନେଇ ଖେଳିଥିଲେ। ଉଭୟ ପ୍ରଥମ ଉ୍ୱିକେଟ୍ ପାଇଁ ୧୬୭ ରନ୍‌ର ଭାଗିଦାରୀ କରିଥିଲେ। ଏଥିରୁ ସାଇ ସୁଦର୍ଶନ ବ୍ୟକ୍ତିଗତ ଭାବେ ୫୮ ରନ୍ କରିଥିଲେ। ସେ ୩୨ଟି ବଲ୍ ଖେଳି ୮ଟି ଚୌକା ଏବଂ ଗୋଟିଏ ଛକା ମାରିଥିଲେ।

ଗୁଜରାଟ ପାଇଁ ଶୁବମନ ଗିଲ ବିସ୍ଫୋରକ ବ୍ୟାଟିଂ ବଳରେ ଶତକ ହାସଲ କରିଥିଲେ। ସେ ୫୩ଟି ବଲ୍ ଖେଳି ୧୦୪ ରନ୍ କରିଥିଲେ, ଯେଉଁଥିରେ ୧୫ଟି ଚୌକା ଏବଂ ୩ଟି ଛକା ମାରିଥିଲେ। ୱାସିଂଟନ ସୁନ୍ଦର ୯ଟି ବଲ୍ ଖେଳି ୨ଟି ଚୌକା ଏବଂ ଗୋଟିଏ ଛକା ବଳରେ ୧୬ ରନ୍ କରିଥିଲେ।

ଏହି ଲଢ଼େଇରେ ଟସ୍ ଜିଣି ରାଜସ୍ଥାନ ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ଦଳର ବୈଭବ ସୂର୍ଯ୍ୟବଂଶୀଙ୍କ ବିସ୍ଫୋରକ ବ୍ୟାଟିଂ ବଳରେ ନିର୍ଦ୍ଧାରିତ ୨୦ ଓଭରରେ ୬ଟି ଉ୍ୱିକେଟ୍ ହରାଇ ୨୧୪ ରନ୍ କରିଥିଲା। ରାଜସ୍ଥାନର ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟ ଦେଖାଯାଇଥିଲା। ଦଳ ପ୍ରଥମ ଓଭରରେ ଯଶସ୍ୱୀ ଜୟସ୍ୱାଲ ଏବଂ ଦ୍ୱିତୀୟ ଓଭରରେ ଧ୍ରୁବ ଜୁରେଲଙ୍କୁ ହରାଇଥିଲା। ସ୍କୋର ୨ ରନ୍‌ରେ ଜୟସ୍ୱାଲ ଏବଂ ୯ ରନ୍‌ରେ ଜୁରେଲ ଆଉଟ୍ ହୋଇଥିଲେ। ଜୟସ୍ୱାଲ ୧ ରନ୍ ଏବଂ ଜୁରେଲ ୯ ରନ୍ କରିଥିଲେ।

ରାଜସ୍ଥାନକୁ ପ୍ରାରମ୍ଭିକ ସମୟରେ ୨ଟି ଶକ୍ତ ଝଟ୍‌କା ଲାଗିବା ପରେ ବିସ୍ମୟ ବାଳକ ବୈଭବ ସୂର୍ଯ୍ୟବଂଶୀ ଏବଂ ରିୟାନ ପରାଗ ତୃତୀୟ ଉ୍ୱିକେଟ୍ ପାଇଁ ୯୨ ରନ୍‌ର ଭାଗିଦାରୀ କରିଥିଲେ। ଏଥିରୁ ରିୟାନ ପରାଗ ୧୧ ରନ୍ କରିଥିଲେ। ସେ ୬ଟି ବଲ୍ ଖେଳି ଗୋଟିଏ ଚୌକା ଏବଂ ଗୋଟିଏ ଛକା ମାରିଥିଲେ।

ରାଜସ୍ଥାନ ପାଇଁ ଯୁବ କ୍ରିକେଟ୍‌ର ବୈଭବ ସୂର୍ଯ୍ୟବଂଶୀ ସର୍ବାଧିକ ବ୍ୟକ୍ତିଗତ ସ୍କୋର କରିଥିଲେ। ସେ ୪୭ଟି ବଲ୍‌ର ସମ୍ମୁଖୀନ ହୋଇ ୮ଟି ଚୌକା ଏବଂ ୭ଟି ଛକା ମାରିଥିଲେ। ଅଲରାଉଣ୍ଡର ରବୀନ୍ଦ୍ର ଜାଡ଼େଜା ବ୍ୟକ୍ତିଗତ ଭାବେ ଅପରାଜିତ ୪୫ ରନ୍ ସଂଗ୍ରହ କରିଥିଲେ। ସେ ୩୫ଟି ବଲ୍ ଖେଳି ୫ଟି ଚୌକା ଏବଂ ଗୋଟିଏ ଛକା ମାରିଥିଲେ। ସେହିପରି ଦୋନୋଭାନ ଫେରେରିଆଙ୍କ ବ୍ୟାଟରୁ ୩୮ ରନ୍ ସଂଗ୍ରହ ହୋଇଥିଲେ। ସେ ୧୧ଟି ବଲ୍ ଖେଳି ୨ଟି ଚୌକା ଏବଂ ୪ଟି ଛକା ମାରିଥିଲେ।

ଗୁଜରାଟ ଟାଇଟନ୍ସ ପାଇଁ ଦ୍ରୁତ ବୋଲର କାଗିସୋ ରାବଡ଼ା ଏବଂ ଜେସନ ହୋଲଡର ୨-୨ ଉ୍ୱିକେଟ ନେଇଥିଲେ। ପ୍ରସିଦ୍ଧ କୃଷ୍ଣା ଏବଂ ମହମ୍ମଦ ସିରାଜ ଗୋଟିଏ ଲେଖାଏଁ ଉ୍ୱିକେଟ୍ ଅକ୍ତିଆର କରିଥିଲେ।

# ହାରିଗଲେ ସିନ୍ଧୁ, ସାତ୍ତ୍ୱିକ-ଚିରାଗ ଯୋଡ଼ି ସେମିରେ




**ସିଙ୍ଗାପୁର**

ସ୍ଥିର ପ୍ରଦର୍ଶନ ଅଭାବରୁ ଭାରତର ଷ୍ଟାର ବ୍ୟାଡ୍‌ମିଣ୍ଟନ ଖେଳାଳି ପି.ଭି. ସିନ୍ଧୁ ଏଠାରେ ଚାଲିଥିବା ସିଙ୍ଗାପୁର ଓପନ ୭୫୦ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟର ମହିଳା ସିଙ୍ଗଲ୍ସ କ୍ୱାର୍ଟରଫାଇନାଲରୁ ବିଦାୟ ନେଇଛନ୍ତି। ବିଶ୍ୱର ନମ୍ବର ୱାନ ଖେଳାଳି ଆନ୍ ସିଂ ୟଙ୍ଗ ତାଙ୍କୁ ୨୧-୧୭, ୨୧-୧୪ରେ ହରାଇ ଦେଇଛନ୍ତି।

ଅନ୍ୟପକ୍ଷେ ଭାରତର ପୁରୁଷ ଡବଲ୍ସ ଯୋଡ଼ି ସାତ୍ତ୍ୱିକ ସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ଶେଟ୍ଟି ପ୍ରମୁଖ ସେମାନଙ୍କ ମ୍ୟାଚରେ ବିଜୟ ଲାଭ କରି ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଏସିଆନ ଗେମ୍ସ ଚାମ୍ପିଅନ ତଥା ଚତୁର୍ଥ ସିଡ୍ ଏହି ଭାରତୀୟ ଯୋଡ଼ି କ୍ୱାର୍ଟରଫାଇନାଲରେ ମାଲେସିଆର ଖାଇ କିଙ୍ଗ୍ କାଙ୍ଗ୍ ଓ ଆରୋନ ଟାଇଙ୍କୁ ୧୯-୨୧, ୨୧-୧୭, ୨୧-୧୩ରେ ହରାଇ ଦେଇଛନ୍ତି। ଏହି ସଂଘର୍ଷପୂର୍ଣ୍ଣ ମ୍ୟାଚ୍ ୧ ଘଣ୍ଟା ୫ ମିନିଟ ଧରି ଚାଲିଥିଲା।

# ଟି-ଟ୍ୱେଣ୍ଟି ବିଶ୍ୱକପ ପୂର୍ବରୁ ଇଂଲଣ୍ଡ ବିପକ୍ଷରେ ଭାରତର ଦମ୍‌ଦାର ବିଜୟ

**ଚେମ୍ସ ଫୋର୍ଡ**

ବିଶ୍ୱକପ ପୂର୍ବରୁ ଟିମ୍ ଇଣ୍ଡିଆର ବଡ଼ ସଫଳତା। ଟି-୨୦ ବିଶ୍ୱକପ୍ ଆଉ କିଛି ଦିନ ବାକି ଅଛି ଏବଂ ଏହା ପୂର୍ବରୁ ଶେଷ ସିରିଜ୍ ଆରମ୍ଭ ହୋଇଛି। ଭାରତୀୟ ମହିଳା ଦଳ ପ୍ରଥମ ମ୍ୟାଚ୍‌ରେ ଇଂଲଣ୍ଡ ମହିଳା ଦଳକୁ ପରାସ୍ତ କରିଛି। ଭାରତୀୟ ଦଳ ଯେଉଁ ଯୁବ ଖେଳାଳିମାନଙ୍କ ଉପରେ ପ୍ରଥମ ଥର ପାଇଁ ଭରସା କରିଥିଲା ସେମାନେ ସଫଳ ହୋଇଛନ୍ତି। ୩ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜର ପ୍ରଥମ ମ୍ୟାଚ୍‌ରେ ଟିମ୍ ଇଣ୍ଡିଆ ଇଂଲଣ୍ଡ ମହିଳା କ୍ରିକେଟ୍ ଦଳକୁ ୩୮ ରନରେ ହରାଇଛି। ୧-୦ ସିରିଜରେ ଆଗୁଆ ରହିଛି ଟିମ୍ ଇଣ୍ଡିଆ। ଆଇସିସି ମହିଳା ଟି-୨୦ ବିଶ୍ୱକପ୍ ୨୦୨୬ ପୂର୍ବରୁ ଶେଷ ସିରିଜ୍। ସିରିଜ୍‌ରେ ଆହୁରି ଦୁଇଟି ମ୍ୟାଚ୍ ବାକି ଅଛି, ଏବଂ ଦଳ ସେଗୁଡ଼ିକୁ ଜିତି ଦୃଢ଼ ମନୋବଳ ସହିତ ଆଇସିସି ଟୁର୍ଣ୍ଣାମେଣ୍ଟରେ ପ୍ରବେଶ କରିବାକୁ ଚେଷ୍ଟା କରିବ। ଏହି ମ୍ୟାଚ୍‌ରେ ଅଧିନାୟକ ହରମନପ୍ରୀତ କୌର ଖେଳି ନଥିଲେ। ସ୍ମୃତି ମନ୍ଧାନା ଦଳର ଦାୟିତ୍ୱ ନେଇଥିଲେ।

ଇଂଲଣ୍ଡ ବିପକ୍ଷରେ ଭାରତର ବିଜୟରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅବଦାନ ଜେମିମା ରୋଡ୍ରିଗ୍ସ ଏବଂ ଯଷ୍ଟିକା ଭାଟିଆଙ୍କର ଥିଲା। ଦୁହେଁ ୭ ବର୍ଷର ପୁରୁଣା ରେକର୍ଡ ଭାଙ୍ଗିଛନ୍ତି। ଏହି ମ୍ୟାଚ୍‌ରେ ଅନ୍ତର୍ଜାତୀୟ ଡେବ୍ୟୁ କରିଥିବା ନନ୍ଦିନୀ ଶର୍ମା ମଧ୍ୟ ବୋଲିଂରେ ହଇଚଇ ସୃଷ୍ଟି କରିଥିଲେ। ଚେମସଫୋର୍ଡରେ ଖେଳାଯାଉଥିବା ପ୍ରଥମ ଟି-୨୦ରେ ଇଂଲଣ୍ଡ ଟସ୍ ଜିତି ଭାରତକୁ ବ୍ୟାଟିଂ ପାଇଁ ନିମନ୍ତ୍ରଣ କରିଥିଲା। ଭାରତର ଆରମ୍ଭ ଭଲ ନଥିଲା। ସେମାନଙ୍କର ଉଭୟ ଓପନର ସ୍ମୃତି ମନ୍ଧାନା ଏବଂ ଶେଫାଳି ବର୍ମା ପ୍ରଥମ ଓଭରରେ ଆଉଟ ହୋଇଥିଲେ। ସ୍ମୃତି ଖାତା ଖୋଲିପାରି ନଥିଲେ। ଶେଫାଳି କେବଳ ଦୁଇ ରନ କରିଥିଲେ। ପରେ ଯଷ୍ଟିକା ଭାଟିଆ ଏବଂ ଜେମିମା ରୋଡ୍ରିଗ୍ସ ମିଶି



ଚମତ୍କାର ଇନିଂସ ଖେଳିଥିଲେ। ଭାରତ ପାୱାରପ୍ଲେରେ ଇଂଲଣ୍ଡ ବିପକ୍ଷରେ ସର୍ବବୃହତ୍ ସ୍କୋର ହାସଲ କରିଥିଲା। ଭାରତ ପ୍ରଥମ ୬ ଓଭରରେ ୨ଟି ଉ୍ୱିକେଟ୍ ହରାଇ ୭୩ ରନ କରିଥିଲା।

ପାୱାରପ୍ଲେରେ ଭାରତର ଦୁର୍ବଳ ଆରମ୍ଭ ସତ୍ତ୍ୱେ କମ୍‌ବ୍ୟାକ କରିଥିଲା। ଯଷ୍ଟିକା ଭାଟିଆ ଏବଂ ଜେମିମା ରୋଡ୍ରିଗ୍ସ ଗତି ବଦଳାଇ ଦେଇଥିଲେ। ଫଳରେ ସେମାନେ ମହିଳା ଟି-୨୦ରେ ସର୍ବାଧିକ ତୃତୀୟ ଉ୍ୱିକେଟ୍ ଭାଗୀଦାରୀର ଭାରତୀୟ ରେକର୍ଡ ଭାଙ୍ଗିଲେ। ପୂର୍ବରୁ ବେଦ କୃଷ୍ଣମୂର୍ତ୍ତି ଏବଂ ଜେମିମା ରୋଡ୍ରିଗ୍ସ ମହିଳା ଟି-୨୦ କ୍ରିକେଟରେ ସର୍ବାଧିକ ତୃତୀୟ ଉ୍ୱିକେଟ୍ ଭାଗୀଦାରୀ ପାଇଁ ଭାରତୀୟ ରେକର୍ଡର ଅଧିକାରୀ ଥିଲେ। ନଭେମ୍ବର ୨୦, ୨୦୧୯ରେ ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ୧୧୭ ରନ୍ ଯୋଡ଼ିଥିଲେ। କିନ୍ତୁ, ୭ ବର୍ଷ ପରେ, ଯଷ୍ଟିକା ଭାଟିଆ ଏବଂ ଜେମିମା ରୋଡ୍ରିଗ୍ସ ୧୨୬ ରନ୍ ଭାଗୀଦାରୀ ସହିତ ସେହି ରେକର୍ଡକୁ ଭାଙ୍ଗିଥିଲେ।

ବଡ଼ କଥା ହେଉଛି ଉଭୟ ଭାଗୀଦାରୀରେ ଜେମିମା ରୋଡ୍ରିଗ୍ସ ସାମିଲ। ପ୍ରଥମ ଟି-୨୦ରେ ଜେମିମା ରୋଡ୍ରିଗ୍ସ ୪୦ ବଲ୍‌ରୁ ୧୭୨.୫୦ ଷ୍ଟ୍ରାଇକ୍ ରେଟ୍‌ରେ ୬୯ ରନ୍ କରିଥିଲେ। ଯଷ୍ଟିକା ଭାଟିଆ ମଧ୍ୟ ୪୦ ବଲ୍‌ରୁ ୫୪ ରନ୍ କରିଥିଲେ। ଏହି ଦୁଇଜଣଙ୍କ ବ୍ୟତୀତ ୭ ନମ୍ବରରେ ବ୍ୟାଟିଂ କରୁଥିବା ଦୀପ୍ତି ଶର୍ମା ୧୩ ବଲରୁ ଦ୍ରୁତ ୨୨ ରନ୍ କରିଥିଲେ। ଭାରତ ୨୦ ଓଭରରେ ୭ ଉ୍ୱିକେଟ୍ ହରାଇ ୧୮୮ ରନ୍ କରିଥିଲା।

ମହିଳା ଟି-୨୦ ବିଶ୍ୱକପ୍ ୨୦୨୬ ପୂର୍ବରୁ ଭାରତୀୟ ଦଳ ଏବଂ ଇଂଲଣ୍ଡ ମଧ୍ୟରେ ତିନି ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ଖେଳାଯାଉଛି। ପ୍ରଥମ ମ୍ୟାଚ୍ ଭାରତ ୩୮ ରନରେ ଜିତିଛି। ପ୍ରଥମେ ବ୍ୟାଟିଂ କରି ଭାରତୀୟ ଦଳ ନିର୍ଦ୍ଧାରିତ ୨୦ ଓଭରରେ ୭ ଉ୍ୱିକେଟ୍ ହରାଇ ୧୮୮ ରନ୍ କରିଥିଲା। ଜବାବରେ, ଇଂଲଣ୍ଡ ଦଳ ୨୦ ଓଭରରେ ୮ ଉ୍ୱିକେଟ୍ ହରାଇ କେବଳ ୧୫୦ ରନ୍ କରିପାରିଥିଲା। ଏହିପରି ଭାବରେ ଭାରତ ପ୍ରଥମ ମ୍ୟାଚ୍ ଜିତିଥିଲା। ସିରିଜର ଦ୍ୱିତୀୟ ମ୍ୟାଚ୍ ମେ' ୩୦ ଏବଂ ତୃତୀୟ ମ୍ୟାଚ୍ ଜୁନ୍ ୨ରେ ଖେଳାଯିବ। ଏହା ପରେ, ଭାରତୀୟ ଦଳ ଆଇସିସି ଟି-୨୦ ବିଶ୍ୱକପ୍ ପାଇଁ ମୈଦାନକୁ ଓହ୍ଲାଇବ, ଯେଉଁଠାରେ ପ୍ରଥମ ମ୍ୟାଚ୍ ପାକିସ୍ତାନ ବିପକ୍ଷରେ ଖେଳାଯିବ।

ଏମି ଜୋନ୍ସଙ୍କୁ ଛାଡ଼ିଦେଲେ, ଇଂଲଣ୍ଡର ଅନ୍ୟ କୌଣସି ବ୍ୟାଟର ରନ୍ କରିପାରି ନଥିଲେ। ଜୋନ୍ସ ୪୮ ବଲ୍‌ରୁ ୬୭ ରନ୍ କରିଥିଲେ, କିନ୍ତୁ ତାଙ୍କୁ ଅନ୍ୟ କୌଣସି ବ୍ୟାଟର ସଫଳ ହୋଇନଥିଲେ। ଭାରତ ପକ୍ଷରୁ ନନ୍ଦିନୀ ଶର୍ମା ୩ଟି ଉ୍ୱିକେଟ୍ ନେଇଥିଲେ, ଯେତେବେଳେ କ୍ରାନ୍ତି ଗୌଡ଼ ୨ଟି ଉ୍ୱିକେଟ୍ ନେଇଥିଲେ। ଶ୍ରୀଚରଣୀ ଏବଂ ଦୀପ୍ତି ଶର୍ମା ମଧ୍ୟ ଗୋଟିଏ ଲେଖାଏଁ ଉ୍ୱିକେଟ୍ ନେଇଥିଲେ। ଭାରତ ଦ୍ୱିତୀୟ ମ୍ୟାଚ୍ ଜିତି ସିରିଜ୍ କବ୍‌ଜା କରିବାକୁ ଚେଷ୍ଟା

# ଅଧିନାୟକ ପଦ ହରାଇବେ ହାର୍ଦ୍ଦିକ ପାଣ୍ଡ୍ୟା

**ନୂଆଦିଲ୍ଲୀ**

ଚଳିତ ସିଜିନରେ ଅନେକ ଦଳର ପ୍ରଦର୍ଶନ ନିରାଶାଜନକ ରହିଛି ଯାହା ଅଧିନାୟକଙ୍କ ଉପରେ ପ୍ରଭାବ ପକାଇପାରେ। ଆସନ୍ତା ସିଜିନରେ ହୁଏତ ଅନେକ ଦଳର ଅଧିନାୟକ ବଦଳିପାରନ୍ତି। ଏହି ସିଜିନରେ ମୁମ୍ବାଇ ଇଣ୍ଡିଆନ୍ସ ସହିତ ଏହା ଆରମ୍ଭ ହୋଇଛି। ଜାତୀୟ ଗଣମାଧ୍ୟମ ଅନୁସାରେ ମୁମ୍ବାଇର ଖରାପ ପ୍ରଦର୍ଶନ ପାଇଁ ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ଅଧିକନାୟକ ପଦରୁ ହଟାଇ ଦିଆଯାଇପାରେ। ଅନେକ ସୂତ୍ର ଦ୍ୱାରା ନିଶ୍ଚିତ କରାଯାଇଛି। ଆଇପିଏଲ ୨୦୨୬ରେ ୧୪ ମ୍ୟାଚ୍‌ରୁ କେବଳ ୪ଟି ଜିତି ଦଳ ପଏଣ୍ଟ ଟେବୁଲ ୯ମ ସ୍ଥାନରେ ରହିଥିଲା। ହାର୍ଦ୍ଦିକଙ୍କ ସ୍ଥାନରେ କାହାକୁ ନେତୃତ୍ୱ ଦିଆଯିବ ତାହା ଉପରେ ସମସ୍ତଙ୍କ ନଜର ରହିଛି।

ରିପୋର୍ଟ ଅନୁଯାୟୀ, ଏମଆଇ ଭିତରେ ଅତି କମ୍‌ରେ ୩ ଜଣ ଜାଣିବାକୁ ପାଇଛନ୍ତି ଯେ ହାର୍ଦ୍ଦିକ ଅଧିନାୟକ ପଦ ହରାଇ ପାରନ୍ତି। ଦଳରେ ତାଙ୍କର ସ୍ଥାନ ମଧ୍ୟ ଆଲୋଚନାରେ ରହିପାରେ। ସିଜନରେ ଅନେକ ସୂଚନା ମିଳିଥିଲା ଯେ ଦଳ ପରିଚାଳନା ତାଙ୍କୁ ଅଧିନାୟକ ଭାବରେ ବଜାୟ ରଖିବାକୁ ଆଗ୍ରହୀ ନଥିଲା। ଶିବିରରେ ଏକ ସ୍ୱଷ୍ଟ ଚର୍ଚ୍ଚା ଚାଲିଥିବା ସୂତ୍ରରୁ ସୂଚନା ମିଳିଛି। ଏହାର ପ୍ରଥମ କାରଣ ହେଉଛି ରାଜସ୍ଥାନ ରୟାଲ୍ସ ବିପକ୍ଷରେ ଏମଆଇ ଶେଷ ଲିଗ୍ ମ୍ୟାଚ୍ ପରେ ପ୍ରଶିକ୍ଷକ କର୍ମଚାରୀମାନେ ଦଳ ସହିତ କରିଥିଲା ଆଲୋଚନା। ପ୍ରଶିକ୍ଷକ ଦଳ ବରିଷ୍ଠ ଖେଳାଳିମାନଙ୍କୁ ସ୍ୱଷ୍ଟ ଭାବରେ କହିଥିଲେ ଯେ, ସେମାନେ କୌଣସି ସ୍ଥାନରେ ଖେଳନ୍ତୁ ନା କାହିଁକି ସେମାନଙ୍କୁ ପ୍ରଶିକ୍ଷଣ ପାଇଁ ପ୍ରସ୍ତୁତ ରହିବା ଉଚିତ୍। ଏପରି ଅନେକ ଉଦାହରଣ ଥିଲା ଯେଉଁଠାରେ ପ୍ରଶିକ୍ଷକ ଦଳ ତଥ୍ୟ ଆଧାରରେ କିଛି ସୁପାରିସ କରିଥିଲେ କିନ୍ତୁ, ଖେଳାଳିମାନେ ତାହା ପାଳନ କରିନଥିଲେ ବୋଲି ସୂତ୍ର କହିଛି। ପୂର୍ବତନ ଏମଆଇ ଖେଳାଳିଙ୍କ ମତରେ, ଆଗାମୀ ଦିନଗୁଡ଼ିକରେ ଗମ୍ଭୀର ବିଚାର ବିମର୍ଶ ଏବଂ ଆଲୋଚନା ଦ୍ୱାରା ଚିହ୍ନିତ ହେବ। ପ୍ରତ୍ୟେକ ବିକଳ୍ପ ଉପରେ ବିଚାର କରାଯିବ।

## ପଞ୍ଜାବରେ ଚମକିଲେ ଝାରସୁଗୁଡ଼ାର ବିଦ୍ୟୁତ

# ଜାତୀୟ ଟାଇକୋଣ୍ଡୋରେ ସ୍ୱର୍ଣ୍ଣ ଜିତି ରାଜ୍ୟ ପାଇଁ ଆଣିଲେ ଗୌରବ

**ଝାରସୁଗୁଡ଼ା, ନ୍ୟୁଜ୍‌ବ୍ୟୁରୋ**

ଝାରସୁଗୁଡା ଜିଲ୍ଲାର ଯୁବ ଟାଇକୋଣ୍ଡୋ ଖେଳାଳି ବିଦ୍ୟୁତ ବେହେରା ଜାତୀୟ ସ୍ତରରେ ସ୍ୱର୍ଣ୍ଣ ପଦକ ଜିତି ଜିଲ୍ଲା ସହ ସମଗ୍ର ଓଡ଼ିଶା ପାଇଁ ଗୌରବ ଆଣିଛନ୍ତି। ପଞ୍ଜାବରେ ଗତ ୨୨ ରୁ ୨୪ ମଇ ପର୍ଯ୍ୟନ୍ତ ଆୟୋଜିତ ନବମ ଜାତୀୟ ଟାଇକୋଣ୍ଡୋ ପ୍ରତିଯୋଗିତାରେ ଓଡ଼ିଶା ଦଳ ପକ୍ଷରୁ ଅଂଶଗ୍ରହଣ କରିଥିବା ବିଦ୍ୟୁତ ବେହେରା କ୍ୟୋରୁଗି ଜୁନିୟର ୫୪ କିଲୋଗ୍ରାମ ବର୍ଗରେ ଅସାଧାରଣ ପ୍ରଦର୍ଶନ କରି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ପଞ୍ଜାବରୁ ଫେରିବା ପରେ ବିଦ୍ୟୁତ ନିଜ ପ୍ରଶିକ୍ଷକଙ୍କ ସହ ଝାରସୁଗୁଡ଼ା ରେଳ ଷ୍ଟେସନରେ ପହଞ୍ଚିଥିଲେ। ସେଠାରେ କ୍ରୀଡ଼ାପ୍ରେମୀ, ସ୍ଥାନୀୟ ଅଞ୍ଚଳବାସୀ ଓ ଏକାଡେମୀ ପକ୍ଷରୁ ତାଙ୍କୁ ଭବ୍ୟ ସ୍ୱାଗତ ଓ ସମ୍ବର୍ଦ୍ଧନା ଦିଆଯାଇଥିଲା। ବିଦ୍ୟୁତଙ୍କ ଏହି ସଫଳତାକୁ ନେଇ କ୍ରୀଡ଼ା ମହଲରେ ଖୁସିର ଲହରୀ ଖେଳିଯାଇଛି। ବିଦ୍ୟୁତଙ୍କ ଏହି ଜୟର ପଛରେ ତାଙ୍କର କଠିନ ପରିଶ୍ରମ, ନିୟମିତ ଅଭ୍ୟାସ ଓ ଦୃଢ଼ ମନୋବଳ ରହିଥିବା କୁହାଯାଉଛି। ଏହି ସଫଳତା ପଛରେ ପ୍ରଶିକ୍ଷକ ମନୀଷ ମହାନ୍ତି ଅବଦାନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା ବୋଲି ବିଦ୍ୟୁତ୍ କହିଛନ୍ତି। ତାଙ୍କର ସଠିକ୍ ପ୍ରଶିକ୍ଷଣ ଓ ନିର୍ଦ୍ଦେଶନାରେ ବିଦ୍ୟୁତ ଏହି ସଫଳତା ହାସଲ କରିପାରିଥିବା କଥା ଏକାଡେମୀ ପକ୍ଷରୁ କୁହାଯାଇଛି। ବିଦ୍ୟୁତ ବେହେରାଙ୍କ ଏହି ଉପଲବ୍ଧି ପାଇଁ ବିଭିନ୍ନ କ୍ରୀଡା ସଂଗଠନ, ଶିକ୍ଷକ, ଅଭିଭାବକ ଓ ସ୍ଥାନୀୟ ଅଞ୍ଚଳବାସୀଙ୍କ ପକ୍ଷରୁ ଅଭିନନ୍ଦନର ସୁଅ ଛୁଟିଛି। ସ୍ୱର୍ଣ୍ଣ ପଦକ ବିଜେତା ବିଦ୍ୟୁତ୍‌ଙ୍କ ପିତା ନିର୍ମଳ ସାହୁ ଓ ମାତା ବିଜୟା ସାହୁ ଅଟନ୍ତି ଓ ତାଙ୍କ ଘର ବ୍ରଜରାଜନଗର ନୂଆଁଡ଼ିହି ଗ୍ରାମରେ ଅଟେ। ବିଦ୍ୟୁତ୍ କୋଲାବିରାରେ ରହି ମାମୁଁ ଘରେ ରହି ଅଜା ତେଜରାଜ ସାହୁଙ୍କ ତତ୍ତ୍ୱାବଧାନରେ ପାଠ ପଢୁଛନ୍ତି।

## ୧୮ ବର୍ଷରୁ କମ୍ ମହିଳା ହକି ଦଳରେ ସୁନ୍ଦରଗଡ଼ ଜିଲ୍ଲାର ୪ ଖେଳାଳି

**ରାଉରକେଲା**

ଜାପାନରେ ଆୟୋଜିତ ହେବାକୁ ଥିବା ୧୮ ବର୍ଷରୁ କମ୍ ମହିଳା ଏସିଆ କପ୍ ପାଇଁ ୧୮ ଜଣିଆ ଭାରତୀୟ ଦଳରେ ଓଡ଼ିଶାର ସୁନ୍ଦରଗଡ଼ ଜିଲ୍ଲାର ଚାରିଜଣ ପ୍ରତିଭାବାନ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଉଛନ୍ତି ସ୍ୱିଟି କୁଜୁର, ପ୍ରିୟଙ୍କା ମିଞ୍ଜ, ରୁବିନା ବାଖଲା ଓ କିରଣ ଏକ୍କା। ଫରୱାର୍ଡ୍ ଖେଳାଳି ସ୍ୱିଟିଙ୍କ ଅସାଧାରଣ ନେତୃତ୍ୱ ଗୁଣ ପାଇଁ ଦଳର ଅଧିନାୟିକା ଦାୟିତ୍ୱ ମିଳିଛି। ପ୍ରିୟଙ୍କା ଆକ୍ରମଣ ଭାଗ ସମ୍ଭାଳିବାକୁ ଥିବାବେଳେ ରକ୍ଷଣଭାଗକୁ ମଜଭୁତ କରିବେ ରୁବିନା ଓ କିରଣ। ସ୍ୱିଟି ରାଉରକେଲା କ୍ରୀଡ଼ା ଛାତ୍ରାବାସରୁ ପ୍ରଶିକ୍ଷଣ ନେଉଥିବାବେଳେ ଅନ୍ୟ ତିନି ଜଣ ସୁନ୍ଦରଗଡ଼ ରାଜ୍ୟ କ୍ରୀଡ଼ା ହଷ୍ଟେଲରେ ପ୍ରଶିକ୍ଷଣ ନେଇଛନ୍ତି।

## ଖେଳାଳିଙ୍କ ପାଇଁ ନୂଆ ନିର୍ଦ୍ଦେଶ ଜାରି କଲା ବିସିସିଆଇ

# ନିଷିଦ୍ଧ ଅଞ୍ଚଳରେ ସ୍ମାର୍ଟ ଚଷମା ପିନ୍ଧିବା ଉପରେ ଲଗାଇଲା ପ୍ରତିବନ୍ଧକ

**ନୂଆଦିଲ୍ଲୀ**

ଇଣ୍ଡିଆନ୍ ପ୍ରିମିୟର ଲିଗ୍‌ରେ ଅତ୍ୟାଧୁନିକ ଯୋଗାଯୋଗ ଉପକରଣର ବର୍ଦ୍ଧିତ ବ୍ୟବହାର ମଧ୍ୟରେ, ଖେଳାଳି ଏବଂ ସହାୟକ କର୍ମଚାରୀଙ୍କ ପାଇଁ ଏକ ନୂତନ ପରାମର୍ଶ ଜାରି କରାଯାଇଛି। ସ୍ମାର୍ଟ ଚଷମା, ସନଗ୍ଲାସ୍ ଏବଂ ଚଷମା ବ୍ୟବହାର ସମ୍ପର୍କରେ କଡ଼ା ନିର୍ଦ୍ଦେଶ ଜାରି କରାଯାଇଛି। ଦୁର୍ନୀତି ନିବାରଣ ଏବଂ ସୁରକ୍ଷା ୟୁନିଟ୍ (ଏସିଏସୟୁ) ବିସିସିଆଇ ସହିତ ନିର୍ଦ୍ଦିଷ୍ଟ ସୂଚନା ସେୟାର କରିଛି। କିଛି କମ୍ପାନୀ ଟି୨୦ ଲିଗ୍‌ରେ ଅଂଶଗ୍ରହଣ କରୁଥିବା ଖେଳାଳି ଏବଂ ଦଳର ଅଧିକାରୀମାନଙ୍କୁ ସ୍ୱତନ୍ତ୍ର ଉପକରଣ ବିକ୍ରୟ କରିବାକୁ ଚେଷ୍ଟା କରୁଛନ୍ତି।

ରିପୋର୍ଟ ଅନୁଯାୟୀ, ଏସିଏସୟୁ ବିସିସିଆଇକୁ ଜଣାଇଛି ଯେ ଏହି ସ୍ମାର୍ଟ ଚଷମା ଉତ୍ପାଦଗୁଡ଼ିକ ଲାଇଭ୍ ଷ୍ଟ୍ରିମିଂ ଏବଂ ଟେକ୍ସଟ୍ ମେସେଜ୍ ପଠାଇବାରେ ସକ୍ଷମ। ଏଗୁଡ଼ିକ ୱାଇ-ଫାଇ କିମ୍ବା ମୋବାଇଲ୍ ଡାଟା ମାଧ୍ୟମରେ ଅଡିଓ-ଭିଡିଓ କଲ୍ ମଧ୍ୟ କରିପାରିବ। ଏହା ଚିନ୍ତା ସୃଷ୍ଟି କରିଛି ଯେ ଲାଇଭ୍ ମ୍ୟାଚ୍ ସମୟରେ ଏହି ଡିଭାଇସ୍‌ଗୁଡ଼ିକର ଅପବ୍ୟବହାର ହୋଇପାରେ। ଚଳିତ ମାସ ଆରମ୍ଭରେ ବିସିସିଆଇ ଆଠ ପୃଷ୍ଠା ବିଶିଷ୍ଟ ନିର୍ଦ୍ଦେଶାବଳୀ ଜାରି କରିବା ପରେ ଲିଗ୍ ଉପରେ ଯାଞ୍ଚ ଆହୁରି ତୀବ୍ର ହୋଇଛି। ଏହି ନିର୍ଦ୍ଦେଶାବଳୀରେ ଖେଳାଳି, ଦଳ ମାଲିକ ଏବଂ ଅଧିକାରୀମାନଙ୍କ ଦ୍ୱାରା ହୋଇଥିବା ଗମ୍ଭୀର ପ୍ରୋଟୋକଲ୍ ଉଲ୍ଲଂଘନକୁ ଉଜ୍ଜ୍ୱଳ କରାଯାଇଥିଲା। ୧୦ଟି ଫ୍ରାଞ୍ଚାଇଜକୁ ପଠାଯାଇଥିବା ଏକ ଇମେଲରେ ବିସିସିଆଇ ସଚିବ ଦେବଜିତ ସାଇକିଆ ଲେଖିଛନ୍ତି, "ଏହା ବିସିସିଆଇର ଦୃଷ୍ଟିକୁ ଆସିଛି ଯେ ଚଳିତ ଆଇପିଏଲ୍ ସିଜିନ୍‌ରେ ଖେଳାଳି, ସହାୟକ କର୍ମଚାରୀ ଏବଂ ଦଳର ଅଧିକାରୀମାନଙ୍କ ମଧ୍ୟରେ ଅନୁପଯୁକ୍ତ ଆଚରଣ ଏବଂ ପ୍ରୋଟୋକଲ୍ ଉଲ୍ଲଂଘନର କିଛି ଘଟଣା ଘଟିଛି।"

ସେ ଆହୁରି ମଧ୍ୟ କହିଛନ୍ତି, "ଯଦି ଏହି ଘଟଣାଗୁଡ଼ିକୁ ଅଣଦେଖା କରାଯାଏ, ତେବେ ଏହା ଟୁର୍ଣ୍ଣାମେଣ୍ଟ, ସମ୍ପୃକ୍ତ ଫ୍ରାଞ୍ଚାଇଜ୍ ଏବଂ ବିସିସିଆଇର ପ୍ରତିଷ୍ଠାକୁ ଗୁରୁତର କ୍ଷତି ପହଞ୍ଚାଇପାରେ। ଏହା ବ୍ୟତୀତ, ଏହା ବ୍ୟକ୍ତିବିଶେଷ ଏବଂ ଫ୍ରାଞ୍ଚାଇଜ୍‌ଗୁଡ଼ିକୁ ଆଇନଗତ ଏବଂ ସୁରକ୍ଷା ସମ୍ବନ୍ଧୀୟ ବିପଦରେ ପକାଇପାରେ।"

ପୂର୍ବରୁ ୨୦୨୬ ଆଇପିଏଲ୍ ସିଜିନ୍‌ରେ, ରାଜସ୍ଥାନ ରୟାଲ୍ସର ଜଣେ ପରିଚାଳକ ପୂର୍ବରୁ ଏକ ବିବାଦ ସୃଷ୍ଟି କରିଥିଲେ। ଏକ ଲାଇଭ୍ ମ୍ୟାଚ୍ ସମୟରେ ଦଳର ଡଗ୍ ଆଉଟରେ ଓପନିଂ ବ୍ୟାଟ୍ସମ୍ୟାନ୍ ବୈଭବ ସୂର୍ଯ୍ୟବଂଶୀଙ୍କ ପାଖରେ ବସି ମୋବାଇଲ୍ ଫୋନ୍ ବ୍ୟବହାର କରୁଥିବାର ତାଙ୍କୁ ଦେଖାଯାଇଥିଲା। ଏହି ଘଟଣା ଏକ ବଡ଼ ହଇଚଇ ସୃଷ୍ଟି କରିଥିଲା, ଯାହା ଫଳରେ ବୋର୍ଡ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା।

# ବିଜେଡ଼ିର ନାରୀ ଅଧିକାର ଅଭିଯାନ

**ବରଗଡ଼, ନ୍ୟୁଜ୍‌ବ୍ୟୁରୋ**

ବରଗଡ଼ ଜିଲ୍ଲା ଅତାବିରା, ପଦ୍ମପୁର ନିର୍ବାଚନ ମଣ୍ଡଳୀ ପରେ ଶୁକ୍ରବାର ବରଗଡ଼ ନିର୍ବାଚନ ମଣ୍ଡଳୀରେ ନାରୀ ଅଧିକାର ଅଭିଯାନରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଉପରେ ବର୍ଷିଛି ବିଜେଡି। ବରଗଡ଼ର ପୂର୍ବତନ ବିଧାୟକ ଦେବେଶ ଆଚାର୍ଯ୍ୟଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମରେ ବିଜେଡି ଦଳର ବରିଷ୍ଠ ନେତା ତଥା ରେଢ଼ାଖୋଲ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ, ବିଜେଡି ରାଜ୍ୟ ମହିଳା ସଭାନେତ୍ରୀ ସ୍ନେହାଙ୍ଗିନି ଛୁରିଆ, ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା ଓ ବିଜେପୁର ପୂର୍ବତନ ବିଧାୟିକା ରୀତା ସାହୁ ପ୍ରମୁଖ ଯୋଗ ଦେଇ ନାରୀ ଅଧିକାର ଅଭିଯାନ ଉପରେ ମହିଳାମାନଙ୍କୁ ସଚେତନ କରି ସରକାରଙ୍କୁ ଟାର୍ଗେଟ କରିଥିଲେ। ବରଗଡ଼ ସହର ଅଗ୍ରଗାମୀ ଯୁବକ ସଂଘ କାର୍ଯ୍ୟାଳୟକୁ ବିଜେଡି ଦଳ



ପକ୍ଷରୁ ଶହଶହ ମହିଳା ହାତରେ ପ୍ଲାକାର୍ଡ଼ ଧରି ନାରାବାଜି ଦେଇ ଏକ ବିଶାଳ ଶୋଭାଯାତ୍ରା ବାହାରି ଜିଲ୍ଲାପାଳ ଅଫିସରେ ପହଞ୍ଚିଥିଲା। ସେଠାରେ ବରଗଡ଼ ଏଡିଏମ୍ ମଧୁଛନ୍ଦା ସାହୁଙ୍କୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ବିଜୁ ଜନତା ଦଳ ପକ୍ଷରୁ ଏକ ଦାବି ପତ୍ର ପ୍ରଦାନ କରଯାଇଥିଲା। ପାର୍ଲାମେଣ୍ଟରେ ସର୍ବସମ୍ମତି କ୍ରମେ ଗୃହିତ ହୋଇଥିବା ମହିଳା ସଂରକ୍ଷଣ ଅଧିନିୟମର ତ୍ୱରିତ କାର୍ଯ୍ୟାନୁଷ୍ଠାନ ଓ ମହିଳାମାନଙ୍କ ପ୍ରତି ବଢ଼ିଚାଲିଥିବା ନିର୍ଯ୍ୟାତନାକୁ ବନ୍ଦ କରିବାକୁ ଦାବି କରିଛି ବିଜୁ ଜନତା ଦଳ। ୨୦୨୩ ମସିହାରେ ପାର୍ଲାମେଣ୍ଟରେ ଗୃହିତ ହୋଇ ଆଇନରେ ପରିଣତ ହୋଇଥିବା ମହିଳା ସଂରକ୍ଷଣ ବିଲ୍‌କୁ ତୁରନ୍ତ ଲାଗୁ କରାଯାଉ। ୩୩ ପ୍ରତିଶତ ଲୋକସଭା ଓ ବିଧାନସଭାରେ ମହିଳା ସଂରକ୍ଷଣ ଲାଗୁ କରାଯିବା ଏବଂ ବିଗତ ଦୁଇ ବର୍ଷ ଯେଭଳି ନାରୀ ନିର୍ଯ୍ୟାତନା ବୃଦ୍ଧି ପାଉଛି ତାକୁ ରୋକିବା ସହ ଦୃଷ୍ଟାନ୍ତମୂଳକ ପଦକ୍ଷେପ ନେବାକୁ ଦାବି କରିଛି ବିଜେଡି।

# ସୁନ୍ଦରଗଡ଼ ଜିଲ୍ଲାରେ ଆରମ୍ଭ ହେଲା ଏସଆଇଆର ପ୍ରକ୍ରିୟା

**ରାଉରକେଲା, ନ୍ୟୁଜ୍‌ବ୍ୟୁରୋ**

ଗତ ୨୯ ତାରିଖରେ ଭୋଟର ତାଲିକାକୁ ସମ୍ପୂର୍ଣ୍ଣ ସଠିକ୍ ଏବଂ ତ୍ରୁଟିଶୂନ୍ୟ କରିବା ସହ ସମସ୍ତ ଯୋଗ୍ୟ ଭୋଟରଙ୍କୁ ତାଲିକାଭୁକ୍ତ କରିବା ଉଦ୍ଦେଶ୍ୟରେ ସାରା ଓଡ଼ିଶାରେ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର) ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ଆଜି ସୁନ୍ଦରଗଡ଼ ଜିଲ୍ଲାପାଳ ଡା. ଶୁଭଙ୍କର ମହାପାତ୍ର ରାଉରକେଲା ମହାନଗର ନିଗମ କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ସମଗ୍ର କାର୍ଯ୍ୟକ୍ରମର ସୂଚନା ପ୍ରଦାନ କରିଥିଲେ।

ଜିଲ୍ଲାପାଳ କହିଥିଲେ ଯେ, ଏହି କାର୍ଯ୍ୟକ୍ରମ ଅଧୀନରେ ଜିଲ୍ଲାର ସମସ୍ତ ବୁଥ ସ୍ତରୀୟ ଅଧିକାରୀ (ବିଏଲଓ) ଏବଂ ବିଏଲଓ ସୁପରଭାଇଜରମାନଙ୍କ ପ୍ରଶିକ୍ଷଣ ଶିବିର ଆୟୋଜିତ ହୋଇସାରିଛି। ସେହିଭଳି ପରିଗଣନା ଫର୍ମ ଛପା ହୋଇ ବିଭିନ୍ନ ବ୍ଲକ



ପଏଣ୍ଟରେ ଉପଲବ୍ଧ କରାଯାଇଛି। ଆସନ୍ତା ୩୦ ମଇ ଠାରୁ ୨୮ ଜୁନ୍ ପର୍ଯ୍ୟନ୍ତ ଜିଲ୍ଲାର ସମସ୍ତ ବିଏଲଓ ଘରେ ଘରେ ପହଞ୍ଚି ଭୋଟରମାନଙ୍କୁ ପରିଗଣନା ଫର୍ମ ପ୍ରଦାନ କରିବେ ଏବଂ ଫର୍ମ ପୂରଣ କରିବାରେ ସହଯୋଗ କରିବେ। ପୂରଣ ହୋଇଥିବା ଫର୍ମ ସଂଗ୍ରହ ପରେ ସେମାନେ ଭୋଟରମାନଙ୍କୁ ସ୍ୱୀକୃତିପତ୍ର ପ୍ରଦାନ କରିବେ।

ସେ କହିଥିଲେ ଯେ, ୫ ଜୁଲାଇ ୨୦୨୬ ରେ ଖସଡ଼ା ଭୋଟର ତାଲିକା ପ୍ରକାଶ ପାଇବ। ଏହାପରେ ୫ ଜୁଲାଇରୁ ୪ ଅଗଷ୍ଟ ୨୦୨୬ ପର୍ଯ୍ୟନ୍ତ ଦାବି ଓ ଆପତ୍ତି ଦାଖଲ କରାଯିବ। ଏହି ଦାବି ଓ ଆପତ୍ତି ଉପରେ ୫ ଜୁଲାଇରୁ ୨ ସେପ୍ଟେମ୍ବର ୨୦୨୬ ମଧ୍ୟରେ ଶୁଣାଣି ଓ ନିଷ୍ପତ୍ତି ଗ୍ରହଣ କରାଯିବ। ପରେ ୬ ସେପ୍ଟେମ୍ବର ୨୦୨୬ରେ ଅନ୍ତିମ ଭୋଟର ତାଲିକା ପ୍ରକାଶ କରାଯିବ। ଚୂଡ଼ାନ୍ତ ତାଲିକା ପ୍ରକାଶ ପରେ ଯଦି କୌଣସି ବ୍ୟକ୍ତିଙ୍କର ଆପତ୍ତି କିମ୍ବା ଅଭିଯୋଗ ରହିଥାଏ, ତେବେ ସେମାନେ ଆରପି ଆକ୍ଟ ୧୯୫୦ର ସେକ୍ସନ ୨୪(ଏ) ଅନୁସାରେ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳଙ୍କ ନିକଟରେ ଆବେଦନ କରିପାରିବେ। ଏହାପରେ ମଧ୍ୟ ଯଦି ଅଭିଯୋଗ ରହିଥାଏ, ତେବେ ସେକ୍ସନ ୨୪(ବି) ଅନୁସାରେ ୩୦ ଦିନ ମଧ୍ୟରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଆବେଦନ କରିପାରିବେ। ଏହି ପ୍ରକ୍ରିୟା ସମ୍ପର୍କରେ ଅଧିକ ସୂଚନା ପାଇଁ ଟୋଲ ଫ୍ରି ନମ୍ବର ୧୯୫୦କୁ ଯୋଗାଯୋଗ କରିବା ସହ ଭୋଟର୍ସ.ଇସିଆଇ.ଗୋଭ୍.ଇନ୍ ୱେବସାଇଟ୍ ଏବଂ ଇସିନେଟ୍ ଆପ୍ ବ୍ୟବହାର କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ।

ଜିଲ୍ଲାପାଳ ଡା. ଶୁଭଙ୍କର ମହାପାତ୍ର ସୁନ୍ଦରଗଡ଼ ଜିଲ୍ଲାର ସମସ୍ତ ଜନସାଧାରଣ, ମହିଳା ଏବଂ ସଚେତନ ଯୁବବର୍ଗଙ୍କୁ ବିଏଲଓମାନଙ୍କୁ ସହଯୋଗ କରିବାକୁ ଅନୁରୋଧ କରିଥିଲେ। ପରିବାରର କୌଣସି ବି ଯୋଗ୍ୟ ସଦସ୍ୟ, ବିଶେଷକରି ୧୮ ବର୍ଷ ବୟସ ପୂରଣ କରିବାକୁ ଯାଉଥିବା ନୂତନ ଭୋଟରମାନଙ୍କ ନାମ ଭୋଟର ତାଲିକାରେ ସମ୍ମିଳିତ କରିବାକୁ ସେ ସମସ୍ତଙ୍କୁ ସଚେତନ ରହିବାକୁ କହିଥିଲେ। ସେହିପରି ସମସ୍ତ ରାଜନୈତିକ ଦଳମାନଙ୍କୁ ନିଜ ନିଜ ବୁଥ୍ ସ୍ତରୀୟ ଏଜେଣ୍ଟ ନିଯୁକ୍ତ କରି ଏହି ପ୍ରକ୍ରିୟାରେ ସକ୍ରିୟ ସହଯୋଗ କରିବାକୁ ମଧ୍ୟ ଅନୁରୋଧ କରିଛନ୍ତି।



# ସୁନାମି ପ୍ରବଣ ଗ୍ରାମରେ ସୁନାମି ବିପର୍ଯ୍ୟୟ ପରିଚାଳନା ମକ୍‌ଡ୍ରିଲ୍

**ବାଲେଶ୍ୱର, ନ୍ୟୁଜ୍**

ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଏବଂ ଭାରତୀୟ ଜାତୀୟ ସମୁଦ୍ର ସୂଚନା ସେବା କେନ୍ଦ୍ରଙ୍କ ମିଳିତ ପ୍ରୟାସରେ ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ ବର୍ଦ୍ଧନପୁର ପଂଚାୟତର ନିଧିପଡ଼ା ଗ୍ରାମଠାରେ ଜିଲ୍ଲାସ୍ତରୀୟ, ସୁନାମି ବିପର୍ଯ୍ୟୟ ପରିଚାଳନା ମକଡ୍ରିଲ ଅନୁଷ୍ଠିତ ହୋଇଯାଇଛି । ଏଥି ସହିତ ଅନ୍ୟ ୩ ଗୋଟି ଗ୍ରାମ ଯଥା କସାଫଳ, କୁସୁମୁଳିପାହି ଏବଂ ବଗଦା ଗ୍ରାମରେ ମଧ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଯାଇଛି । ନିଧିପଡ଼ା ବାତ୍ୟା ଆଶ୍ରୟସ୍ଥଳୀରେ ଅନୁଷ୍ଠିତ ମକଡ୍ରିଲକୁ ରାଜ୍ୟ ପ୍ରକଳ୍ପ ଅଧିକାରୀ ସୁତନୁ ଠାକୁର ଉଦଘାଟନ କରିଥିଲେ। ସୁନାମି ବିପର୍ଯ୍ୟୟ ସମୟରେ ଲୋକଙ୍କୁ କିପରି ବିଭିନ୍ନ ଉପାୟରେ ଉଦ୍ଧାର କରାଯାଇପାରିବ ଏବଂ ଧନଜୀବନ କ୍ଷୟକ୍ଷତିକୁ ରୋକି ହେବ ସେଥିପ୍ରତି ଦୃଷ୍ଟି ଦେବା ଉପରେ ରାଜ୍ୟ ପ୍ରକଳ୍ପ ଅଧିକାରୀ ଶ୍ରୀ ଠାକୁର ଗୁରୁତ୍ୱାରୋପ କରିଥିଲେ। ଉକ୍ତ ମକ୍‌ଡ୍ରିଲ୍‌ରେ କମ୍ୟୁନିଟି ସ୍ତରୀୟ ସ୍ଥାନାନ୍ତରଣ ପ୍ରକ୍ରିୟା ଅନ୍ତର୍ଭୁକ୍ତ କରାଯାଇଥିଲା। ଏହି ମକ୍‌ଡ୍ରିଲରେ, ପ୍ରତ୍ୟେକ ଗ୍ରାମରୁ ଆଶା, ଅଙ୍ଗନୱାଡ଼ି କର୍ମୀ, ମତ୍ସ୍ୟ ବିଭାଗ, ଶିକ୍ଷା ବିଭାଗ, ପଶୁ ସମ୍ପଦ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ଯୋଗ ଦେଇଥିଲେ। ଉକ୍ତ ମକଡ୍ରିଲରେ ଭାରତୀୟ ସୁନାମୀ ପ୍ରାରମ୍ଭିକ ଚେତାବନୀ କେନ୍ଦ୍ର ଦ୍ୱାରା ୫ଟି ଡମି ଟେଷ୍ଟ ବୁଲେଟିନ ପ୍ରାତଃ ୮ ଘଟିକା ଠାରୁ ୧୧ ଘଟିକା ମଧ୍ୟରେ ପ୍ରସାରଣ କରାଯାଇଥିଲା। ଏହାର ଉଦ୍ଦେଶ୍ୟ ସୁନାମୀ ପ୍ରସ୍ତୁତି, ଏହାର ମୁକାବିଲା ଏବଂ ବିପର୍ଯ୍ୟୟ ପରିଚାଳନା ସମ୍ବନ୍ଧରେ ଲୋକମାନଙ୍କୁ ଅବଗତ କରାଇବା ଥିଲା। ଏହି ଅଭ୍ୟାସ ଦ୍ୱାରା ଯୋଗାଯୋଗ ବ୍ୟବସ୍ଥାକୁ ପରୀକ୍ଷା କରିବା, ନିଷ୍ପତ୍ତି ନେବା, ଉପକୂଳବର୍ତ୍ତୀ ସମ୍ପ୍ରଦାୟରେ ସତର୍କତା ପ୍ରସାରଣ ଏବଂ ସ୍ଥାନାନ୍ତରଣ ପ୍ରକ୍ରିୟା ଇତ୍ୟାଦି ଅନ୍ତର୍ଭୁକ୍ତ କରାଯାଇ ଥିଲା। ଏହାଦ୍ୱାରା କିପରି ଜରୁରୀ କାଳୀନ ପ୍ରତିକ୍ରିୟା ଯୋଜନାକୁ ସୁଦୃଢ କରିବା, ସମ୍ପ୍ରଦାୟ ସଚେତନତା ବୃଦ୍ଧି କରିବା ଏବଂ ସୁନାମୀ ପ୍ରସ୍ତୁତ କାର୍ଯ୍ୟକ୍ରମ ସୂଚକ ଗୁଡ଼ିକର କାର୍ଯ୍ୟାନ୍ୱୟନ ମୂଲ୍ୟାଙ୍କନ କରିବା ସମ୍ପର୍କରେ ଆଲୋକପାତ କରାଯାଇ ଥିଲା। ନିଧିପଡ଼ା ଓ କୁସୁମୁଳିପାହି ଗ୍ରାମ ଠାରେ ଅନୁଷ୍ଠିତ ମକଡ୍ରିଲରେ ଏନଡିଆରଏଫ, ଓଡ୍ରାଫ ବାହିନୀ, ଅଗ୍ନିଶମ ବିଭାଗର ଅଧିକାରୀ ଓ କର୍ମଚାରୀମାନଙ୍କ ସମେତ ବିଭିନ୍ନ ଅନୁଷ୍ଠାନର କର୍ମକର୍ତାମାନେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ବିପର୍ଯ୍ୟୟ ସମୟରେ ଲୋକଙ୍କୁ କିଭଳି ଉଦ୍ଧାର କରାଯାଇଥାଏ, ସେ ସମ୍ପର୍କିତ କୌଶଳ ପ୍ରଦର୍ଶିତ ହୋଇଥିଲା। ଏନଡିଆରଏଫ, ଓଡ୍ରାଫ ଓ ଅଗ୍ନିଶମ ବିଭାଗର କର୍ମଚାରୀମାନେ ବିପର୍ଯ୍ୟୟ ସମୟରେ ଉଦ୍ଧାର କାର୍ଯ୍ୟରେ ବ୍ୟବହୃତ ହେଉଥିବା ବିଭିନ୍ନ ଉପକରଣ ପ୍ରଦର୍ଶନ କରିଥିଲେ ଏବଂ ସେ ଗୁଡିକର କାର୍ଯ୍ୟକ୍ଷମତା ବାବଦରେ ଅବଗତ କରାଇଥିଲେ। ଏହି ଅବସରରେ ଓସଡାମା କାର୍ଯ୍ୟାଳୟରୁ ଆସିଥିବା ପର୍ଯ୍ୟବେକ୍ଷକ ଓ ରାଜ୍ୟ ପ୍ରକଳ୍ପ ଅଧିକାରୀ ସୁତନୁ ଠାକୁର ଉପସ୍ଥିତ ରହି ନିଜର ପ୍ରତିକ୍ରିୟା ରଖିଥିଲେ। ଜିଲ୍ଲାସ୍ତରୀୟ ମକଡ୍ରିଲ୍ କାର୍ଯ୍ୟକ୍ରମରେ ଦୁବୁଲାଗାଡ଼ି, ଭୀମପୁର ଓ କସାଫଳ ଗ୍ରାମପଞ୍ଚାୟତର ବାତ୍ୟା ଆଶ୍ରୟସ୍ଥଳୀର ସଭାପତି ତଥା ସରପଞ୍ଚ, ଓ ସମ୍ପାଦକ, ବାଲେଶ୍ୱର ସଦର ପ୍ରମୁଖ ଉପସ୍ଥିତ ଥିଲେ। ଏନଡିଆରଏଫ ଟିମ୍ କମାଣ୍ଡର, ଚିତ୍ତ ରଞ୍ଜନ ମହାନ୍ତି, ଓଡ୍ରାଫ ବାହିନୀର ମନୋରଞ୍ଜନ ବେହେରା, ଅଗ୍ନିଶମ ବିଭାଗୀୟ ଅଧିକାରୀ, କର୍ମଚାରୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ସମ୍ପର୍କର ସମ୍ପାଦକ ପ୍ରଦୀପ ଜେନା ଆନନ୍ଦ କୁମାର ବେହେରା ଉପସ୍ଥିତ ରହି ମକଡ୍ରିଲ ସଂପର୍କରେ ଜନସାଧାରଣଙ୍କୁ ସୂଚନା ଦେଇଥିଲେ। ଉକ୍ତ ମକ ଡ୍ରିଲରେ ମୋ ଭାରତ ଓ ଆପଦ ମିତ୍ର ସ୍ୱେଚ୍ଛାସେବୀ ମାନେ ସହଯୋଗ କରିଥିଲେ। ବର୍ଦ୍ଧନପୁର ପଞ୍ଚାୟତର ସରପଞ୍ଚ ଆରତୀ ମହାପାତ୍ର, ଭୀମପୁର ପଞ୍ଚାୟତର ସରପଞ୍ଚ ହରିପାଦ ଦାସ ଓ ଜିଲ୍ଲା ପ୍ରକଳ୍ପ ସଂଯୋଜକ (ଓସଡାମା) ଅବନୀକାନ୍ତ ଭୂୟାଁ ଏହି କାର୍ଯ୍ୟକ୍ରମକୁ ସଂଚାଳନ କରିଥିଲେ।



# ଓମ୍‌ଫେଡ୍‌ର ବକେୟା ଟଙ୍କା ନଦେଲେ ରଦ୍ଦ ହେବ ଲାଇସେନ୍ସ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଓମ୍ ଫେଡର ବକେୟା ଟଙ୍କା ଜମା ନକଲେ ଲାଇସେନ୍ସ ରଦ୍ଦ ହେବ। ଏପରିକି ଏଫଆଇଆର ମଧ୍ୟ ହେବ ବୋଲି ଚେତାବନୀ ଦେଇଛନ୍ତି ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ମନ୍ତ୍ରୀ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ। ସେ କହିଛନ୍ତି ଯେ ୧୦ ରୁ ୧୨ ଜଣ ଡିଲର୍ ୫ କୋଟିରୁ ଅଧିକ ଟଙ୍କା ବକେୟା ରଖିଛନ୍ତି। ୭ ଦିନ ଭିତରେ ଓମଫେଡର ବକେୟା ପଇସା ପୈଠ ନକଲେ ଲାଇସେନ୍ସ ରଦ୍ଦ କରାଯିବ।ଏହାସହ ନିର୍ଦ୍ଧାରିତ ସମୟରେ ବକେୟା ରାଶି ପୈଠ ନକଲେ ବ୍ୟକ୍ତିଗତ ଏଫଆଇଆର ମଧ୍ୟ ଦିଆଯିବ ବୋଲି ମନ୍ତ୍ରୀ କହିଛନ୍ତି।




ଭୁବନେଶ୍ୱର : ଦୈନିକ ଓଡ଼ିଆ ଖବର କାଗଜ ସକାଳସାଥୀ ପକ୍ଷରୁ ଆୟୋଜିତ ଷ୍ଟେଟ୍ ଲେଭଲ ଏଣ୍ଟରପ୍ରେନେଉର୍ସ ୱାର୍କସପ୍‌ରେ ବରିଷ୍ଠ ସମାଜସେବୀ ଡ. ପ୍ରଦୀପ କୁମାର ଦେହୁରୀଙ୍କୁ ଯୁବରତ୍ନ ସମ୍ମାନରେ ସମ୍ମାନିତ କରୁଛନ୍ତି ମୁଖ୍ୟଅତିଥି ଡ. ପ୍ରକାଶ ଶ୍ରୀଚନ୍ଦନ ଓ ଅନ୍ୟମାନେ। (ଫଟୋ : ସମ୍ବାଦ କଳିକା)

# ଅତିରିକ୍ତ ଗ୍ରୀଷ୍ମକାଳୀନ ଭିଡ଼କୁ ନିୟନ୍ତ୍ରଣ କରିବା ପାଇଁ ବିଭିନ୍ନ ଟ୍ରେନରେ ଅସ୍ଥାୟୀ ଭାବେ କୋଚ୍ ସଂଖ୍ୟାରେ ବୃଦ୍ଧି

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଯାତ୍ରୀମାନଙ୍କୁ ଅଧିକ ଆରାମ ଦାୟକ ଭ୍ରମଣ ସୁବିଧା ଯୋଗାଇଦେବା ଏବଂ ଆଗାମୀ ସପ୍ତାହରେ ବଢୁଥିବା ଯାତ୍ରୀଙ୍କ ଭିଡ଼କୁ ନିୟନ୍ତ୍ରଣ କରିବା ପାଇଁ ଭାରତୀୟ ରେଳପଥ ପକ୍ଷରୁ କେତେକ ଗୁରୁତ୍ୱପୂର୍ଣ୍ଣ ଏକ୍ସପ୍ରେସ ଟ୍ରେନରେ ଅସ୍ଥାୟୀ ଭାବେ ଅତିରିକ୍ତ କୋଚ୍ ସଂଯୋଗ କରିବାକୁ ନିଷ୍ପତ୍ତି ନିଆଯାଇଛି।



ଟ୍ରେନ ନମ୍ବର ୨୦୮୧୭ ଭୁବନେଶ୍ୱର–ନୂଆଦିଲ୍ଲୀ ତେଜସ୍ ରାଜଧାନୀ ଏକ୍ସପ୍ରେସ୍‌ରେ ୩୦ ମେ ୨୦୨୬ ତାରିଖରେ ଗୋଟିଏ ଅତିରିକ୍ତ ଏସି ୩-ଟାୟାର କୋଚ୍ ବୃଦ୍ଧି କରାଯିବ।

ସେହିପରି, ଟ୍ରେନ ନମ୍ବର ୨୦୮୧୮ ନୂଆଦିଲ୍ଲୀ–ଭୁବନେଶ୍ୱର ତେଜସ୍ ରାଜଧାନୀ ଏକ୍ସପ୍ରେସ୍ ୩୧ ମେ ୨୦୨୬ ତାରିଖରେ ଗୋଟିଏ ଅତିରିକ୍ତ ଏସି ୩-ଟାୟାର କୋଚ୍ ସହିତ ଚାଲିବ।

ଟ୍ରେନ ନମ୍ବର ୧୨୮୩୭ ହାଓଡ଼ା–ପୁରୀ ସୁପର ଫାଷ୍ଟ ଏକ୍ସପ୍ରେସ୍‌ରେ ୩୦ ମେ ରୁ ୫ ଜୁନ୍ ୨୦୨୬ ପର୍ଯ୍ୟନ୍ତ ଗୋଟିଏ ଅତିରିକ୍ତ ସ୍ଲିପର କ୍ଲାସ୍ କୋଚ୍ ବୃଦ୍ଧି କରାଯିବ।

ଟ୍ରେନ ନମ୍ବର ୧୮୦୩୯ ଶାଲିମାର–ପୁରୀ ଏକ୍ସପ୍ରେସ୍ ୩୧ ମେ ୨୦୨୬ ତାରିଖରେ ଗୋଟିଏ ଅତିରିକ୍ତ ଏସି ୩-ଟାୟାର କୋଚ୍ ସହିତ ଚାଲିବ।

ସେହିପରି, ଟ୍ରେନ ନମ୍ବର ୧୮୦୪୫ ଶାଲିମାର–ଚାର୍ଲାପଲ୍ଲୀ ଇଷ୍ଟ କୋଷ୍ଟ ଏକ୍ସପ୍ରେସ୍‌ରେ ୩୦ ଓ ୩୧ ମେ ଏବଂ ୧, ୨, ୪ ଓ ୫ ଜୁନ୍ ୨୦୨୬ ରେ ଗୋଟିଏ ଅତିରିକ୍ତ ଏସି ୩-ଟାୟାର କୋଚ୍ ବୃଦ୍ଧି କରାଯିବ। ଏହାଛଡ଼ା, ଟ୍ରେନ ନମ୍ବର ୧୮୦୬୩ ସାନ୍ତ୍ରାଗାଛି–ୟେଲହଙ୍କା ଜଙ୍କସନ ଏସି ଏକ୍ସପ୍ରେସ୍‌ରେ ୪ ଜୁନ୍ ୨୦୨୬ ତାରିଖରେ ଗୋଟିଏ ଅତିରିକ୍ତ ଏସି ୩-ଟାୟାର କୋଚ୍ ବୃଦ୍ଧି କରାଯିବ।

ଏହି ଅସ୍ଥାୟୀ କୋଚ୍ ବୃଦ୍ଧି ଫଳରେ ଗୁରୁତ୍ୱପୂର୍ଣ୍ଣ ରୁଟ୍‌ରେ ଯାତ୍ରା କରୁଥିବା ଯାତ୍ରୀମାନଙ୍କୁ ଅଧିକ ବର୍ଥ ଉପଲବ୍ଧ ହେବ ଏବଂ ଏହି ସମୟ ମଧ୍ୟରେ ବଢୁଥିବା ଯାତ୍ରା ଚାହିଦାକୁ ପୂରଣ କରିବାରେ ସହାୟକ ହେବ।

# ଉତ୍କଳ ଆଲୁମିନା ପକ୍ଷରୁ ପ୍ରକଳ୍ପ 'ଗ୍ରାମ୍ୟ ଶକ୍ତି' ଶୁଭାରମ୍ଭ

**ଟିକିରୀ, ନ୍ୟୁଜ୍‌ବ୍ୟୁରୋ**

ରାୟଗଡ଼ା ଜିଲ୍ଲା ଟିକିରୀ ଅନ୍ତର୍ଗତ ଦୋରାଗୁଡ଼ା ସ୍ଥିତ ଉତ୍କଳ ଆଲୁମିନା, ହିଣ୍ଡାଲ୍‌କୋ ଇଣ୍ଡଷ୍ଟ୍ରିଜ୍ ଆଦିତ୍ୟ ବିର୍ଲା ଗ୍ରୁପର ସହଯୋଗୀ କମ୍ପାନୀ ଏହାର ଖଣି ସିଏସଆର ଅନ୍ତର୍ଗତ ପ୍ରମୁଖ ଗ୍ରାମୀଣ ଉନ୍ନୟନ ପଦକ୍ଷେପ ସ୍ୱରୂପ 'ପ୍ରକଳ୍ପ ଗ୍ରାମ୍ୟ ଶକ୍ତି'ର ଶୁଭାରମ୍ଭ ହୋଇଯାଇଛି। ଏଥିସହିତ ସ୍ଥାନୀୟ ଓଷାପଡ଼ା ଠାରେ ଏହି ପ୍ରକଳ୍ପ ଅନ୍ତର୍ଗତ ବିଭିନ୍ନ ହାତ ତିଆରି ସାମଗ୍ରୀ ବିକ୍ରୟ ନିମନ୍ତେ 'ମାଣ୍ଡିଆ ରାଣୀ' କେନ୍ଦ୍ରର ଆନୁଷ୍ଠାନିକ ଉଦଘାଟନ ହୋଇଯାଇଛି।




ଏହି କାର୍ଯ୍ୟକ୍ରମରେ ଉତ୍କଳ ଆଲୁମିନା ୟୁନିଟ୍ ମୁଖ୍ୟ ରବି ନାରାୟଣ ମିଶ୍ର, ଖଣି ମୁଖ୍ୟ ବିଜୟ ଚୌହାନ, ସିଏସଆର ମୁଖ୍ୟ ଲୋପାମୁଦ୍ରା ମିଶ୍ରଙ୍କ ସମେତ ସରକାରୀ ପ୍ରତିନିଧି ଜ୍ୟୋତିର୍ମୟ ଦାଶ; ଜିଡିପିଓ, ପବିତ୍ର ନାୟକ; ଏବିଇଓ ଏବଂ ସିଏସଆର ବିଭାଗ ମୁଖ୍ୟ (ଖଣି) ମନୋଜ ଦାଶ ଓ ଟିମଙ୍କ ସମେତ ପ୍ରଶାସନିକ କର୍ମଚାରୀ ଓ ସଞ୍ଜିବ ପଟ୍ଟନାୟକ; ଆସା (ଆଶା) ମଧ ଏହି ଅବସରରେ ଉପସ୍ଥିତ ଥିଲେ। ଏହି ପଦକ୍ଷେପଟି ଉତ୍କଳ ଆଲୁମିନା ସିଏସଆର ଓ ଟିଟିଲାଗଡ଼ ଭିତ୍ତିକ ଏନଜିଓ 'ଆଶା'ର ସହଯୋଗରେ କାର୍ଯ୍ୟକାରୀ କରାଯାଉଛି। ଏହି ପଦକ୍ଷେପ ଦ୍ୱାରା ଉତ୍କଳ ଆଲୁମିନା ଖଣି ପରିସର ଗ୍ରାମାଞ୍ଚଳର ମହିଳା ଉତ୍ପାଦକମାନଙ୍କୁ ସ୍ଥାୟୀ ଜୀବିକା ସୁଯୋଗ ପ୍ରଦାନ କରି ସେମାନଙ୍କୁ ଆତ୍ମନିର୍ଭରଶୀଳ ତଥା ସ୍ୱାବଲମ୍ବନ କରିବା ନିମନ୍ତେ ଗ୍ରାମୀଣ ଉନ୍ନତିକୁ ନୂତନ ଦିଗ ଦେଇଛି। ଏହା ଉତ୍କଳ ଆଲୁମିନାର ଗୋଷ୍ଠୀ କେନ୍ଦ୍ରିକ ବିକାଶ ଓ କର୍ପୋରେଟ୍ ସାମାଜିକ ଦାୟିତ୍ୱ ପ୍ରତି ଥିବା ଗଭୀର ପ୍ରତିବଦ୍ଧତାକୁ ପ୍ରତିଫଳିତ କରିବା ସହିତ ପାର୍ଶ୍ୱସ୍ଥ ଓ ପ୍ରଭାବିତ ଗ୍ରାମାଞ୍ଚଳ ଲୋକଙ୍କ ମଧ୍ୟରେ ସହଯୋଗକୁ ଆହୁରି ସୁଦୃଢ଼ କରିଛି।

ଏହି ଅବସରରେ ଆସାର ପ୍ରଦୀପ୍ତ ମଲ୍ଲିକ 'ଗ୍ରାମ୍ୟ ଶକ୍ତି' ପ୍ରକଳ୍ପର ଗୁରୁତ୍ୱ ବିଷୟରେ ମତ ପ୍ରକାଶ କରି ବାଫଲିମାଳି ବକ୍ସାଇଟ୍ ଖଣି ପରିସରର ଗ୍ରାମୀଣ ସମୁଦାୟଙ୍କ ଉନ୍ନତିରେ ଏହାର ଭୂମିକାକୁ ଉଲ୍ଲେଖ କରିଥିଲେ। ପ୍ରକଳ୍ପ ସହ ଜଡିତ ମହିଳାମାନେ ମଧ ନିଜ ଅନୁଭୂତି ବ୍ୟକ୍ତ କରି, ଏହି ପଦକ୍ଷେପ କିପରି ସେମାନଙ୍କୁ ଆର୍ଥିକ ସ୍ୱାଧୀନତା ଓ ସମ୍ମାନର ସହିତ ଜୀବନ ଯାପନରେ ସାହାଯ୍ୟ କରିଛି, ତାହା ଉପସ୍ଥାପନ କରିଥିଲେ।

ଏହି ନୂତନ ଭାବେ ଉଦ୍‌ଘାଟିତ 'ମାଣ୍ଡିଆ ରାଣୀ' ଆଉଟଲେଟ୍ ଗ୍ରାମ୍ୟ ଶକ୍ତିର ପାଞ୍ଚଟି କେନ୍ଦ୍ରରୁ ସଂଗୃହୀତ ଓ ମହିଳା ଉଦ୍ୟୋଗୀମାନଙ୍କ ଦ୍ୱାରା ପ୍ରସ୍ତୁତ ଖାଦ୍ୟ ସାମଗ୍ରୀ, ଫେନାଇଲ୍, ଆପ୍ଲିକ୍ ସାମଗ୍ରୀ, ଜୁଟ୍ ବ୍ୟାଗ୍, କାଗଜ ପ୍ଲେଟ୍, ଅଗରବତୀ, ଲେମନଗ୍ରାସ୍ ଉତ୍ପାଦ ସହ ଅନ୍ୟାନ୍ୟ ସାମଗ୍ରୀର ବିକ୍ରୟ କେନ୍ଦ୍ର ଭାବେ କାର୍ଯ୍ୟ କରିବ। ଏହି ପଦକ୍ଷେପ ଗ୍ରାମୀଣ ମହିଳାମାନଙ୍କୁ ସ୍ୱାବଲମ୍ବୀ ଜୀବନ ଯାପନ ଓ ଜୀବିକାମୂଳକ ପ୍ରକଳ୍ପ ମାଧ୍ୟମରେ ସମୁଦାୟ ସଶକ୍ତିକରଣ ପ୍ରତି ଉତ୍କଳ ଆଲୁମିନାର ପ୍ରୟାସ ସ୍ଥାନୀୟ ଅଞ୍ଚଳରେ ଭୂୟସୀ ପ୍ରଶଂସା ସାଉଁଟିଛି।

# ଏବିଭିପିର ୩ ଦିନିଆ ଜାତୀୟ କାର୍ଯ୍ୟକାରିଣୀ ପରିଷଦ ବୈଠକ
# ଭାଷାଗତ ବିବିଧତାର ସୁରକ୍ଷା ପାଇଁ ତ୍ରି-ଭାଷା ନୀତି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି)ର ଜାତୀୟ କାର୍ଯ୍ୟକାରିଣୀ ପରିଷଦ ବୈଠକର ଭୁବନେଶ୍ୱର, ଓଡ଼ିଶାରେ ଶୁଭାରମ୍ଭ ହୋଇଛି। ଜାତୀୟ ଅଧକ୍ଷ ପ୍ରୋ. ରଘୁରାଜ କିଶୋର ତିୱାରୀ, ଜାତୀୟ ମହାମନ୍ତ୍ରୀ ଡ଼. ବୀରେନ୍ଦ୍ର ସିଂହ ସୋଲଙ୍କୀ ଏବଂ ଜାତୀୟ ସଂଗଠନ ମନ୍ତ୍ରୀ ଶ୍ରୀ ଆଶୀଷ ଚୌହାନ ଦୀପ ପ୍ରଜ୍ୱଳନ କରି ବୈଠକର ଶୁଭାରମ୍ଭ କରିଥିଲେ।

ଜାତୀୟ କାର୍ଯ୍ୟକାରିଣୀ ପରିଷଦ ବୈଠକର ଉଦ୍ଘାଟନୀ ସତ୍ରକୁ ସମ୍ବୋଧିତ କରି ଏବିଭିପିର ଜାତୀୟ ମହାମନ୍ତ୍ରୀ ଡ଼. ବୀରେନ୍ଦ୍ର ସିଂହ ସୋଲଙ୍କୀ କହିଥିଲେ ଯେ, "ଭୁବନେଶ୍ୱରରେ ଆୟୋଜିତ ଜାତୀୟ କାର୍ଯ୍ୟକାରିଣୀ ପରିଷଦ ବୈଠକରେ ଶିକ୍ଷା, ବିଶ୍ୱ ପରିପ୍ରେକ୍ଷ୍ୟ, ସେବା, କ୍ରୀଡ଼ା, ପରିବେଶ, ପ୍ରଯୁକ୍ତି ସହିତ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ବିଷୟରେ ଆଲୋଚନା କରାଯିବ। ଗତକାଲି କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ ଦ୍ୱାରା ତ୍ରି-ଭାଷା ନୀତିକୁ ସମ୍ପୂର୍ଣ୍ଣ ଭାବେ ଲାଗୁ କରିବାର ସିଦ୍ଧାନ୍ତ ଭାରତୀୟ ଶିକ୍ଷାର ସ୍ୱଦେଶୀକରଣ ଏବଂ ଜାତୀୟ ଏକତାକୁ ସୁଦୃଢ଼ କରିବା ଦିଗରେ ଏକ ସକାରାତ୍ମକ ପଦକ୍ଷେପ। ଦେଶରେ ଚାକିରି ଓ ଉଚ୍ଚ ଶିକ୍ଷା ପାଇଁ ନିରନ୍ତର ବୃଦ୍ଧି ପାଉଥିବା ଆନ୍ତର୍ରାଜ୍ୟ ପ୍ରବାସକୁ ଦୃଷ୍ଟିରେ ରଖିଲେ, ଭାରତୀୟ ଭାଷାଗୁଡ଼ିକର ଜ୍ଞାନ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ପାଇଁ ଅତ୍ୟନ୍ତ ଉପଯୋଗୀ ସିଦ୍ଧ ହେବ। ସଂକ୍ରାନ୍ତିକାଳୀନ ସମୟରେ ପାଠ୍ୟପୁସ୍ତକର ଉପଲବ୍ଧତା ଏବଂ ଶିକ୍ଷକଙ୍କ ଅଭାବ ଭଳି ବ୍ୟବହାରିକ ଚ୍ୟାଲେଞ୍ଜକୁ ମୁକାବିଲା ପାଇଁ ବୋର୍ଡ ପକ୍ଷରୁ ଦିଆଯାଇଥିବା ଲଚିଳା ସମାଧାନଗୁଡ଼ିକ ସ୍ୱାଗତଯୋଗ୍ୟ। ଏବିଭିପିର ମତ ହେଉଛି, ଭାଷା ଅଧ୍ୟୟନ ସହିତ ବୋର୍ଡ ପରୀକ୍ଷାଗୁଡ଼ିକୁ ମଧ ତ୍ରି-ଭାଷା ବ୍ୟବସ୍ଥା ଅନୁଯାୟୀ ଆୟୋଜିତ କରାଯିବା ଉଚିତ, ଯାହାଦ୍ୱାରା ଏହି ନୀତିକୁ ଆହୁରି କାର୍ଯ୍ୟକାରୀ ଭାବେ ଲାଗୁ କରାଯାଇପାରିବ। ଏହି ବୈଠକରେ ଜାତୀୟ ଶିକ୍ଷା ନୀତିର କାର୍ଯ୍ୟକାରୀ କ୍ରିୟାନ୍ୱୟନ, ଭାରତୀୟ ଭାଷାଗୁଡ଼ିକର ସମ୍ବର୍ଦ୍ଧନ ଏବଂ ତ୍ରି-ଭାଷା ନୀତିର ବିଭିନ୍ନ ପରିମାଣ ଉପରେ ବିସ୍ତୃତ ଆଲୋଚନା ହେବ। ନିଶ୍ଚିତ ଭାବେ କ୍ରିୟାନ୍ୱୟନ ପରେ ଏହି ନୀତି ଭାରତୀୟ ଭାଷାଗୁଡ଼ିକର ସୁଦୃଢ଼ୀକରଣ ଏବଂ ଭାଷାଗତ ବିବିଧତାର ସୁରକ୍ଷାରେ ଏକ ମାଇଲସ୍ଟୋନ୍ ସାବ୍ୟସ୍ତ ହେବ। ଏବିଭିପି ଏହି ବିଷୟକୁ ଶିକ୍ଷା କ୍ଷେତ୍ରରେ ଗୁଣାତ୍ମକ ପରିବର୍ତ୍ତନ ଏବଂ ଜାତୀୟ ଏକାତ୍ମତାର ଏକ ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ ଭାବେ ଦେଖୁଛି। ବୈଠକରେ ଏହି ସମ୍ବନ୍ଧରେ ଆବଶ୍ୟକ ପରାମର୍ଶ ଏବଂ ଆଗାମୀ କାର୍ଯ୍ୟଯୋଜନା ଉପରେ ମଧ ଚର୍ଚ୍ଚା କରାଯିବ।"

## ଯାଜପୁରରେ ଏସଆଇଆର୍ ସମ୍ବନ୍ଧୀୟ ସାମ୍ବାଦିକ ସମ୍ମିଳନୀ

# ଏସଆଇଆର ସମ୍ବନ୍ଧୀୟ କୌଣସି ଗୁଜବକୁ ବିଶ୍ୱାସ ନକରିବା ପାଇଁ ଜିଲ୍ଲାପାଳଙ୍କ ଆହ୍ୱାନ

**ଯାଜପୁର, ନ୍ୟୁଜ୍‌ବ୍ୟୁରୋ**

ଯାଜପୁର ଜିଲ୍ଲାରେ ସ୍ୱତନ୍ତ୍ର ସଘନ ଭୋଟର ତାଲିକା ସଂଶୋଧନ ବା ଏସଆଇଆର ପ୍ରକ୍ରିୟା ଆରମ୍ଭ ହେଉଥିବା ବେଳେ ଏ ସମ୍ପର୍କରେ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ଅମ୍ବର କୁମାର କରଙ୍କ ଅଧ୍ୟକ୍ଷତାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଏଥିରେ ଜିଲ୍ଲାପାଳ ଶ୍ରୀ କର ଏସଆଇଆର୍ ସମୟ ସାରଣୀ, ପରିଗଣନା ଫର୍ମ ବଣ୍ଟନ ଓ ସଂଗ୍ରହ, ବିଏଲଓ ଏବଂ ବିଏଲଓ ସୁପରଭାଇଜରଙ୍କ ଦାୟିତ୍ୱ, ଫର୍ମ ପୂରଣ ପ୍ରକ୍ରିୟା, ଆପତ୍ତି ଦାଖଲ ଏବଂ ସମାଧାନ, ବିଏଲଓଙ୍କ ପ୍ରଶିକ୍ଷଣ, ହେଲ୍ପଲାଇନ୍ ଡେସ୍କ ଇତ୍ୟାଦି ସମ୍ବନ୍ଧରେ ବିସ୍ତୃତ ଭାବେ ଉପସ୍ଥାପନ କରିଥିଲେ। ବୈଠକରେ ଜିଲ୍ଲାରେ ମୋଟ ମତଦାତାଙ୍କ ସଂଖ୍ୟା, ନିୟୋଜିତ ବିଏଲଓଙ୍କ ସଂଖ୍ୟା, ନିର୍ବାଚନ ମଣ୍ଡଳୀ ଅନୁଯାୟୀ ନିର୍ବାଚନ ପଞ୍ଜୀକରଣ ଅଧିକାରୀଙ୍କ ସମ୍ପର୍କରେ ସୂଚନା ଦିଆଯାଇଥିଲା। ଅଯୋଗ୍ୟ ଏବଂ ଅନଧିକୃତ ବ୍ୟକ୍ତିଙ୍କୁ ହଟାଇବା ସହ ଯୋଗ୍ୟ ମତଦାତାଙ୍କ ନାମ ସମ୍ମିଳିତ କରି ଭୋଟର ତାଲିକାକୁ ସଠିକ୍, ନିର୍ଭୁଲ ଏବଂ ପାରଦର୍ଶୀ କରିବା ଦିଗରେ ଏସଆଇଆର ଏକ ଗୁରୁତ୍ୱପୂର୍ଣ୍ଣ ପ୍ରକ୍ରିୟା। ଏହାକୁ ସୁଚାରୁ ରୂପେ ସମ୍ପାଦନ କରିବା ଆମର ଏକ ପ୍ରମୁଖ ଦାୟିତ୍ୱ ଏବଂ ଜନସାଧାରଣଙ୍କୁ ଏସଆଇଆର ସମ୍ପର୍କରେ ସଚେତନ କରିବା ଦିଗରେ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଜିଲ୍ଲାପାଳ କହିଥିଲେ। ସୂଚନାଯୋଗ୍ୟ, ଜିଲ୍ଲାରେ ଏସଆଇଆର କାର୍ଯ୍ୟରେ ୧୬୩୯ ଜଣ ବିଏଲଓ ଏବଂ ୧୬୪ ଜଣ ବିଏଲଓ ସୁପରଭାଇଜର ନିୟୋଜିତ ଅଛନ୍ତି। ଚଳିତ ବର୍ଷ ମଇ ୩୦ ରୁ ଜୁନ ୨୮ ପର୍ଯ୍ୟନ୍ତ ବିଏଲଓମାନେ ଘରକୁ ଘର ପରିଦର୍ଶନ କରିବେ। ପ୍ରତ୍ୟେକ ମତଦାତାଙ୍କୁ ଦୁଇଟି ପରିଗଣନା ଫର୍ମ ପ୍ରଦାନ କରିବେ। ଏହି ଫର୍ମଗୁଡିକ ସତର୍କତାର ସହିତ ପୂରଣ କରିବାକୁ ହେବ। ଏଥିରେ ମତଦାତାଙ୍କ ବ୍ୟକ୍ତିଗତ ବିବରଣୀ, ପରିବାର ସଦସ୍ୟଙ୍କ ସୂଚନା ଏବଂ ୨୦୦୨ ମସିହାର ଭୋଟର ତାଲିକା ସମ୍ବନ୍ଧୀୟ ତଥ୍ୟ ଦେବାକୁ ପଡ଼ିବ। ନିର୍ବାଚନ ଫର୍ମ ଦୁଇଟି ପୂରଣ କରିସାରିଲା ପରେ, ଗୋଟିଏ ଫର୍ମକୁ ବିଏଲଓ ସଂଗ୍ରହ କରି ଆର ଫର୍ମଟିରେ ପ୍ରାପ୍ତିସ୍ୱୀକାର ପ୍ରଦାନ କରିବେ। ନିର୍ବାଚକମାନଙ୍କଠାରୁ ପ୍ରାପ୍ତ ପରିଗଣନା ଫର୍ମ ଆଧାରରେ ଚିଠା ଭୋଟର ତାଲିକା ପ୍ରସ୍ତୁତ କରାଯିବ। ଜନସାଧାରଣ ଏସଆଇଆର ସମ୍ବନ୍ଧୀୟ କୌଣସି ଗୁଜବ କିମ୍ବା ମିଥ୍ୟା ଖବରରେ ବିଶ୍ୱାସ ନ କରିବା ସହ ଅଧିକ ସୂଚନା ପାଇଁ ନିକଟସ୍ଥ ନିର୍ବାଚନ ପଞ୍ଜୀକରଣ ଅଧିକାରୀ କିମ୍ବା ବିଡ଼ିଓ, ତହସିଲଦାରଙ୍କ ସହ ଯୋଗାଯୋଗ କରିପାରିବେ ବୋଲି ଜିଲ୍ଲାପାଳ ସୂଚନା ପ୍ରଦାନ କରିଥିଲେ। ଏହାସହ ଟୋଲ୍ ଫ୍ରୀ ନମ୍ବର ୧୯୫୦ରେ କଲ୍ କରିପାରିବେ। ଏହି ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଶିବାନନ୍ଦ ସ୍ୱାଇଁ ଉପସ୍ଥିତ ଥିଲେ।



# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ନିଟ୍ ମାମଲାରେ...

ପେପର ଲିକ୍ ନେଟୱାର୍କରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ସୁନିଶ୍ଚିତ କରିବା ପାଇଁ ତଦନ୍ତକାରୀ ଏଜେନ୍ସିଗୁଡ଼ିକ ନିରନ୍ତର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି। ସରକାର କହିଛନ୍ତି ଯେ ଛାତ୍ର ଏବଂ ଅଭିଭାବକଙ୍କ ବିଶ୍ୱାସ ବଜାୟ ରଖିବା ଏକ ସର୍ବୋଚ୍ଚ ପ୍ରାଥମିକତା। ତେଣୁ ସମଗ୍ର ବିଷୟର ନିରନ୍ତର ସମୀକ୍ଷା କରାଯାଉଛି।

## ୫୦% ଖର୍ଚ୍ଚ ପୌରପରିଷଦ ...

କନଫରେନ୍ସିଂ ମାଧ୍ୟମରେ ଯୋଗଦେଇ ସହରାଞ୍ଚଳ ଶାସନ ଏବଂ ପ୍ରଶାସନିକ ଉତ୍ତରଦାୟିତ୍ୱ ସୁଦୃଢ଼ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସକ୍ରିୟ ସହରୀ ପରିଚାଳନା ଉପରେ ଗୁରୁତ୍ୱ ଦେଇ ମନ୍ତ୍ରୀ ବର୍ଷା ଦିନେ ଜଳବନ୍ଦୀ ସମସ୍ୟା ସୃଷ୍ଟି ନହେବା ପାଇଁ ତୁରନ୍ତ ଡ୍ରେନେଜ୍ ସଫେଇ ଏବଂ ପରିମଳ ବ୍ୟବସ୍ଥାକୁ ଜୋରଦାର କରିବାକୁ ସମସ୍ତ ୟୁଏଲ୍‌ବିକୁ ନିର୍ଦ୍ଦେଶ ଦେଇଛନ୍ତି।

ଏହାସହ, ନୂତନ ଭାବେ ଘୋଷିତ ବିଜ୍ଞପ୍ତିତ ଅଞ୍ଚଳ ପରିଷଦ ଗୁଡ଼ିକର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ପାଇଁ ସ୍ୱାଗତ ଦ୍ୱାରର ଏକ ସମାନ ଡିଜାଇନ୍ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରିବାକୁ ସେ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଆର୍ଥିକ ସ୍ୱାବଲମ୍ବନଶୀଳତା ଉପରେ ଗୁରୁତ୍ୱାରୋପ କରି ମନ୍ତ୍ରୀ ଡଃ ମହାପାତ୍ର କହିଥିଲେ ଯେ, ପୌର ସଂସ୍ଥାଗୁଡ଼ିକ ପାରମ୍ପରିକ ରାଜସ୍ୱ ଉତ୍ସ ଉପରେ ନିର୍ଭରଶୀଳତା ହ୍ରାସ କରି ଅଭିନବ ଉପାୟରେ ଅତିକମରେ ୫୦ ପ୍ରତିଶତ ସ୍ୱାବଲମ୍ବନଶୀଳତା ହାସଲ କରିବା ପାଇଁ କାର୍ଯ୍ୟଖସଡ଼ା ପ୍ରସ୍ତୁତ କରନ୍ତୁ।

ପ୍ରାତିଷ୍ଠାନିକ ଉତ୍ତରଦାୟିତ୍ୱ ଏବଂ ପ୍ରଶାସନିକ ଦକ୍ଷତା ବୃଦ୍ଧି ପାଇଁ ସମସ୍ତ ୟୁଏଲ୍‌ବି କର୍ମଚାରୀଙ୍କ ନିମନ୍ତେ ଏକ ଡିଜିଟାଲ୍ କର୍ମଚାରୀ ଡାଟାବେସ୍ ଏବଂ ବାଧ୍ୟତାମୂଳକ ମାସିକ ପ୍ରଗତି ରିପୋର୍ଟ ବ୍ୟବସ୍ଥା ତୁରନ୍ତ କାର୍ଯ୍ୟକାରୀ କରିବାକୁ ମଧ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀ ନିଜ ପ୍ରାରମ୍ଭିକ ଅଭିଭାଷଣରେ ଓଡ଼ିଶାର ସହରାଞ୍ଚଳର ଭବିଷ୍ୟତ ପାଇଁ ଏକ ରୂପାନ୍ତରଣମୂଳକ ଦୂରଦୃଷ୍ଟି ଉପସ୍ଥାପନ କରିବା ସହ ଉତ୍ତରଦାୟୀ, ସ୍ୱଚ୍ଛ, ଜବାବଦେହିତା ଏବଂ ନାଗରିକ-କୈନ୍ଦ୍ରିକ ଶାସନ ଉପରେ ବଳ ଦେଇଥିଲେ। ଓଡ଼ିଶାର ଦୀର୍ଘକାଳୀନ ବିକାଶ ଆଭିମୁଖ୍ୟ ସହ ସାମଞ୍ଜସ୍ୟ ରଖି ଏକ ସମନ୍ୱିତ ସହରୀ ବିକାଶ ଢାଞ୍ଚା ଅଧୀନରେ ପରିମଳ, ବର୍ଜ୍ୟବସ୍ତୁ ପରିଚାଳନା, ଗୃହନିର୍ମାଣ, ଜଳ ଯୋଗାଣ, ସବୁଜ ଭିତ୍ତିଭୂମି ଏବଂ ସ୍ମାର୍ଟ ସିଟି କାର୍ଯ୍ୟକ୍ରମଗୁଡ଼ିକର ସମନ୍ୱୟ ରକ୍ଷା କରିବା ପାଇଁ ସେ ଆହ୍ୱାନ ଦେଇଥିଲେ।

ଭାରତ ସରକାରଙ୍କ ୧ ଲକ୍ଷ କୋଟି ଟଙ୍କାର ବ୍ୟୟବରାଦ ବିଶିଷ୍ଟ 'ଅର୍ବାନ ଚ୍ୟାଲେଞ୍ଜ ଫଣ୍ଡ' ଅଧୀନରେ ଥିବା ନୂତନ ସୁଯୋଗଗୁଡ଼ିକ ସମ୍ପର୍କରେ ସୂଚନା ଦେଇ ସେ କହିଥିଲେ ଯେ, ପ୍ରତିଯୋଗିତାମୂଳକ ପାଣ୍ଠି ସହାୟତା ପାଇବା ପାଇଁ ୟୁଏଲ୍‌ବି ଗୁଡ଼ିକ ପ୍ରକଳ୍ପ ପ୍ରସ୍ତୁତି, ଅଭିନବ ଚିନ୍ତାଧାରା ଏବଂ ପ୍ରାତିଷ୍ଠାନିକ ଦକ୍ଷତା ବୃଦ୍ଧି କରନ୍ତୁ। ଭିତ୍ତିଭୂମି ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ସେ ଆନୁଷ୍ଠାନିକ ଅର୍ଥ ପ୍ରଦାନ ବ୍ୟବସ୍ଥା, ସରକାରୀ-ବେସରକାରୀ ସହଭାଗିତା ମଡେଲ ଏବଂ କ୍ରେଡିଟ୍-ଲିଙ୍କ୍ଡ୍ ଅର୍ଥାୟନ ପ୍ରକ୍ରିୟାର ଉପଯୋଗ କରିବାକୁ ପରାମର୍ଶ ଦେଇଛନ୍ତି।

ପୌର ପ୍ରଶାସନର ସମୀକ୍ଷା କରି ସହରୀ ପ୍ରଶାସନ ନିର୍ଦ୍ଦେଶକ ଅରିନ୍ଦମ ଡାକୁଆ ରାଜସ୍ୱ ବୃଦ୍ଧି, ଆକଳନ ବ୍ୟବସ୍ଥା ଏବଂ ୟୁଏଲ୍‌ବି ଗୁଡ଼ିକର କାର୍ଯ୍ୟଦକ୍ଷତା ରିପୋର୍ଟ କାର୍ଡ ସମ୍ପର୍କରେ ଆଲୋଚନା କରିଥିଲେ। ପୌର ସଂସ୍ଥାଗୁଡ଼ିକର ନିଜସ୍ୱ ଆୟ ବୃଦ୍ଧି ଏବଂ ଆର୍ଥିକ ସ୍ଥିରତା ଉପରେ ଏହି ଅବସରରେ ଆଲୋଚନା ହୋଇଥିଲା। ଜଳାଶୟଗୁଡ଼ିକର ପୁନରୁଦ୍ଧାର ଏବଂ ସହରୀ ପରିବେଶର ସନ୍ତୁଳନ ରକ୍ଷା ଉପରେ ମଧ ଗୁରୁତ୍ୱ ଦିଆଯାଇଥିଲା।

ଯୋଜନାବଦ୍ଧ ସହରୀ ସମ୍ପ୍ରସାରଣ ଏବଂ ଦ୍ରୁତ ସହରୀକରଣ ହେଉଥିବା ଅଞ୍ଚଳଗୁଡ଼ିକର ସନ୍ତୁଳିତ ବିକାଶ ଉପରେ ଆଧାରିତ 'ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା'ଏବଂ 'ଗ୍ରାମୀଣ-ସହରୀ ରୂପାନ୍ତରଣ ନୀତି' ସମ୍ପର୍କରେ ଅତିରିକ୍ତ ସଚିବ ରବୀନ୍ଦ୍ର କୁମାର ସାହୁ ଏକ ଉପସ୍ଥାପନା କରିଥିଲେ।

ଆର୍ଥିକ ପରିଚାଳନା ସହିତ କେନ୍ଦ୍ରୀୟ ଅର୍ଥ କମିଶନ ଏବଂ ରାଜ୍ୟ ଅର୍ଥ କମିଶନର ମାର୍ଗଦର୍ଶିକା ସମ୍ପର୍କରେ ଅର୍ଥ ପରାମର୍ଶଦାତା-ତଥା- ସ୍ୱତନ୍ତ୍ର ସଚିବ ଶିଖା ବିଶ୍ୱାଳ ଆଲୋଚନା କରିଥିଲେ। ୟୁଏଲ୍‌ବି ଗୁଡ଼ିକୁ ଆର୍ଥିକ ଶୃଙ୍ଖଳା ରକ୍ଷା କରିବା, ଅନୁଦାନର ସଦୁପଯୋଗ କରିବା ଏବଂ ବ୍ୟୟ ପରିଚାଳନାରେ ସ୍ୱଚ୍ଛତା ଆଣିବାକୁ ସେ ପରାମର୍ଶ ଦେଇଥିଲେ।

ଏହି ସମୀକ୍ଷାରେ ସହରାଞ୍ଚଳ ଜଳ ଯୋଗାଣ ଭିତ୍ତିଭୂମିକୁ ମଧ ପ୍ରାଧାନ୍ୟ ଦିଆଯାଇଥିଲା। ୱାଟକୋର ପରିଚାଳନା ନିର୍ଦ୍ଦେଶକ ଏବଂ ପିଏଚ୍‌ଇଓର ଇଞ୍ଜିନିୟର-ଇନ୍-ଚିଫ୍ 'ସୁଜଳ ମିଶନ' ଅଧୀନରେ ୨୪ ଘଣ୍ଟିଆ "ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍" ସୁବିଧା ଏବଂ ସମସ୍ତ ସହରାଞ୍ଚଳରେ ପାଇପ୍ ଜଳ ଯୋଗାଣର ସଂଯୋଗୀକରଣ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ।

ମଧ୍ୟାହ୍ନ ଭୋଜନ ପରବର୍ତ୍ତୀ ଅଧିବେଶନରେ 'ସହଯୋଗ' ଅଭିଯାନ ଏବଂ ବୈଜ୍ଞାନିକ ପଦ୍ଧତିରେ ବର୍ଜ୍ୟବସ୍ତୁ ପରିଚାଳନା ତଥା ସମ୍ପଦର ପୁନରୁଦ୍ଧାର ପାଇଁ 'ୱେଷ୍ଟ ଟୁ ୱେଲଥ୍' ରଣନୀତି ଉପରେ ଆଲୋଚନା କରାଯାଇଥିଲା। ସ୍ୱଚ୍ଛ ସହର ଗଠନ ପାଇଁ ଗୋଷ୍ଠୀଗତ ସହଭାଗିତା, ଆଚରଣଗତ ପରିବର୍ତ୍ତନ ଏବଂ ସ୍ଥାୟୀ ବର୍ଜ୍ୟବସ୍ତୁ ପ୍ରକ୍ରିୟାକରଣ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦିଆଯାଇଥିଲା।

କଠିନ ବର୍ଜ୍ୟବସ୍ତୁ ପରିଚାଳନା, ତରଳ ବର୍ଜ୍ୟବସ୍ତୁ ପରିଚାଳନା ଏବଂ 'ଗରିମା' ଯୋଜନା ସମେତ ସହରୀ ପରିମଳ କାର୍ଯ୍ୟକ୍ରମଗୁଡ଼ିକର ବ୍ୟାପକ ସମୀକ୍ଷା କରାଯାଇଥିଲା। ପରିମଳ ମାନଦଣ୍ଡ ବଜାୟ ରଖିବାରେ ୟୁଏଲ୍‌ବି ଗୁଡ଼ିକର ପ୍ରଦର୍ଶନର ଆକଳନ କରାଯିବା ସହ ବର୍ଜ୍ୟବସ୍ତୁ ପୃଥକୀକରଣ, ବୈଜ୍ଞାନିକ ପଦ୍ଧତିରେ ଏହାର ନିଷ୍ପାଦନ ଏବଂ ପରିମଳ କର୍ମଚାରୀଙ୍କ କଲ୍ୟାଣମୂଳକ ସହାୟତା ପାଇଁ ଆବଶ୍ୟକ ପଦକ୍ଷେପ ଉପରେ ଆଲୋଚନା କରାଯାଇଥିଲା।

ପିଏମ୍‌ଏୱାଇ (ସହରାଞ୍ଚଳ) ଏବଂ ପିଏମ୍‌ଏୱାଇ (ସହରାଞ୍ଚଳ) ୨.୦ ଅଧୀନରେ ସହରୀ ଗୃହନିର୍ମାଣ କାର୍ଯ୍ୟକ୍ରମର ସମୀକ୍ଷା କରାଯାଇଥିଲା, ଯେଉଁଥିରେ ସହରୀ ଗରିବ ଲୋକଙ୍କ ପାଇଁ ସୁଲଭ ମୂଲ୍ୟର ଗୃହ ନିର୍ମାଣ ପ୍ରକଳ୍ପ ଏବଂ ହିତାଧିକାରୀଙ୍କୁ ସାମିଲ କରିବା କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା।

ନୂତନ ଭାବେ ଗଠିତ ୟୁଏଲ୍‌ବି ଗୁଡ଼ିକର ପ୍ରାତିଷ୍ଠାନିକ ସୁଦୃଢ଼ୀକରଣ, ପ୍ରଶାସନିକ ପ୍ରସ୍ତୁତି ଏବଂ ଦକ୍ଷତା ବିକାଶ ଉପରେ ସ୍ୱତନ୍ତ୍ର ଆଲୋଚନା କରାଯାଇଥିଲା। କୁଟର ଜିଏମ୍ ସହରୀ ଯୋଜନା ଓ ପରିବହନ ବ୍ୟବସ୍ଥାର ସମୀକ୍ଷା ସମ୍ପର୍କରେ ଉପସ୍ଥାପନ କରିଥିଲେ, ଯେଉଁଥିରେ ସମନ୍ୱିତ ପରିବହନ ବ୍ୟବସ୍ଥା ଏବଂ ସର୍ବସାଧାରଣ ପରିବହନ ଭିତ୍ତିଭୂମିକୁ ସୁଦୃଢ଼ କରିବା ଉପରେ ବଳ ଦିଆଯାଇଥିଲା।

ଜନସାଧାରଣଙ୍କ ସୁରକ୍ଷା, ସହରର ସୌନ୍ଦର୍ଯ୍ୟକରଣ ଏବଂ ଶକ୍ତି ସଂରକ୍ଷଣ ପାଇଁ ସହରାଂଚଳରେ 'ସ୍ମାର୍ଟ ଏଲ୍‌ଇଡି' ଷ୍ଟ୍ରିଟ୍ ଲାଇଟ୍‌ର ଶତପ୍ରତିଶତ କାର୍ଯ୍ୟକାରିତା ଓ ଅଗ୍ରଗତିର ମଧ ଆକଳନ କରାଯାଇଥିଲା।

ସମ୍ମିଳନୀର ସମାପ୍ତ କରି ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ପାଢ଼ୀ ସମସ୍ତ ୟୁଏଲ୍‌ବି ଗୁଡ଼ିକୁ ନିର୍ଦ୍ଧାରିତ ସମୟ ମଧ୍ୟରେ ପ୍ରକଳ୍ପ ସମାପ୍ତ କରିବା, ଫ୍ଲାଗସିପ୍ ଯୋଜନାଗୁଡ଼ିକର ନିୟମିତ ଅନୁଧ୍ୟାନ, ଅଭିନବ ପ୍ରୟାସ ଏବଂ ପ୍ରଯୁକ୍ତିବିଦ୍ୟା-ଆଧାରିତ ଶାସନ ପ୍ରଣାଳୀ ଆପଣେଇ ଓଡ଼ିଶାରେ ସ୍ଥାୟୀ, ସହନଶୀଳ ଏବଂ ସମାବେଶୀ ସହରୀ ବିକାଶ ହାସଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ଉତ୍କଳ ଦୀପିକା
ଭୁବନେଶ୍ୱର, ୩୦ ମଇ, ଶନିବାର, ୨୦୨୬
RNI Regd. No. : 52640/94
Postal Regd. No. : BN/60/25-27

# ଖୁବ୍ ଶୀଘ୍ର ଆରବିଆଇ ଆଣିବ ପ୍ଲାଷ୍ଟିକ୍ ନୋଟ୍

**ନୂଆଦିଲ୍ଲୀ, ୨୯।୫**

ବଜାରକୁ ଆସୁଛି ଏମିତି ନୋଟ୍, ନା ସେ ନୋଟ୍ ଚିରିବ, ନା ଓଦା ହେବ। ଏମିତି ନୋଟ୍ ଆଣୁଛି ଆରବିଆଇ। ଯାହା ବର୍ଷାରେ ନୋଟ୍ ଓଦା ହେବା, ଛିଣ୍ଡିଯିବା ଏବଂ ଶୀଘ୍ର ଖରାପ ହେବାର ସମସ୍ୟା ଖୁବ୍ ଶୀଘ୍ର ଶେଷ ହୋଇପାରେ। ଆରବିଆଇ ଦେଶରେ ପ୍ଲାଷ୍ଟିକ୍ କିମ୍ବା ପଲିମର ନୋଟ୍ ପ୍ରଚଳନ କରିବାକୁ ପ୍ରସ୍ତୁତ ହେଉଛି, ଯାହା ପାଣି ଏବଂ ମାଟି କ୍ଷତିକୁ ପ୍ରତିରୋଧ କରିବ। ଏହି ନୂତନ ନୋଟ୍‌ଗୁଡ଼ିକ ବର୍ତ୍ତମାନର କାଗଜ ନୋଟ୍ ଅପେକ୍ଷା ଅଧିକ ଶକ୍ତିଶାଳୀ ଏବଂ ଦୀର୍ଘସ୍ଥାୟୀ ହେବ। ଯଦି ପାଇଲଟ୍ ପ୍ରୋଜେକ୍ଟ ସଫଳ ହୁଏ, ତେବେ ଖୁବ୍ ଶୀଘ୍ର ଏପରି ନୋଟ୍ ରହିବ ଯାହା ସହଜରେ ଛିଣ୍ଡିବ ନାହିଁ ଏବଂ ଅଧିକ ସୁରକ୍ଷିତ ହେବ।

ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ଏବେ 'ପ୍ଲାଷ୍ଟିକ୍ ନୋଟ୍' କିମ୍ବା 'ପଲିମର ନୋଟ୍' ପ୍ରଚଳନ କରିବାକୁ ପ୍ରସ୍ତୁତ ହେଉଛି। ଆରବିଆଇ ଖୁବ୍ ଶୀଘ୍ର ପଲିମର ନୋଟ୍ ପାଇଁ ଏକ ପାଇଲଟ୍ ପ୍ରୋଜେକ୍ଟ ଆରମ୍ଭ କରିପାରେ। ରିପୋର୍ଟ ଅନୁଯାୟୀ, ଏହି ନୋଟ୍‌ଗୁଡ଼ିକ ବର୍ତ୍ତମାନର କାଗଜ ନୋଟ୍ ଅପେକ୍ଷା ଅଧିକ ଶକ୍ତିଶାଳୀ ଏବଂ ଅଧିକ ସ୍ଥାୟୀ



ହେବ। ଏହା ନୋଟ୍‌ଗୁଡ଼ିକୁ ଶୀଘ୍ର ଖରାପ ହେବାକୁ ରୋକିବ ଏବଂ ସରକାରଙ୍କ ମୁଦ୍ରଣ ଖର୍ଚ୍ଚ ମଧ୍ୟ ହ୍ରାସ କରିପାରିବ।

ସାମ୍ପ୍ରତିକ ଆରବିଆଇ ବୋର୍ଡ ବୈଠକରେ ଏହି ଯୋଜନା ବିଷୟରେ ବିସ୍ତୃତ ଭାବରେ ଆଲୋଚନା କରାଯାଇଛି। ପୂର୍ବରୁ ୨୦୧୨ରେ ପଲିମର ନୋଟ୍ ପ୍ରଚଳନ କରିବାର ଯୋଜନା ପ୍ରସ୍ତୁତ କରାଯାଇଥିଲା, କିନ୍ତୁ ବୈଷୟିକ ସମସ୍ୟା ଯୋଗୁଁ ଏହାକୁ ସ୍ଥଗିତ ରଖାଯାଇଥିଲା। ବର୍ତ୍ତମାନ, ପ୍ରଯୁକ୍ତିବିଦ୍ୟାରେ ଉନ୍ନତି ଏବଂ ଏଟିଏମ ମେସିନଗୁଡ଼ିକୁ ଅପଡେଟ୍ କରାଯିବା ସହିତ ଆରବିଆଇ ଯୋଜନାକୁ ପୁନଃସ୍ଥାପିତ କରିବାକୁ ପ୍ରସ୍ତୁତ ହେଉଛି।

### ଜାତୀୟ ଖରିଫ ସମ୍ମିଳନୀରେ ଯୋଗଦେଲେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ

# ୨୦୨୫-୨୬ ଆର୍ଥିକ ବର୍ଷରେ ଓଡ଼ିଶାର କୃଷି କ୍ଷେତ୍ର ୫.୩% ହାରରେ ଅଭିବୃଦ୍ଧି ହାସଲ

**ନୂଆଦିଲ୍ଲୀ/ଭୁବନେଶ୍ୱର, ୨୯।୫**

ଜାତୀୟ ସ୍ତରରେ ଓଡ଼ିଶା ଏକ ଅଗ୍ରଣୀ କୃଷି ପ୍ରଧାନ ରାଜ୍ୟ ଭାବେ ଉଭା ହୋଇଛି। ନୂଆଦିଲ୍ଲୀରେ ଆୟୋଜିତ ଜାତୀୟ ଖରିଫ ସମ୍ମିଳନୀରେ ଅଂଶଗ୍ରହଣ କରି ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ, ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଛନ୍ତି ଯେ, ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ଓଡ଼ିଶାର କୃଷି କ୍ଷେତ୍ର ଆନୁମାନିକ ୫.୩% ହାରରେ ଅଭିବୃଦ୍ଧି ହାସଲ କରୁଛି, ଯାହା ଜାତୀୟ ହାର (୩.୧%) ତୁଳନାରେ ଯଥେଷ୍ଟ ଅଧିକ। ଏହି ଅର୍ଥନୈତିକ ସଫଳତା ଗତ ୨୦୨୪-୨୫ ବର୍ଷ ମଧ୍ୟରେ ରାଜ୍ୟରେ ୧୫୦ ଲକ୍ଷ ମେଟ୍ରିକ ଟନ୍‌ରୁ ଅଧିକ ଖାଦ୍ୟଶସ୍ୟ ଏବଂ ୧୫୬ ଲକ୍ଷ ମେଟ୍ରିକ ଟନ୍ ଉଦ୍ୟାନ କୃଷି ଉତ୍ପାଦ ଅମଳ କରାଯାଇଥିଲା। କେନ୍ଦ୍ର ସରକାରଙ୍କ



'ପୂର୍ବୋଦୟ' ଦୂରଦୃଷ୍ଟି ଏବଂ ରାଜ୍ୟର ନିଜସ୍ୱ 'ବିକଶିତ ଓଡ଼ିଶା ୨୦୩୬' ଆଭିମୁଖ୍ୟ ଦ୍ୱାରା ପରିଚାଳିତ ହୋଇ ରାଜ୍ୟ ସରକାର ଗ୍ରାମୀଣ ଭିତ୍ତିଭୂମିର ଉନ୍ନତି, ଚାଷୀଙ୍କ ଆୟ ବୃଦ୍ଧି ଏବଂ ଏକ ଜଳବାୟୁ-ସହନଶୀଳ କୃଷି ବ୍ୟବସ୍ଥା ଗଠନ ପାଇଁ ଚାଷୀ-କୈନ୍ଦ୍ରିକ ନୀତିଗୁଡ଼ିକୁ ଦ୍ରୁତ ଗତିରେ କାର୍ଯ୍ୟକାରୀ କରୁଛନ୍ତି। ଓଡ଼ିଶାର ଉପ-ମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ରାଜ୍ୟରେ ଆସନ୍ତା ୨୦୨୬ ଖରିଫ ସିଜିନ୍ ପାଇଁ ଗୁରୁତ୍ୱପୂର୍ଣ୍ଣ ରଣନୀତି ଉପରେ କେନ୍ଦ୍ରୀୟ ନେତାମାନଙ୍କ ସହ ଆଲୋଚନା କରିଛନ୍ତି। ଚଳିତ ବର୍ଷ ୫୭.୪୦ ଲକ୍ଷ ହେକ୍ଟର ଜମିରେ ଚାଷ କରିବାର ବୃହତ ଲକ୍ଷ୍ୟ ରଖାଯାଇଛି। ଏହି ମହତ୍ୱାକାଂକ୍ଷୀ ଚାଷ ଅଭିଯାନକୁ ସହାୟତା କରିବା ପାଇଁ ଓଡ଼ିଶା ପକ୍ଷରୁ ୪ ଲକ୍ଷ କ୍ୱିଣ୍ଟାଲ ପ୍ରାମାଣିକ ବିହନ ଯୋଗାଇବା ପାଇଁ ୧୦୦ କୋଟି ଟଙ୍କାର ଏକ କର୍ପସ ପାଣ୍ଠି ଏବଂ ସଠିକ୍ ସମୟରେ ୧୧.୪୩ ଲକ୍ଷ ମେଟ୍ରିକ ଟନ୍ ସାର ମହଜୁଦ ରଖିବା ପାଇଁ ୨୪୦ କୋଟି ଟଙ୍କାର କର୍ପସ ପାଣ୍ଠି ଗଠନ କରାଯାଇଛି। ରାଜ୍ୟ ସ୍ତରରେ, ପ୍ରମୁଖ ଯୋଜନା 'ସମୃଦ୍ଧ କୃଷକ ଯୋଜନା' ସର୍ବନିମ୍ନ ସହାୟକ ମୂଲ୍ୟ ଉପରେ ଅତିରିକ୍ତ ଇନପୁଟ୍ ସହାୟତା ମାଧ୍ୟମରେ କ୍ୱିଣ୍ଟାଲ ପିଛା ୩,୧୦୦ ଟଙ୍କାରେ ଧାନ ସଂଗ୍ରହ ସୁନିଶ୍ଚିତ କରି ଚାଷୀଙ୍କ ଆର୍ଥିକ ସଶକ୍ତିକରଣ କରାଯାଉଛି। ଏହା ସହିତ ସେବା ପ୍ରଦାନ ବ୍ୟବସ୍ଥାକୁ ଆଧୁନିକୀକରଣ କରିବା ପାଇଁ ରାଜ୍ୟ ସରକାର ଚାଷୀ ପଞ୍ଜିକରଣ, ଡିଜିଟାଲ୍ ଫସଲ ସର୍ବେକ୍ଷଣ ଏବଂ ଆଗ୍ରିଷ୍ଟାକ୍ ସମନ୍ୱୟକୁ ଅନ୍ତର୍ଭୁକ୍ତ କରି ଏକ 'ଡିଜିଟାଲ୍ କୃଷି ମିଶନ' ଆରମ୍ଭ କରୁଛନ୍ତି।

### 'ପ୍ରତିଦିନ'ର ୨୪ତମ ବାର୍ଷିକୋତ୍ସବ

# ପରିବର୍ତ୍ତନ ପାଇଁ ସବୁବେଳେ ବାଟ ଦେଖାଇଥାଏ ଗଣମାଧ୍ୟମ

**ଭୁବନେଶ୍ୱର, ୨୯।୫**
**ନ୍ୟୁଜ୍‌ବ୍ୟୁରୋ**

କୌଣସି ପରିଶ୍ରମ, ସଂଘର୍ଷ, ନିଷ୍ଠା କେବେ ବୃଥା ଯାଏ ନାହିଁ ବୋଲି 'ପ୍ରତିଦିନ'ର ୨୪ତମ ବାର୍ଷିକୋତ୍ସବରେ ଅତିଥିମାନେ ସେମାନଙ୍କ ଶୁଭକାମନା ସହ ଏହି ମତପୋଷଣ କରିଛନ୍ତି।

ଜୟଦେବ ଭବନରେ ଶୁକ୍ରବାର ଅନୁଷ୍ଠିତ 'ପ୍ରତିଦିନ'ର ବାର୍ଷିକୋତ୍ସବ ସମାରୋହରେ ମୁଖ୍ୟ ଅତିଥି ଭାବେ ସର୍ବଭାରତୀୟ କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ର ଫେଡେରେସନର ରାଷ୍ଟ୍ରୀୟ ଅଧ୍ୟକ୍ଷ ତଥା ପ୍ରେସ୍ କାଉନ୍‌ସିଲ ଅଫ୍ ଇଣ୍ଡିଆର ସଦସ୍ୟ ଗୁରିନ୍ଦର ସିଂହ, ମୁଖ୍ୟବକ୍ତା ଭାବେ ପୂର୍ବତନ ମନ୍ତ୍ରୀ ତଥା ନୟାଗଡ଼ର ବିଧାୟକ ଡ. ଅରୁଣ କୁମାର ସାହୁ, ସମ୍ମାନିତ ଅତିଥି ପ୍ରେସ୍ କାଉନସିଲ ଅଫ୍ ଇଣ୍ଡିଆର ସଦସ୍ୟ ବି.ଏମ୍ ଶର୍ମା, ଆରତୀ ତ୍ରିପାଠୀ ଓ ଅରୁଣ କୁମାର ତ୍ରିପାଠୀ, ଓଡ଼ିଶା ୟୁନିୟନ ଅଫ୍ ଜର୍ଣ୍ଣାଲିଷ୍ଟର ସଭାପତି



ପ୍ରସନ୍ନ କୁମାର ମହାନ୍ତି, ସର୍ବଭାରତୀୟ କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ର ଫେଡେରେସନ ରାଷ୍ଟ୍ରୀୟ ସେକ୍ରେଟାରୀ ଜେନେରାଲ ଅଶୋକ କୁମାର ନବରତ୍ନ, ସର୍ବଭାରତୀୟ କ୍ଷୁଦ୍ର ଓ ମଧ୍ୟ ସମ୍ବାଦପତ୍ର ଫେଡେରେସନର ରାଜସ୍ଥାନ ରାଜ୍ୟ ସଭାପତି ଡ. ଏଲ୍.ସି ଭାରତୀୟ ଏବଂ ବରିଷ୍ଠ ସାମ୍ବାଦିକ ତଥା 'ଫାଇନାନସିଆଲ ନ୍ୟୁଜ୍' ସମ୍ପାଦକ ଡ. ଅଶୋକ କୁମାର ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ।

ପ୍ରାରମ୍ଭରେ ପ୍ରତିଦିନ ଗ୍ରୁପ୍‌ର ପ୍ରାଣ ପ୍ରତିଷ୍ଠାତା ତଥା ପ୍ରେସ୍ କାଉନ୍‌ସିଲ ଅଫ୍ ଇଣ୍ଡିଆର ସଦସ୍ୟ ସୁଧୀର କୁମାର ପଣ୍ଡା ସ୍ୱାଗତଭାଷଣ ଦେଇଥିଲେ। ମୁଖ୍ୟବକ୍ତା ଡ. ସାହୁ ବର୍ତ୍ତମାନ ମିଡ଼ିଆର ତିନି ବିନ୍ଦୁ ଭାବେ ପ୍ରିଣ୍ଟ, ଇଲେକ୍ଟ୍ରୋନିକ୍ସ ମିଡ଼ିଆ ଓ ସୋସିଆଲ ମିଡ଼ିଆ କଥା ଉଲ୍ଲେଖ କରିବା ସହ କହିଥିଲେ, ସମୁଦ୍ର ମାର୍ଗରେ ବତୀଘର ଯେଭଳି ନାବିକ ମାନଙ୍କୁ ବାଟ ଦେଖାଇଥାଏ ସାମ୍ବାଦିକ ମାନେ ମଧ୍ୟ ସେହିଭଳି ସମାଜକୁ ବାଟ ଦେଖାଇଥାନ୍ତି। ସମ୍ବାଦପତ୍ରର ଭୂମିକା ଖୁବ୍ ଗୁରୁତ୍ୱପୂର୍ଣ୍ଣ। ପ୍ରତିକ୍ରିୟା ହେଲେ ପ୍ରତିବାଦ ପାଇଁ ବାଟ ଫିଟେ। ସମ୍ବାଦପତ୍ର ବିଶେଷକରି ଗଣମାଧ୍ୟମ ପରିବର୍ତ୍ତନ ପାଇଁ ସବୁବେଳେ ବାଟ ଦେଖାଇଥାଏ ବୋଲି ସେ କହିଥିଲେ।

ସମ୍ମାନିତ ଅତିଥି ଶ୍ରୀ ମହାନ୍ତି ପ୍ରେସ୍ ଆକ୍ରିଡେସନ ଓ ସାମ୍ବାଦିକଙ୍କ ସୁରକ୍ଷା ପ୍ରସଙ୍ଗ ଉଠାଇ ଏଥିପାଇଁ ବିଭିନ୍ନ ରାଜ୍ୟରେ କମିଟି ଗଠନ ହୋଇଥିବା ବେଳେ ଓଡ଼ିଶାରେ ମଧ୍ୟ ଏହା ହେବାର ନିହାତି ଆବଶ୍ୟକତା ରହିଛି ଏବଂ କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ରଗୁଡ଼ିକ ତିଷ୍ଠି ରହିବାକୁ ସଂଘର୍ଷ କରୁଥିବାବେଳେ ସରକାର ଏହା ଉପରେ ମଧ୍ୟ ନଜର ଦେବା ଉଚିତ ବୋଲି କହିଥିଲେ।

'ପ୍ରତିଦିନ' ଗ୍ରୁପର ସିଇଓ ମଧୁସ୍ମିତା ପଣ୍ଡା ଏହି ସମାରୋହକୁ ସଫଳ କରିବା ସହ ସ୍ମରଣୀୟ କରିଥିବାରୁ ଅତିଥିମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

ସମାରୋହରେ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ ଦିବ୍ୟାଙ୍କା ଦାସ। ଭୁବନେଶ୍ୱରର ନକ୍ଷତ୍ର ଗୁରୁକୁଳର କଳାକାରମାନେ ପ୍ରଦର୍ଶନ କରିଥିଲେ ଗୋଟିପୁଅ ନୃତ୍ୟ। ସମାରୋହରେ ସମାଜସେବା ସମେତ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ସମାଜସେବୀ ଏବଂ ବିଶିଷ୍ଟ ବ୍ୟକ୍ତିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

### ଜୁନ୍ ୧୦ରେ ଏନଡିଏ ଶାସିତ ରାଜ୍ୟଗୁଡ଼ିକର

# ମୁଖ୍ୟମନ୍ତ୍ରୀମାନଙ୍କ ବୈଠକ : ମୋଦୀଙ୍କୁ କରାଯିବ ସମ୍ବର୍ଦ୍ଧିତ

**ନୂଆଦିଲ୍ଲୀ, ୨୯।୫**

କେନ୍ଦ୍ରରେ ନରେନ୍ଦ୍ର ମୋଦୀଙ୍କ ସରକାରଙ୍କ ୧୨ ବର୍ଷ ପୂରଣ ଅବସରରେ ଜୁନ୍ ୧୦ରେ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ(ଏନଡିଏ) ଶାସିତ ରାଜ୍ୟଗୁଡ଼ିକର ମୁଖ୍ୟମନ୍ତ୍ରୀ ଏବଂ ଉପମୁଖ୍ୟମନ୍ତ୍ରୀମାନଙ୍କର ଏକ ବୈଠକ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି। ଅଶୋକା ହୋଟେଲରେ ଅନୁଷ୍ଠିତ ହେବାକୁ ଥିବା ଏହି ବୈଠକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସମ୍ବର୍ଦ୍ଧିତ କରାଯିବ। ଏହି ବୈଠକରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ନେତୃତ୍ୱ ଏବଂ ତାଙ୍କ କାର୍ଯ୍ୟକାଳର ସଫଳତାକୁ ପ୍ରଶଂସା କରି ଏକ ସ୍ୱତନ୍ତ୍ର ପ୍ରସ୍ତାବ ମଧ୍ୟ ଗୃହୀତ ହେବ। ଦଳୀୟ ସୂତ୍ର ଅନୁଯାୟୀ ଏହି ବୈଠକର ଉଦ୍ଦେଶ୍ୟ ହେଉଛି ଗତ ୧୨ ବର୍ଷ ମଧ୍ୟରେ ମୋଦୀ ସରକାରଙ୍କ ସଫଳତାକୁ ଜନ ସାଧାରଣଙ୍କ ନିକଟରେ ପହଞ୍ଚାଇବା ପାଇଁ ଏକ ଦେଶବ୍ୟାପୀ ଅଭିଯାନର ରୂପରେଖା ପ୍ରସ୍ତୁତ କରିବା। ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଏହି ବୈଠକରେ ଅଧ୍ୟକ୍ଷତା କରିବେ। ଗୃହମନ୍ତ୍ରୀ ଅମିତ ଶାହ, ବିଜେପି ସଭାପତି ନୀତିନ ନବୀନ, ସ୍ୱାସ୍ଥ୍ୟମନ୍ତ୍ରୀ ଜେପି ନଡ୍ଡା ଏବଂ ଅନ୍ୟ ଅନେକ ମନ୍ତ୍ରୀ ଉପସ୍ଥିତ ରହିବେ। ବୈଠକରେ ଗତ ୧୨ ବର୍ଷରେ ମୋଦୀ ସରକାରଙ୍କ ସଫଳତା, ସୁଶାସନ, ସାଂଗଠନିକ ସମନ୍ୱୟ ଏବଂ ଆଗାମୀ ବିଧାନସଭା ନିର୍ବାଚନ ପାଇଁ ରଣନୀତି ଉପରେ ଆଲୋଚନା କରାଯିବ। ଏହା କେନ୍ଦ୍ର ସରକାରଙ୍କ ଯୋଜନାଗୁଡ଼ିକର ସମୀକ୍ଷା କରିବ ଏବଂ କେନ୍ଦ୍ର-ରାଜ୍ୟ ସମନ୍ୱୟକୁ ଉନ୍ନତ କରିବ।

# ସହମତିରେ ହୋଇଥିବା ଶାରୀରିକ ସମ୍ପର୍କ ବଳାତ୍କାର ନୁହେଁ

**କଟକ, ୨୯।୫**
**ନ୍ୟୁଜ୍‌ବ୍ୟୁରୋ**

ଦୁଇ ପ୍ରାପ୍ତବୟସ୍କଙ୍କ ମଧ୍ୟରେ ସହମତିରେ ହୋଇଥିବା ଶାରୀରିକ ସମ୍ପର୍କ ବଳାତ୍କାର ନୁହେଁ। ସହମତିରେ ଶାରୀରିକ ସମ୍ପର୍କ ରଖାଯିବା ପରେ ଯଦି ବୁଝାମଣା ଅଭାବ ହୁଏ ଓ ଦୁଇ ଜଣଙ୍କ ଭିତରେ ତିକ୍ତତା ଦେଖାଦିଏ, ତେବେ ପରବର୍ତ୍ତୀ ସମୟରେ ଏପରି ସମ୍ପର୍କକୁ ବଳାତ୍କାର ଆଖ୍ୟା ଦିଆଯାଇପାରିବ ନାହିଁ। ଏକ ମାମଲାର ଶୁଣାଣି କରି ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରଦାନ କରିଛନ୍ତି ହାଇକୋର୍ଟ। ଏହି ଅବସରରେ ହାଇକୋର୍ଟ ନିମ୍ନ ଅଦାଲତଙ୍କ ଦଣ୍ଡାଦେଶକୁ ରଦ୍ଦ କରିବା ସହ ଅଭିଯୁକ୍ତଙ୍କୁ ବଳାତ୍କାର ଅଭିଯୋଗରୁ ନିର୍ଦ୍ଦୋଷରେ ଖଲାସ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଅଦାଲତ ଉଭୟ ପକ୍ଷଙ୍କୁ



ଶୁଣିବା ପରେ ମାମଲାର ପରିସ୍ଥିତିରୁ ଏହା ପରସ୍ପର ସହମତି ଭିତ୍ତିକ ସମ୍ପର୍କ ପରି ଜଣାପଡୁଥିବା ସ୍ପଷ୍ଟ କରିଛନ୍ତି କୋର୍ଟ। ପୀଡ଼ିତାଙ୍କ ଶରୀରରେ କୌଣସି ଚିହ୍ନ କିମ୍ବା ଆଘାତ ମିଳିନଥିଲା ବୋଲି ମେଡିକାଲ ଅଫିସରଙ୍କ ସାକ୍ଷ୍ୟ ଦର୍ଶାଉଛି। ଘଟଣା ଘଟିବା ପରେ ବିଳମ୍ବରେ ଏଫଆଇଆର୍ ଦାୟର କରିବାରେ କୌଣସି ସନ୍ତୋଷଜନକ ଉତ୍ତର ଦିଆଯାଇ ପାରି ନାହିଁ। ଅନ୍ୟ ପକ୍ଷରେ ଅଭିଯୁକ୍ତ ଜଣକ ପରିଚିତ ଥିଲେ ଏବଂ ସେମାନଙ୍କ ଘରକୁ ପ୍ରାୟତଃ ଯାତାୟାତ କରୁଥିଲେ ବୋଲି ସ୍ପଷ୍ଟ ହୋଇଛି। ମମାଲାଟି ଏପରି ଥିଲା ଯେ, ପୀଡ଼ିତାଙ୍କ ସ୍ୱାମୀ ୨୦୨୨ ମେ' ୨୧ ବାଲିଯାତ୍ରା ଦେଖିବାକୁ ଯାଇଥିବା ବେଳେ ସେହି ସମୟରେ ଅଭିଯୁକ୍ତ ଘରେ ପଶି ତାଙ୍କ ସ୍ତ୍ରୀଙ୍କୁ ବଳାତ୍କାର କରିଥିବା ନେଇ ଅଭିଯୋଗ ହୋଇଥିଲା। ଏ ନେଇ ପୀଡ଼ିତାଙ୍କ ସ୍ୱାମୀ ଥାନାରେ ଏତଲା ଦେଇଥିଲେ। ଏହି ଏତଲା ଆଧାରରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ ମଧ୍ୟ କରିଥିଲା। ଅଭିଯୁକ୍ତ ବିରୋଧରେ ବଳାତ୍କାର ମାମଲା ମଧ୍ୟ ରୁଜୁ ହୋଇଥିଲା। ଏହି ମାମଲାରେ ଜୟପୁରର ଅତିରିକ୍ତ ସେସନ୍ସ ଜଜ୍ (ଫାଷ୍ଟ ଟ୍ରାକ) ସ୍ପେସାଲ କୋର୍ଟ ୨୦୨୫ ଜୁଲାଇରେ ପଙ୍କଜଙ୍କୁ ଦୋଷୀ ସାବ୍ୟସ୍ତ କରି ୧୦ ବର୍ଷର କାରାଦଣ୍ଡ ଶୁଣାଇଥିଲେ। ଏହି ଦଣ୍ଡାଦେଶ ବିରୋଧରେ ଅଭିଯୁକ୍ତ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

# ଜୁନ୍ ୧ରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି

**ଭୁବନେଶ୍ୱର, ୨୯।୫: ନ୍ୟୁଜ୍‌ବ୍ୟୁରୋ**

ଆସନ୍ତା ତା ୦୧.୦୬.୨୦୨୬ ରିଖ (ସୋମବାର) ଦିନ ସକାଳ ୮.୦୦ ଘଟିକା ସମୟରେ ଭୁବନେଶ୍ୱରସ୍ଥିତ ୟୁନିଟ-୨, ଅଶୋକ ନଗରସ୍ଥିତ ପୂର୍ବତନ ସରକାରୀ ପ୍ରାଥମିକ ବିଦ୍ୟାଳୟଠାରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ। ଗତ ତା ୨୭.୦୪.୨୦୨୬ ରିଖରେ ଅନୁଷ୍ଠିତ ହେବାକୁ ଥିବା ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ପାଇଁ ପୂର୍ବରୁ ପଞ୍ଜୀକରଣ କରିଥିବା ଆବେଦନକାରୀମାନେ ଏହି ତାରିଖରେ ନିଜର ଅଭିଯୋଗ ଜଣାଇପାରିବେ। ସେମାନଙ୍କୁ ପୁନଃ ପଞ୍ଜୀକରଣ କରିବାର କୌଣସି ଆବଶ୍ୟକତା ନାହିଁ।

# ବିଦ୍ୟୁତ୍ ଖୁଣ୍ଟରୁ ପଡ଼ି ଲାଇନ୍‌ମ୍ୟାନ୍‌ଙ୍କ ମୃତ୍ୟୁ

**ଜଳେଶ୍ୱର, ୨୯।୫: ନ୍ୟୁଜ୍‌ବ୍ୟୁରୋ**

ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ମ୍ୟୁନିସିପାଲିଟିରେ ଆଲୋକୀକରଣ ବ୍ୟବସ୍ଥାର ରକ୍ଷଣାବେକ୍ଷଣ ଦାୟିତ୍ୱରେ ଥିବା ଜଣେ ଲାଇନମ୍ୟାନ୍ ଶୁକ୍ରବାର ବିଦ୍ୟୁତ ଖୁଣ୍ଟରେ କାର୍ଯ୍ୟ କରୁଥିବା ସମୟରେ ତଳକୁ ଖସିପଡ଼ି ମୃତ୍ୟୁବରଣ କରିଛନ୍ତି। ମୃତକ ଜଣକ ହେଲେ ନଛିମପୁର ପଞ୍ଚାୟତ ଆମ୍ବଳିଅଠା ଗ୍ରାମର ଦୈତାରୀ ଜେନା (୫୨)। ୨୫ ବର୍ଷରୁ ଅଧିକ ସମୟ ଧରି ଜଳେଶ୍ୱର ମ୍ୟୁନିସିପାଲଟି ଅଧୀନରେ ଲାଇନମ୍ୟାନ ଭାବେ ସେ କାମ କରୁଥିଲେ। ଗତ କିଛି ବର୍ଷ ତଳୁ 'ସୁରିୟା ରଶ୍ମି' ନାମକ ଏକ ଠିକା ସଂସ୍ଥା ଅଧୀନରେ ତାଙ୍କ କାମ ଚାଲିଥିଲା। ଶୁକ୍ରବାର ପୂର୍ବାହ୍ନ ସମୟରେ ୫ ନମ୍ବର ୱାର୍ଡ ପଥରପୁରା ଗାଁ'ର ବେଜସାହି ଗଳିରେ ବିଦ୍ୟୁତ୍ ଖୁଣ୍ଟରେ ଚଢ଼ି ଷ୍ଟ୍ରିଟ୍ ଲାଇଟ୍ ମରାମତି କରୁଥିଲେ। ଏହି ସମୟରେ ହଠାତ୍ ଖୁଣ୍ଟରୁ ଖସିପଡ଼ି ଗୁରୁତର ହୋଇଥିଲେ। ତାଙ୍କୁ ସଂଗେ ସଂଗେ ଗୁରୁତର ଅବସ୍ଥାରେ ପ୍ରଥମେ ଜଳେଶ୍ୱର ଜିକେ ଭଟ୍ଟର ହସ୍ପିଟାଲ ଓ ସେଠାରୁ ରେମୁଣାସ୍ଥିତ ଫକୀରମୋହନ ମେଡିକାଲ କଲେଜକୁ ନିଆଯାଉଥିବା ବେଳେ ତାଙ୍କର ମୃତ୍ୟୁ ଘଟିଥିଲା। ଦୈତାରୀ ଘରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ଥିଲେ। ତାଙ୍କର ମୃତ୍ୟୁ ପରେ ପରିବାରକୁ ୧୦ ଲକ୍ଷ ଟଙ୍କାର କ୍ଷତିପୂରଣ ସହ ପରିବାରର ଜଣକୁ ଚାକିରି ଦାବିରେ ସମ୍ପର୍କୀୟ ଓ ଗ୍ରାମବାସୀ ମ୍ୟୁନିସିପାଲିଟି ଅଫିସ ସମ୍ମୁଖରେ ଶବ ରଖି ଧାରଣା ଦେଇଥିଲେ। ତେବେ ସକାଳ ୯ଟାରୁ ଦୁର୍ଘଟଣା ଘଟିଥିଲେ ମଧ୍ୟ ସୁରିୟା ରଶ୍ମି ସଂସ୍ଥାର କର୍ତ୍ତୃପକ୍ଷ ଜଳେଶ୍ୱରରେ ପହଞ୍ଚି ନଥିବାରୁ ଅଧିକ ଉତ୍ତେଜନା ପ୍ରକାଶ ପାଇଥିଲା।

## ଶ୍ରୀମନ୍ଦିର ହୁଣ୍ଡିରୁ ସଂଗ୍ରହ

ତାରିଖ :-୨୯/୦୫/୨୦୨୬
୫,୯୬,୫୨୪/- ଟଙ୍କା
ସୁନା:- ୦୦ ଗ୍ରାମ୍ ୨୫୦ ମିଲିଗ୍ରାମ
ରୂପା:- ୩୫ଗ୍ରାମ୍ ୬୦୦ ମିଲିଗ୍ରାମ

# ଅଟକିଲା ବାଲ୍ୟ ବିବାହ

**ଭୁବନେଶ୍ୱର, ୨୯।୫: ନ୍ୟୁଜ୍‌ବ୍ୟୁରୋ**

ଭୁବନେଶ୍ୱର ଉପକଣ୍ଠରେ ବାଲ୍ୟ ବିବାହ ବନ୍ଦ ହୋଇଛି। ଭୁବନେଶ୍ୱର ପାହାଳ ଥାନା ଅନ୍ତର୍ଗତ ଧମିଲୋ ଗାଁରେ ବାଲ୍ୟ ବିବାହ ଚାଲିଥିଲା। ଖବର ପାଇ ଶିଶୁ ସୁରକ୍ଷା ୟୁନିଟ୍ ପୋଲିସ୍ ସହାୟତାରେ ଚଢ଼ଉ କରି ବାଲ୍ୟ ବିବାହ ବନ୍ଦ କରାଇଥିଲେ।

### ଅପରାଧ ଓ ଅପରାଧୀଙ୍କ ବିରୋଧରେ ଓଡ଼ିଶା ପୋଲିସର ରାଜ୍ୟବ୍ୟାପୀ ସ୍ପେଶାଲ ଡ୍ରାଇଭ୍

# ୧୮ ଦିନରେ ୫୭୦୩ ଜଣଙ୍କ ବିରୋଧରେ ଏନବିଡବ୍ଲୁ କାର୍ଯ୍ୟକାରୀ : ୫୨୦ ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର: ୨୯।୫**
**ନ୍ୟୁଜ୍‌ବ୍ୟୁରୋ**

ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆଙ୍କ ନିର୍ଦ୍ଦେଶ କ୍ରମେ ଗତ ମେ' ୧୨ ତାରିଖରୁ ରାଜ୍ୟର ସମସ୍ତ ପୋଲିସ ରେଞ୍ଜ୍ ଅନ୍ତର୍ଗତ ଜିଲ୍ଲା ଏସ୍‌ପି ଏବଂ ପୋଲିସ କମିଶନର, ଭୁବନେଶ୍ୱର-କଟକଙ୍କ ନେତୃତ୍ୱରେ 'ସ୍ପେଶାଲ ଡ୍ରାଇଭ୍' ଅଭିଯାନ ଜାରି ରହିଛି। ବିଗତ ୧୮ ଦିନ ମଧ୍ୟରେ ଅପରାଧ ଏବଂ ଅପରାଧୀଙ୍କ ବିରୁଦ୍ଧରେ ପୋଲିସ ପକ୍ଷରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।

ଏହି ଅଭିଯାନରେ ମୁଖ୍ୟତଃ ଜାମିନବିହୀନ ୱାରେଣ୍ଟ (ଏନବିଡବ୍ଲୁ)କୁ କାର୍ଯ୍ୟକାରୀ କରିବା, ଫେରାର ଅଭିଯୁକ୍ତଙ୍କୁ ଗିରଫ କରିବା, ନିଶା ଦ୍ରବ୍ୟ (ଗଞ୍ଜେଇ ଓ ବ୍ରାଉନସୁଗାର) ଚୋରା ଚାଲାଣକୁ ରୋକିବା, ବେଆଇନ ଅସ୍ତ୍ରଶସ୍ତ୍ର ଏବଂ ବେଆଇନ ଖଣିଜ ଚୋରା ଚାଲାଣରେ ସମ୍ପୃକ୍ତ ଯାନବାହନ ଜବତ କରିବା ସହ ମଦ୍ୟପାନ କରି ଗାଡି ଚାଳନା ଉପରେ କଠୋର ଚଢ଼ଉ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ସ୍ପେଶାଲ ଅପରେସନରେ ସମସ୍ତ ରେଞ୍ଜ ପୋଲିସ ଅଧିକାରୀ ଓ କର୍ମଚାରୀ ସାମିଲ ହୋଇ ଅପରାଧ ଏବଂ ଅପରାଧୀଙ୍କୁ ରୋକିବାରେ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଇନ ଓ ଶୃଙ୍ଖଳା) ସଞ୍ଜୟ କୁମାରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଅଭିଯାନ ସାରା ରାଜ୍ୟରେ ସଫଳତାର ସହ କାର୍ଯ୍ୟକାରୀ ହୋଇଯାଇଛି।

ଏହି ୧୮ ଦିନ ମଧ୍ୟରେ ସାରା ରାଜ୍ୟରେ ୫୭୦୩ ଜଣ ବ୍ୟକ୍ତିଙ୍କ ବିରୋଧରେ ଜାମିନବିହୀନ ୱାରେଣ୍ଟ କାର୍ଯ୍ୟକାରୀ କରାଯାଇଛି। ଫେରାର ଥିବା ୫୨୦ ଜଣ ଅଭିଯୁକ୍ତଙ୍କୁ ଧରି କୋର୍ଟ ଚାଲାଣ କରାଯାଇଥିବା ବେଳେ ୯୫୭ ଜଣ ଅଭ୍ୟାସଗତ ଅପରାଧୀଙ୍କୁ ୧୨୯ ଭାରତୀୟ ନାଗରିକ ସୁରକ୍ଷା ସଂହିତା (ବିଏନଏସଏସ୍) ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏହାସହ ୧୨୬ ଭାରତୀୟ ନାଗରିକ ସୁରକ୍ଷା ସଂହିତା ଅନୁଯାୟୀ ୨୬୨୦ ଜଣଙ୍କ ବିରୋଧରେ ପଦକ୍ଷେପ ଗ୍ରହଣ କରାଯାଇଛି। ବେଆଇନ ନିଶା କାରବାର ରୋକିବା ପାଇଁ ପୁଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇଥିଲା। ଏହି ସମୟରେ ୯୭ଟି ଏନଡିପିଏସ୍ ମାମଲା ରୁଜୁ ହୋଇଥିବାବେଳେ ୧୩୭ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସେମାନଙ୍କ ନିକଟରୁ ୭୩୯୮ କେଜି ଗଞ୍ଜେଇ, ୫୮୬ ଗ୍ରାମ୍ ବ୍ରାଉନ୍ ସୁଗର, ୨୨୦ ଗ୍ରାମ୍ ହେରୋଇନ ଏବଂ କଫ୍ ସିରପ୍ ୨୧୯ ଲିଟର ସହିତ ୧୦୫୦ ବୋତଲ କଫ୍ ସିରପ୍ ଜବତ କରାଯାଇଛି। ନିଶା କାରବାରରେ ବ୍ୟବହୃତ ୨୭ଟି ଗାଡ଼ି, ୧୪ଟି ମୋବାଇଲ୍ ଫୋନ୍, ୩ଟି ପିସ୍ତଲ ସହ ନଗଦ ୨ ଲକ୍ଷ ୯୨ ହଜାର ୮୮ ଟଙ୍କା ମଧ୍ୟ ଜବତ କରାଯାଇଛି। ଏହାସହ ୨୧୫୪ଟି ଅବକାରୀ ମାମଲା ରୁଜୁ ହୋଇଛି।

ଏହାସହ ସଡ଼କ ସୁରକ୍ଷା ଓ ମୋଟର ଯାନ ଏନଫୋର୍ସମେଣ୍ଟକୁ ମଧ୍ୟ ବିଶେଷ ଗୁରୁତ୍ୱ ଦିଆଯାଇଛି। ନିଶାସକ୍ତ ଅବସ୍ଥାରେ ଗାଡ଼ି ଚାଳନା କରୁଥିବା ୩୨୯୩ ଜଣ ଚାଳକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଇ ଗାଡ଼ିଗୁଡ଼ିକୁ ଜବତ କରାଯାଇଛି। ଅନ୍ୟାନ୍ୟ ସଡ଼କ ସୁରକ୍ଷା ନିୟମ ଉଲ୍ଲଂଘନ ମାମଲାରେ ମୋଟ ୬ କୋଟି ୪୬ ଲକ୍ଷ ୭ ହଜାର ୫୬୦ ଟଙ୍କା ଜରିମାନା ଆଦାୟ କରାଯାଇଛି।

ଗୋ-ଚାଲାଣ ରୋକିବାକୁ ପୁଲିସ ୨୯ଟି ମାମଲା ରୁଜୁ କରିଥିବାବେଳେ ୧୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ପୁଲିସର ତ୍ୱରିତ କାର୍ଯ୍ୟାନୁଷ୍ଠାନ ଫଳରେ ୧୭ଟି ଗାଡ଼ିରୁ ୨୮୪ଟି ଗାଈଙ୍କୁ ଉଦ୍ଧାର କରାଯାଇଛି। ଚୋରା ଖଣି କାରବାର ବିରୋଧରେ ମଧ୍ୟ ପୁଲିସ କଡ଼ା ପଦକ୍ଷେପ ନେଇ ୬୫୪ଟି ମାମଲାରେ ୧୬୨ ଜଣଙ୍କୁ ଗିରଫ କରିଛି। ଗତ ୧୮ ଦିନ ମଧ୍ୟରେ ୮୭୮ଟି ହାଇୱା, ଟ୍ରକ୍, ଟ୍ରାକ୍ଟର, ଟ୍ରିପର, ପାୱାରଟିଲର ଓ ଜେସିବି ଜବତ କରାଯାଇଛି। ବେଆଇନ ଅସ୍ତ୍ର କାରବାର ରୋକିବାକୁ ୩୧ଟି ମାମଲା ରୁଜୁ କରାଯାଇଥିବାବେଳେ ୩୫ ଜଣଙ୍କୁ ଗିରଫ କରାଯାଇଛି। ସେମାନଙ୍କଠାରୁ ୩୯ ବନ୍ଧୁକ, ୨୯ ଗୁଳି ଜବତ କରାଯାଇଛି।

ୱାରେଣ୍ଟ କାର୍ଯ୍ୟକାରୀ କରିବାରେ କେନ୍ଦ୍ରାଞ୍ଚଳ ରେଞ୍ଜ କଟକ ସର୍ବାଗ୍ରେ ରହିଛି। ଏହି ରେଞ୍ଜରେ ୧୮ ଦିନ ମଧ୍ୟରେ ୧୫୧୯ଟି ୱାରେଣ୍ଟ କାର୍ଯ୍ୟକାରୀ କରାଯାଇଛି। ଦକ୍ଷିଣାଞ୍ଚଳ ରେଞ୍ଜ, ବ୍ରହ୍ମପୁରରେ ୮୪୯ , ପଶ୍ଚିମାଞ୍ଚଳ ରେଞ୍ଜ, ରାଉରକେଲାରେ ୩୨୯, ପୂର୍ବାଞ୍ଚଳ ରେଞ୍ଜ, ବାଲେଶ୍ୱରରେ ୭୪୫, ଉତ୍ତର-କେନ୍ଦ୍ରାଞ୍ଚଳ ରେଞ୍ଜ, ତାଳଚେରରେ ୬୮୩ଟି, ଉତ୍ତରାଞ୍ଚଳ ରେଞ୍ଜ, ସମ୍ବଲପୁରରେ ୪୪୩ , ଦକ୍ଷିଣ-ପଶ୍ଚିମାଞ୍ଚଳ ରେଞ୍ଜ, କୋରାପୁଟରେ ୫୫୩ ଏବଂ କମିଶନରେଟ୍ ପୁଲିସ ଅଞ୍ଚଳରେ ୫୮୨ଟି ୱାରେଣ୍ଟ କାର୍ଯ୍ୟକାରୀ କରାଯାଇଛି। ନିଶା ବିରୋଧୀ ଅଭିଯାନରେ ଦକ୍ଷିଣ-ପଶ୍ଚିମାଞ୍ଚଳ ରେଞ୍ଜ, କୋରାପୁଟ ସର୍ବାଧିକ ୩୧୭୧ କେଜି ଗଞ୍ଜେଇ ଜବତ କରିଛି। ଦକ୍ଷିଣାଞ୍ଚଳ ରେଞ୍ଜରୁ ୨୮୬୨ କେଜି, କେନ୍ଦ୍ରାଞ୍ଚଳ ରେଞ୍ଜରୁ ୩୮୪ କେଜି, ଉତ୍ତରାଞ୍ଚଳ ରେଞ୍ଜରୁ ୯୬୩ କେଜି ଏବଂ ପଶ୍ଚିମାଞ୍ଚଳ ରେଞ୍ଜରୁ ୧୫୧ କେଜି ଗଞ୍ଜେଇ ଜବତ ହୋଇଛି।

ସାଧାରଣ ଲୋକଙ୍କୁ ସେବା ଓ ସୁରକ୍ଷା ଯୋଗାଇ ଦେବାକୁ ଓଡ଼ିଶା ପୋଲିସ ସଦାସର୍ବଦା ପ୍ରତିଶ୍ରୁତିବଦ୍ଧ। ଆଗାମୀ ଦିନରେ ମଧ୍ୟ ଅପରାଧ ଏବଂ ଅପରାଧୀମାନଙ୍କ ବିରୁଦ୍ଧରେ ଏହିପରି ସ୍ପେଶାଲ ଏନଫୋର୍ସମେଣ୍ଟ ଅଭିଯାନ ଜାରି ରହିବ ଏବଂ ବେଆଇନ ମାଫିଆଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଡିଜିପି ଯୋଗେଶ ବାହାଦୁର ଖୁରାନିଆ ସୂଚନା ଦେଇଛନ୍ତି।

# ସୁବର୍ଣ୍ଣପୁରରେ କାଳବୈଶାଖୀ ତାଣ୍ଡବ : ବ୍ୟାପକ କ୍ଷୟକ୍ଷତି

**ସୁବର୍ଣ୍ଣପୁର, ୨୯।୫: ନ୍ୟୁଜ୍‌ବ୍ୟୁରୋ**

ଗୁରୁବାର ଦିନ ରାତ୍ର ପ୍ରାୟ ୮.୧୫ ବେଳେ ସୁବର୍ଣ୍ଣପୁର ସହର ଓ ଆଖପାଖ ଅଞ୍ଚଳରେ ପ୍ରବଳ କାଳବୈଶାଖୀ ଝଡ଼ ସାଙ୍ଗକୁ ବର୍ଷା ଓ କିଛି ସ୍ଥାନରେ କୁଆପଥର ମାଡ଼ ହୋଇ ବ୍ୟାପକ କ୍ଷୟକ୍ଷତି ଘଟାଇଛି। ପ୍ରାୟ ୨୦ ମିନିଟ୍ ଧରି ଚାଲିଥିବା ଏହି ପ୍ରଳୟଙ୍କରୀ ଝଡ଼ରେ ଜନଜୀବନ ସମ୍ପୂର୍ଣ୍ଣ ଅସ୍ତବ୍ୟସ୍ତ ହୋଇପଡିଛି। ଘରର ଛାତ ସହ ରାସ୍ତାର ହୋର୍ଡ଼ିଂ, ଟ୍ରାଫିକ ପୋଷ୍ଟ ଏବଂ ବାଇକ୍ ମଧ୍ୟ ଉଡ଼ାଇ ନେଇଥିବା ଦେଖିବାକୁ ମିଳିଥିଲା। ସହରର ଜୟଗୁରୁ ମାର୍କେଟ ମେନ ରୋଡ୍, କଲେଜ ରୋଡ୍, ବସ୍‌ଷ୍ଟାଣ୍ଡ ଓ ଷ୍ଟେଟ ବ୍ୟାଙ୍କ ରାସ୍ତା ସହ ସହରର ସମସ୍ତ ୱାର୍ଡ ଏବଂ ଉଲୁଣ୍ଡା ବ୍ଲକର କିଛି ଅଞ୍ଚଳରେ ବଡ଼ବଡ଼ ଗଛ ଉପୁଡି ପଡ଼ିଛି। ଫଳରେ ରାସ୍ତା ଅବରୋଧ ହୋଇଛି। ତୁରନ୍ତ ଜିଲ୍ଲା ପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲ୍ଲାପାଳ ଙ୍କ ଉପସ୍ଥିତିରେ ଅଗ୍ନିଶମ ବିଭାଗ, ବିଦ୍ୟୁତ୍ ବିଭାଗ ସହ ଅନ୍ୟାନ୍ୟ ବିଭାଗୀୟ କର୍ମଚାରୀ ଉଦ୍ଧାର କାର୍ଯ୍ୟ ଜାରି ରଖିଥିବା ବେଳେ ପୌର ପରିଷଦ କର୍ମଚାରୀ ମଧ୍ୟ ସଫେଇ କାର୍ଯ୍ୟ ଜାରି ରଖିଛନ୍ତି। ବହୁ ସ୍ଥାନରେ ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗିଯିବା ଓ ଗଛ ତାର ଉପରେ ପଡ଼ି ଛିଡିଯିବା ଯୋଗୁଁ ସମଗ୍ର ସହର ପ୍ରାୟ ୧୮ ଘଣ୍ଟା ଧରି ଅନ୍ଧାରରେ ଥିବା ବେଳେ କେତେବେଳେ ଲାଇଟ୍ ଆସିବ ଅନିଶ୍ଚିତତା ଦେଖାଯାଇଛି। ବିଦ୍ୟୁତ୍ ବିଭାଗ ପୁନଃରୁଦ୍ଧାର କାମରେ ଲାଗିଛି। ସେପଟେ ପ୍ରବଳ ଗୁଳୁଗୁଳିରେ ଭାଜି ହେଉଛନ୍ତି ସୁବର୍ଣ୍ଣପୁର ଜିଲ୍ଲା ବାସୀ। ବିଦ୍ୟୁତ ଯୋଗୁଁ ଜଳ ଯୋଗାଣ ମଧ୍ୟ ଠପ୍ ହୋଇଯାଇଛି।

# ମାଟ୍ରିକ ଟପ୍ପର ଏବଂ ଅଭିଭାବକଙ୍କୁ ସମ୍ବର୍ଦ୍ଧିତ କଲେ ରାଜ୍ୟପାଳ

**ଭୁବନେଶ୍ୱର, ୨୯।୫: ନ୍ୟୁଜ୍‌ବ୍ୟୁରୋ**

ଜୀବନରେ ସଫଳତା ହାସଲ କରିବା ପାଇଁ ମୂଲ୍ୟବୋଧ, କରୁଣା ଏବଂ ସାଧୁତା ବଜାୟ ରଖିବାକୁ ମାଟ୍ରିକ ଟପ୍ପର ମାନଙ୍କୁ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ଆହ୍ୱାନ ଜଣାଇଛନ୍ତି। ପ୍ରକୃତ ସଫଳତା କେବଳ ଶିକ୍ଷାଗତ ଉତ୍କର୍ଷତାରେ ନୁହେଁ ବରଂ ସମାଜ ଏବଂ ମାନବ ସେବାରେ ରହିଛି ବୋଲି ମଧ୍ୟ କହିଛନ୍ତି। ଶୁକ୍ରବାର ଦିନ ଲୋକଭବନର ନ୍ୟୁ ଅଭିଷେକ ହଲ୍‌ରେ ମାଧ୍ୟମିକ ଶିକ୍ଷା ବୋର୍ଡ, ସିବିଏସଇ ଏବଂ ଆଇସିଏସଇ ଦ୍ୱାରା ପରିଚାଳିତ ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷା-୨୦୨୬ରେ ରାଜ୍ୟରେ ଟପ୍ପର ହୋଇଥିବା ଛାତ୍ରଛାତ୍ରୀ ଏବଂ ସେମାନଙ୍କ ଅଭିଭାବକମାନଙ୍କ ନିମନ୍ତେ ଆୟୋଜିତ ଏକ ସ୍ୱତନ୍ତ୍ର ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ରାଜ୍ୟପାଳ ଏହା କହିଛନ୍ତି। ଏହି ଅବସରରେ ରାଜ୍ୟର ପ୍ରଥମ ମହିଳା ଡ. ଜୟଶ୍ରୀ କମ୍ଭମପାଟି ମଧ୍ୟ ଉପସ୍ଥିତ ଥିଲେ। ଏହି ଅବସରରେ କୃତୀ ପ୍ରତିଭାବାନ ଛାତ୍ରଛାତ୍ରୀମାନଙ୍କୁ ଉଦ୍‌ବୋଧନ ଦେଇ ରାଜ୍ୟପାଳ କହିଥିଲେ ଯେ, ଶ୍ରେଣୀଗୃହ ବାହାରେ ଥିବା ଦୁନିଆ ସୁଯୋଗ, ଦାୟିତ୍ୱ ଏବଂ ଆହ୍ୱାନରେ ପରିପୂର୍ଣ୍ଣ, ଯାହା ଜଣେ ବ୍ୟକ୍ତିର ଚରିତ୍ରକୁ ପରୀକ୍ଷା କରିଥାଏ। ଜୀବନ ଆପଣଙ୍କୁ କେବଳ ଆପଣ ରଖିଥିବା ମାର୍କ ଦ୍ୱାରା ମାପିବ ନାହିଁ, ବରଂ ଆପଣ ରଖିଥିବା ମୂଲ୍ୟବୋଧ, ଆପଣ ଦେଖାଉଥିବା କରୁଣା ଏବଂ ଅନ୍ୟର ଜୀବନରେ ରଖିଥିବା ସକାରାତ୍ମକ ପାର୍ଥକ୍ୟ ଦ୍ୱାରା ମାପିବ ବୋଲି ରାଜ୍ୟପାଳ କହିଥିଲେ।





## ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୫୪୮, ୨୫୪୫୬୭୮
Email : utkaldeepika2016@gmail.com